# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଜାନୁୟାରୀ ୨୮/୨୦୨୨ (୧୨ ପୃଷ୍ଠା) | Rayagada, Friday, January 28/2022 | ★

୧୧ଶ ଭାଗ ୩୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବିବାହ ବନ୍ଧନରେ ମୌନୀ ରୟ**

ଅଭିନେତ୍ରୀ ମୌନୀ ରୟ ତାଙ୍କ ବୟଫ୍ରେଣ୍ଡ ସୁରଜ ନାମ୍ବିଆରଙ୍କୁ ଜୀବନ ସାଥୀ କରିଛନ୍ତି। ଗୋଆରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଛି।


୧୦

୦୮

**ଭାରତୀୟ ଦଳରେ ରବି ବିଷ୍ଣୋଇ**

ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଯୁବ ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କୁ ଭାରତୀୟ କ୍ରିକେଟ ଦଳରେ ନୂଆ ଖେଳାଳି ଭାବେ ସ୍ଥାନ ମିଳିଛି।





# ବଜାରରେ ମିଳିବ କୋଭାକ୍ସିନ, କୋଭିଶିଲ୍ଡ

## ଡିସିଜିଆଇର ସର୍ତ୍ତମୂଳକ ମଞ୍ଜୁରୀ




ନୂଆଦିଲ୍ଲୀ,୨୭।୧(ପି.ଟି.)

କୋଭିଡ୍ ଟିକା କୋଭାକ୍ସିନ ଏବଂ କୋଭିଶିଲ୍ଡ ବୟସ୍କ ଲୋକମାନଙ୍କ ବ୍ୟବହାର ନିମନ୍ତେ ଏଣିକି ବଜାରରେ ଉପଲବ୍ଧ ହେବ। ଭାରତର ଔଷଧ ନିୟନ୍ତ୍ରକ (ଡିସିଜିଆଇ) ନିର୍ଦ୍ଦିଷ୍ଟ ସର୍ତ୍ତରେ ଉକ୍ତ ଟିକାକୁ ନିୟମିତ ବଜାର ଅନୁମୋଦନ ପ୍ରଦାନ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସମସ୍ତଙ୍କ ପାଇଁ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ସମେତ ସମ୍ମୁଖ ଯୋଦ୍ଧା ଏବଂ ବହୁବିଧ ରୋଗ ଥିବା ବରିଷ୍ଠ ନାଗରିକଙ୍କ ପାଇଁ ପ୍ରିକଶନ ଡୋଜ୍ ପ୍ରଦାନ କରାଯାଉଥିବା ସରକାରୀ ଟିକାକରଣ ଅଭିଯାନ ଜାରି ରହିବ। ତେବେ ଡିସିଆଇ ମଞ୍ଜୁରୀ କ୍ରମେ କୋଭାକ୍ସିନ ଏବଂ କୋଭିଶିଲ୍ଡ ଘରୋଇ କ୍ଲିନିକ୍‌ରେ ଉପଲବ୍ଧ ହେବ। ଧାର୍ଯ୍ୟ ହୋଇଥିବା ମୂଲ୍ୟ ଦେଇ ଲୋକେ ସେଠାରୁ ଟିକା କିଣିପାରିବେ। ତେବେ କେବଳ ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଟିକାଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବୁଷ୍ଟର ଡୋଜ୍ ନେବାକୁ ଚାହୁଁଥିବା ଲୋକେ ଘରୋଇ କ୍ଲିନିକ୍ ଜରିଆରେ ଏହା ଯେପରି ପାଇପାରିବେ, ସେଥିପାଇଁ ଔଷଧ ନିୟନ୍ତ୍ରକ କୋଭାକ୍ସିନ ଓ କୋଭିଶିଲ୍ଡକୁ ବଜାର ଅନୁମତି ପ୍ରଦାନ କରିଛନ୍ତି। ସେହିପରି ଜଣେ ଚାହିଁଲେ ଟିକାର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟ ଘରୋଇ କ୍ଲିନିକ୍‌ରୁ ନେଇପାରିବେ। ତେବେ କୋ-ୱିନ୍ ପ୍ଲାଟଫର୍ମରେ ଟିକା ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଟିକା ଦାମ୍ ୨୭୫ ଟଙ୍କା ରହିପାରେ। ଏଥିସହିତ ସେବା ଦେୟ ବାବଦରେ ଆଉ ୧୫୦ ଟଙ୍କା ଦେବାକୁ ପଡ଼ିବ। ସୂଚନାଯୋଗ୍ୟ, ବର୍ତ୍ତମାନ ଘରୋଇ କ୍ଲିନିକ୍‌ରେ କୋଭାକ୍ସିନ ୧,୨୦୦ ଟଙ୍କା ଏବଂ କୋଭିଶିଲ୍ଡ ୭୮୦ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ସେବା ଦେୟ ବାବଦରେ ୧୫୦ ଟଙ୍କା ଦେବାକୁ ପଡୁଛି।

ନୂଆ ଔଷଧ ଓ କ୍ଲିନିକାଲ ପରୀକ୍ଷା ନିୟମାବଳୀ, ୨୦୧୯ ଆଧାରରେ ଉପରୋକ୍ତ ଟିକାକୁ ଖୋଲା ବାଜରରେ ବିକ୍ରି ପାଇଁ ଅନୁମତି ମିଳିଛି। ଏଥିପାଇଁ ଯେଉଁ ସର୍ତ୍ତ ରଖାଯାଇଛି, ତାହା ହେଲା, କମ୍ପାନୀ ଟିକାର କ୍ଲିନିକାଲ ପରୀକ୍ଷା ତଥ୍ୟ ଦାଖଲ କରିବ। ଏଥିସହିତ ଦେଶରେ କାର୍ଯ୍ୟକ୍ରମ ଆଧାରିତ ଟିକାକରଣ ଲାଗି କୋୱିନ୍ ଆପ୍‌ରେ ଟିକା ଯୋଗାଣ ଜାରି ରଖିବାକୁ ହେବ। ସେହିପରି ଟିକା ନେବା ପରେ ଏହାର ପାର୍ଶ୍ୱ ପ୍ରତିକ୍ରିୟାକୁ ଅନୁଧ୍ୟାନ କରିବା ଲାଗି ସର୍ତ୍ତ ରଖାଯାଇଛି। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ବିଶେଷଜ୍ଞ କମିଟି (ଏସ୍‌ଇସି)ର ଜାନୁୟାରୀ ୧୯ର ସୁପାରିସ କ୍ରମେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍‌କୁ ଉପରୋକ୍ତ ସର୍ତ୍ତରେ ବୟସ୍କ ବ୍ୟକ୍ତିମାନଙ୍କ ବ୍ୟବହାର ନିମନ୍ତେ ବଜାରରେ ଉପଲବ୍ଧ କରାଇବା ଲାଗି ମଞ୍ଜୁରୀ ପ୍ରଦାନ କରିଛି। କୋଭିଶିଲ୍ଡକୁ ବଜାରରେ ବିକ୍ରି ଲାଗି ଅନୁମତି ପ୍ରଦାନ ନିମନ୍ତେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଡିସିଜିଆଇ ନିକଟରେ ଗତବର୍ଷ ଅକ୍ଟୋବର ୨୫ରେ ଆବେଦନ କରାଯାଇଥିଲା। ଏହା ପରେ ଭାରତ ବାୟୋଟେକ୍ ମଧ୍ୟ ନିଜ ଟିକାର ବଜାର ଅନୁମୋଦନ ଲାଗି ଔଷଧ ନିୟନ୍ତ୍ରକଙ୍କ ଦ୍ୱାରସ୍ଥ ହୋଇଥିଲା।

ସୂଚନାଯୋଗ୍ୟ, ଗତବର୍ଷ ଜାନୁୟାରୀ ୩ରେ କୋଭାକ୍ସିନ ଏବଂ କୋଭିଶିଲ୍ଡକୁ ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ମିଳିଥିଲା। ଏହା ପରେ ଜାନୁୟାରୀ ୧୬ରୁ ଦେଶରେ ଟିକାକରଣ ଆରମ୍ଭ ହୋଇଥିଲା।

# ପିପିଲିରୁ ଅଭିଯୁକ୍ତ ଗିରଫ

**ପୁରୀ ଶିଶୁକନ୍ୟା ବଳାତ୍କାର ମାମଲା**



ଗିରଫ ଅଭିଯୁକ୍ତ ମହେଶ ମହାନ୍ତି

- ସହଯୋଗ ସନ୍ଦେହରେ ଜଣେ ଅଟକ
- ରେଡ୍ ଫ୍ଲାଗ୍ କେସ୍ ଅନ୍ତର୍ଭୁକ୍ତ କରାଯିବ
- ୨୦ ଦିନରେ ଚାର୍ଜଶିଟ୍ ଦାଖଲ ହେବ

ପୁରୀ ଅଫିସ,୨୭।୧

ପୁରୀ ଟାଉନ ଥାନା ଅଞ୍ଚଳରେ ଗତ ୨୩ ତାରିଖରେ ୫ବର୍ଷୀୟା ଶିଶୁକନ୍ୟାକୁ ଉଠାଇନେଇ ବଳାତ୍କାର କରାଯିବା ମାମଲାର ଅଭିଯୁକ୍ତ ମହେଶ ମହାନ୍ତିଙ୍କୁ ପୁରୀ ପୋଲିସ ବୁଧବାର ରାତିରେ ଗିରଫ କରିଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସୀମାନ୍ତ ପିପିଲି ଅଞ୍ଚଳରୁ ମହେଶଙ୍କୁ ଗିରଫ କରାଯାଇ ଡାକ୍ତରୀ ମାଇନା କରାଯିବା ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ତାଙ୍କୁ ସହଯୋଗ କରିଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ମାମଲାକୁ ରେଡ୍‌ଫ୍ଲାଗ୍ କେସ୍‌ରେ ସାମିଲ କରାଯିବାକୁ ପଦକ୍ଷେପ ନିଆଯିବ। ସେହିପରି ୨୦ଦିନ ମଧ୍ୟରେ ତଦନ୍ତ ଶେଷ କରାଯାଇ କୋର୍ଟରେ ଚାର୍ଜଶିଟ ଦାଖଲ କରାଯିବ। ମାମଲାର ଦ୍ରୁତ ଶୁଣାଣି ପାଇଁ ମଧ୍ୟ ପୋଲିସ ଉଦ୍ୟମ କରିବ। ଅନ୍ୟପକ୍ଷରେ ପୀଡ଼ିତା ଏବେ ସୁସ୍ଥ ଅଛନ୍ତି ଓ ତାଙ୍କୁ ଶିଶୁ କଲ୍ୟାଣ କମିଟି ନିକଟରେ ଉପସ୍ଥିତ କରାଇବାକୁ ପୋଲିସ ସବୁ ପ୍ରକାର ସହଯୋଗ କରୁଛି ବୋଲି ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ସମ୍ପୃକ୍ତ ଶିଶୁକନ୍ୟାଙ୍କୁ ବଳାତ୍କାର ନେଇ ପରିବାର ପକ୍ଷରୁ ପୁରୀ ଟାଉନ୍ ଥାନାରେ ଲିଖିତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସବୁଜ ଆଣବିକ ଶକ୍ତି

**ଆଜିର ମନ୍ତବ୍ୟ**

" ଉତ୍ତର ପ୍ରଦେଶର ଚଳିତ ବିଧାନସଭା ନିର୍ବାଚନ ପରବର୍ତ୍ତୀ ୨୦ ବର୍ଷ ପାଇଁ ରାଜ୍ୟର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ।

- ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ






## ଟାଟାକୁ ଫେରିଲା ଏୟାର ଇଣ୍ଡିଆ




ନୂଆଦିଲ୍ଲୀ,୨୭।୧(ପି.ଟି.)

ବିପୁଳ କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆ ଶେଷରେ ଏହାର ପ୍ରତିଷ୍ଠାତା କମ୍ପାନୀ ଟାଟା ଗ୍ରୁପ୍ ନିକଟକୁ ଫେରିଛି। ଟାଟା କମ୍ପାନୀ ପ୍ରାୟ ୭ ଦଶକ ପୂର୍ବେ ଏହି ଏୟାରଲାଇନ୍ସ ଉପରୁ ନିୟନ୍ତ୍ରଣ ହରାଇଥିଲା। ଏହାକୁ ବିଶ୍ୱସ୍ତରୀୟ ଏୟାରଲାଇନ୍ସରେ ପରିଣତ କରାଯିବ ବୋଲି ଟାଟା ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଗତବର୍ଷ ଅକ୍ଟୋବରରେ ସ୍ପାଇସ୍‌ଜେଟ୍ ପ୍ରମୋଟରଙ୍କୁ ପଛରେ ପକାଇ ଟାଟା ସନ୍ସର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ ଏୟାରଇଣ୍ଡିଆ ଅଧିଗ୍ରହଣ ଲାଗି ବିଡ୍ ଜିତିଥିଲେ। ଗୁରୁବାର ଆନୁଷ୍ଠାନିକ ଭାବେ ଏହି ଏୟାରଲାଇନ୍ସକୁ ଟାଟା ଗ୍ରୁପ୍‌କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ପୂର୍ବରୁ ଚନ୍ଦ୍ରଶେଖରନ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଏହା ପରେ ଏୟାର ଇଣ୍ଡିଆ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ନୂଆ ବୋର୍ଡ ଅଫ୍ ବୋର୍ଡ ଅଫ୍ ଡାଇରେକ୍ଟର ଏକାଠି ହୋଇ ହସ୍ତାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଏଥିପାଇଁ ଟାଟା ସନ୍ସର ସବ୍‌ସିଡିଆରି ଟାଲେସ୍ ପ୍ରା.ଲିଃଠାରୁ ସରକାର ୨,୭୦୦ କୋଟି ଟଙ୍କା ଗ୍ରହଣ କରିଛନ୍ତି। ଏହାବ୍ୟତୀତ ଚୁକ୍ତି ଅନୁଯାୟୀ ଟାଟା କମ୍ପାନୀ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ☞ପୃଷ୍ଠା-୪









**ଦେଶରେ କମିଲା ସକ୍ରିୟ ମାମଲା**

ଦେଶରେ ଗତ ୨୪ ଘଣ୍ଟାରେ ୨,୮୬,୩୮୪ କରୋନାରେ ସଂକ୍ରମିତ ହୋଇଛନ୍ତି। ମୋଟ ମାମଲା ,୦୩,୭୧,୫୦୦କୁ ବୃଦ୍ଧି ପାଇଛି। ସେହିପରି ଦିନକରେ ୫୭୩ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ସକ୍ରିୟ ମାମଲା ୨୨,୦୨,୪୭୨କୁ ଖସିଛି। ସଂକ୍ରମଣ କମୁଥିବାରୁ ଦିଲ୍ଲୀରେ ସପ୍ତାହାନ୍ତ କର୍ଫ୍ୟୁ ହଟାଯାଇଛି। ପୂର୍ବରୁ ଯୁଗ୍ମ-ଅଯୁଗ୍ମ ଆଧାରରେ ମାର୍କେଟ ଖୋଲୁଥିବାବେଳେ ଏବେ ଏହି କଟକଣା ମଧ୍ୟ ହଟିଛି। ଏଥିସହ ରେଷ୍ଟୁରାଣ୍ଟ ଓ ସିନେମା ହଲ୍‌ଗୁଡ଼ିକ ୫୦% ଦକ୍ଷତାରେ ଚଳାଇବାକୁ ଦିଲ୍ଲୀ ସରକାର ଅନୁମତି ଦେଇଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କୁ ପିଟି ହତ୍ୟା: ୨ ଗିରଫ

**ଲକ୍ଷ୍ନୌ,୨୭।୧:** ଉତ୍ତରପ୍ରଦେଶର ସାହାରନପୁର ଜିଲାରେ ବୁଧବାର ଜଣେ ଖବରଦାତାଙ୍କୁ କେତେଜଣ ଦୁର୍ବୃତ୍ତ ପିଟି ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପୋଲିସ ଗୁରୁବାର ଗିରଫ କରିଥିବାବେଳେ ତୃତୀୟ ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା ଚଳାଇଛି। ଜିଲାର କୋଟ୍ୱାଲି ଦେହାତ ଥାନା ଅଞ୍ଚଳରେ ବୁଧବାର ଖବରଦାତା ସୁଧୀର ସାଇନି ମୋଟର ସାଇକେଲରେ ଏକ କାର୍‌କୁ ଓଭରଟେକ୍ କରିବାକୁ ନେଇ ବଚସା ହୋଇଥିଲା। କାର୍‌ରେ ଥିବା ଅଭିଯୁକ୍ତମାନେ ସାଇନିଙ୍କୁ ନିସ୍ତୁକ ମାଡ଼ମାରି ମୁମୂର୍ଷୁ ଅବସ୍ଥାରେ ଏକ ପୋଖରୀ ନିକଟରେ ଛାଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୩୦୨ରେ ମାମଲା ରୁଜୁ ହୋଇଛି। ଜାହାଙ୍ଗୀର ଓ ଫର୍‌ମାନଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ସାଙ୍ଗ ମନ୍ନାନ ଫେରାର ଅଛନ୍ତି। ଅଭିଯୁକ୍ତମାନେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି।

### ନିଖୋଜ ବାଳକଙ୍କୁ ଫେରାଇଲା ପିଏଲ୍‌ଏ

**ଗୁଆହାଟୀ,୨୭।୧:** ଅରୁଣାଚଳପ୍ରଦେଶରୁ ନିଖୋଜ ହୋଇଯାଇଥିବା ବାଳକ ମିରାମ ଟାରୋନଙ୍କୁ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଗୁରୁବାର ଭାରତୀୟ ସେନାଙ୍କୁ ହସ୍ତାନ୍ତର କରିଛି। ସ୍ଥାନୀୟ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି।



ଅରୁଣାଚଳପ୍ରଦେଶର ଉପର ସିଆଙ୍ଗ ଜିଲା ଅନ୍ତର୍ଗତ ଜିଡୋର ୧୭ ବର୍ଷୀୟ ମିରାମ ଗତ ୧୮ ତାରିଖରେ ଭୁଲ୍‌ବଶତଃ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅତିକ୍ରମ କରିଯିବା ପରେ ପିଏଲ୍‌ଏ ତାଙ୍କୁ ଧରିନେଇଥିଲା। ସପ୍ତାହେରୁ ଉର୍ଦ୍ଧ୍ୱ ସମୟ ତାଙ୍କୁ ଅଟକ ରଖିବା ପରେ ଅଞ୍ଜଓ୍ୱ ଜିଲାର ଓ୍ୱାଚା-ଡାମାଇଠାରେ ପିଏଲ୍‌ଏ ତାଙ୍କୁ ଭାରତୀୟ ଯବାନଙ୍କ ହାତରେ ଅର୍ପଣ କରିଛି। ମିରାମ ନିଖୋଜ ହେବା ପରେ ଭାରତୀୟ ସେନା ପକ୍ଷରୁ ହଟ୍‌ଲାଇନ ଜରିଆରେ ପିଏଲ୍‌ଏ ସହିତ ଯୋଗାଯୋଗ କରାଯାଇ ତାଙ୍କୁ ନିରାପଦର ସହ ଫେରାଇଦେବା ଲାଗି ଅନୁରୋଧ କରାଯାଇଥିଲା।

### ହସ୍ପିଟାଲରେ ଗାୟିକା ସନ୍ଧ୍ୟା ମୁଖାର୍ଜୀ

**କୋଲକାତା,୨୭।୧:** ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ମଙ୍ଗଳବାର ମନା କରିଦେଇଥିବା ଗାୟିକା ସନ୍ଧ୍ୟା ମୁଖାର୍ଜୀ (୯୦) ଗୁରୁବାର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କୋଲକାତାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ତୁରନ୍ତ ଏସ୍‌ଏସ୍‌କେଏମ୍ ହସ୍ପଟାଲରେ ଭର୍ତ୍ତି କରିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ରାତିରୁ ଜ୍ୱରରେ ପୀଡ଼ିତ ଥିବା ସନ୍ଧ୍ୟାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



### ମହିଳାଙ୍କୁ ଗଣବଳାତ୍କାର

**ମୁହଁରେ କଳା ବୋଳି ବୁଲାଇଲେ**

**ନୂଆଦିଲ୍ଲୀ,୨୭।୧:** ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର ବିବେକ ବିହାର ଅଞ୍ଚଳରେ ଜଣେ ମହିଳାଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରିନେଇ ମାଡ଼ ମାରିବା ସହ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବ୍ୟକ୍ତିଗତ ଶତ୍ରୁତାକୁ ନେଇ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବାବେଳେ ସ୍ଥାନୀୟ କିଛି ମହିଳା ପୀଡ଼ିତାଙ୍କ ଚୁଟି କାଟି, ଜୋତା ମାଳ ପିନ୍ଧାଇ ଓ ମୁହଁରେ କଳାବୋଳି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ଖବର ଅନୁଯାୟୀ ମହିଳା ଜଣକ ବିବାହିତ ଓ ତାଙ୍କର ଗୋଟିଏ ସନ୍ତାନ ରହିଛି। ଜଣେ ପଡୋଶୀ ଯୁବକ ତାଙ୍କୁ ଭଲ ପାଉଥିଲେ। ଗତ ନଭେମ୍ବରରେ ଉକ୍ତ ଯୁବକ ଆତ୍ମହତ୍ୟା କରିବାରୁ ତାଙ୍କ ପରିବାର ସମ୍ପୃକ୍ତ ମହିଳାଙ୍କୁ ଦାୟୀ କରିଥିଲେ। ବ୍ୟକ୍ତିଗତ ଶତ୍ରୁତାରୁ ଏଭଳି ବୀଭତ୍ସ କାଣ୍ଡ ଦୁର୍ଭାଗ୍ୟଜନକ ବୋଲି ପୋଲିସ କହିଛି। ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷ ସ୍ୱାତୀ ମାଲିଓ୍ୱାଲ୍ ଦିଲ୍ଲୀ ପୋଲିସକୁ ପତ୍ର ଲେଖି ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଟ୍ରେନ୍ ପୋଡ଼ି ଛାତ୍ରଙ୍କ ପ୍ରତିବାଦ

## ଆର୍‌ଆର୍‌ବି ପରୀକ୍ଷା ଫଳରେ ଅନିୟମିତତା

### ଆଜି ବିହାର ବନ୍ଦ, ତେଜିଲା ରାଜନୀତି

**ପାଟନା,୨୭।୧**

ସାରା ଦେଶ ବୁଧବାର ସାଧାରଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ରେଲୱେ ରିକ୍ରୁଇଟ୍‌ମେଣ୍ଟ ବୋର୍ଡ (ଆର୍‌ଆର୍‌ବି)ର ଦୁଇ-ପରୀକ୍ଷା ନୀତିକୁ ନେଇ ବିହାରରେ ତୁମୁଳକାଣ୍ଡ ଭିଆଇଛନ୍ତି ଉତ୍ତ୍ୟକ୍ତ ଛାତ୍ର। ବିକ୍ଷୋଭ ବେଳେ ଗୟାରେ ସେମାନେ ଏକ ଟ୍ରେନ୍‌ରେ ନିଆଁ ଲଗାଇଦେଇଛନ୍ତି। ଏଥିସହ ବିଭିନ୍ନ ସ୍ଥାନରେ ଜଳାପୋଡ଼ା ଓ ଭଙ୍ଗାରୁଜା କରି ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ପୋଲିସ ମଧ୍ୟ ଯାହାକୁ ପାରିଛି ତାହାକୁ ଲାଠିମାଡ଼ କରି ଗିରଫ କରିଛି। ଛାତ୍ର ଅଶାନ୍ତି ଚରମ ସୀମାରେ ପହଞ୍ଚିବା ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନନ୍-ଟେକ୍ନିକାଲ ପପୁଲାର କାଟାଗୋରିଜ୍ (ଏନ୍‌ଟିପିସି) ଏବଂ ଲେଭଲ ୧ ପରୀକ୍ଷାକୁ ବାତିଲ କରିବା ସହ ଛାତ୍ରୀଛାତ୍ରଙ୍କ ଅସୁବିଧା ବୁଝିବା ପାଇଁ ଏକ କମିଟି ଗଠନ କରିଛନ୍ତି। ଇତିମଧ୍ୟରେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ୟୁନିୟନ୍ (ଏଆଇଏସ୍‌ଏ) ଏବଂ ଅନ୍ୟ ଛାତ୍ର ସଙ୍ଗଠନଗୁଡ଼ିକ ଏହାକୁ କେନ୍ଦ୍ରର ଚକ୍ରାନ୍ତ କହି ଶୁକ୍ରବାର ବିହାର ବନ୍ଦ ପାଇଁ ଡାକରା ଦେଇଛନ୍ତି। ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ଆକ୍ରୋଶରୁ ସୃଷ୍ଟ ଏହି ପ୍ରସଙ୍ଗ ମୋଟାମୋଟି ଭାବେ ରାଜନୈତିକ ପୋଷାକ ପିନ୍ଧିସାରିଛି।

୨୦୧୯ରେ ଆର୍‌ଆର୍‌ବି ପକ୍ଷରୁ ଏନ୍‌ଟିପିସି ବର୍ଗର ୩୫,୦୦୦ ପଦବୀ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ କେବଳ ଗୋଟିଏ ପରୀକ୍ଷା ଦେବା ପାଇଁ କୁହାଯାଇଥିଲା। ଗତବର୍ଷ ଅନୁଷ୍ଠିତ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ-୧ (ସିବିଟି-୧)ରେ ପ୍ରାୟ ୬୯ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏହାର ଫଳାଫଳ ଗତ ଜାନୁୟାରୀ ୧୫ରେ ପ୍ରକାଶିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ସିବିଟି-୨ ଦେଇପାରିବେ ବୋଲି ରେଲୱେ ବୋର୍ଡ ଚୂଡ଼ାନ୍ତ କରିଛି। ଅର୍ଥାତ୍ ଅନେକ ଯୋଗ୍ୟ ପରୀକ୍ଷାର୍ଥୀ ଦ୍ୱିତୀୟ ପରୀକ୍ଷା ଦେଇପାରିବେ ନାହିଁ। ତେଣୁ ରେଲୱେ ବୋର୍ଡର ନିଷ୍ପତ୍ତିକୁ ନିଯୁକ୍ତି ଆଶାୟୀମାନେ ବିରୋଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପାସ୍ କରିସାରିଥିବା ପିଲାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେବାକୁ କୁହାଯିବା ଅଯୌକ୍ତିକ ଏବଂ ଠକାମି ଦର୍ଶାଇ ସେମାନେ ମଙ୍ଗଳବାର ପାଟନାର ବିହାର ଶରିଫ୍ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀମାନେ ରାଜେନ୍ଦ୍ରନଗର ଟର୍ମିନାଲର କୋଲକାତା-ନୂଆଦିଲ୍ଲୀ ମୁଖ୍ୟ ରେଲୱେ ଲାଇନ୍‌କୁ ମଧ୍ୟ ଅବରୋଧ କରିଥିଲେ। ବୁଧବାର ବିକ୍ଷୋଭ ତୃତୀୟ ଦିନରେ ପହଞ୍ଚିବାବେଳେ ଉତ୍ତ୍ୟକ୍ତ ଛାତ୍ରମାନେ ଗୟା ଜଙ୍କଶନରେ ଭଭୁଆ-ପାଟନା ଇଣ୍ଟର ସିଟି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେଇଥିଲେ। ଫଳରେ ଉକ୍ତ ଟ୍ରେନ୍‌ର ୪ଟି ବଗି ଜଳି ଭସ୍ମୀଭୂତ ହୋଇଯାଇଛି। ଏତିକି ନୁହେଁ, ଜେହନାବାଦ, ଭାଗଲପୁର, ସାସାରାମ, ସମସ୍ତିପୁର ଓ ଛପ୍ରା ଜିଲାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅସନ୍ତୁଷ୍ଟ ଛାତ୍ରମାନେ ସୁରକ୍ଷା ବଳକୁ ଟେକାମାଡ଼ କରିଥିବା ପୋଲିସ କହିଛି। ଅନ୍ୟପକ୍ଷେ ଛାତ୍ର ଆନ୍ଦୋଳନର ନିଆଁ ବିହାରରେ ସୀମିତ ନ ରହି ଉତ୍ତର ପ୍ରଦେଶର ସୀମାନ୍ତ ଅଞ୍ଚଳକୁ ବ୍ୟାପିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପିଲାଙ୍କ କଥା ଶୁଣିବା ପାଇଁ ଗଠିତ କମିଟି ମାର୍ଚ୍ଚ ୪ ପୂର୍ବରୁ ରିପୋର୍ଟ ଦାଖଲ କରିବ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ଆଲୋଚନା ଚାଲିଛି। କେହି ଆଇନକୁ ହାତକୁ ନିଅନ୍ତୁ ନାହିଁ ବୋଲି ଅଶ୍ୱିନୀ ଅନୁରୋଧ କରିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଗଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟିରେ ରେଲୱେ ବୋର୍ଡ (ଇଣ୍ଡଷ୍ଟ୍ରିଆଲ ରିଲେଶନ୍ସ) ପ୍ରମୁଖ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ପିଟର ଅଧ୍ୟକ୍ଷତା କରିବେ ବୋଲି ଏକ ବିବୃତିରେ କୁହାଯାଇଛି। ତେବେ କେନ୍ଦ୍ରର ଏହି ପ୍ରତିଶ୍ରୁତି ସତ୍ତ୍ୱେ ବିକ୍ଷୋଭକାରୀମାନେ ପଛଘୁଞ୍ଚା ଦେବାକୁ ମନା କରିଦେଇଛନ୍ତି। ଏଆଇଏସ୍‌ଏ ଏବଂ ଅନ୍ୟ ଛାତ୍ର ସଙ୍ଗଠନଗୁଡ଼ିକ ଏକ ମିଳିତ ବିବୃତିରେ କହିଛନ୍ତି, ରେଳ ମନ୍ତ୍ରଣାଳୟ ପକ୍ଷରୁ ଗଠନ କରାଯାଇଥିବା କମିଟି ଉତ୍ତର ପ୍ରଦେଶ ନିର୍ବାଚନ ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ଟାଳିଦେବା ପାଇଁ ଏକ ଷଡ଼ଯନ୍ତ୍ର। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ବିକ୍ଷୋଭକାରୀଙ୍କୁ ସମର୍ଥନ ଜଣାଇଛନ୍ତି। ଭଙ୍ଗାରୁଜା ଓ ଜଳାପୋଡ଼ା ଉସୁକାଇବା ଅଭିଯୋଗରେ ୟୁଟ୍ୟୁବର ଖାନ୍ ସାର ଏବଂ ଅନ୍ୟ ୧୬ ଛାତ୍ରଙ୍କ ବିରୋଧରେ ପତ୍ରକାର ନଗର ଥାନାରେ ମାମଲା ରୁଜୁ ହୋଇଛି।



ଗୟା ଜଙ୍କଶନ୍‌ରେ ଭଭୁଆ-ପାଟନା ଇଣ୍ଟର ସିଟି ଏକ୍ସପ୍ରେସ୍ ଜଳୁଛି।

> ନିଯୁକ୍ତି ଆଶାୟୀଙ୍କ ସମସ୍ୟାର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟି ମାର୍ଚ୍ଚ ୪ ପୂର୍ବରୁ ରିପୋର୍ଟ ଦାଖଲ କରିବ। ଏହାସହ ଫେବୃୟାରୀ ୧୬ ପର୍ଯ୍ୟନ୍ତ ପରବର୍ତ୍ତୀ ପରୀକ୍ଷାକୁ ସ୍ଥଗିତ ରଖି ସରକାର ସେମାନଙ୍କୁ ଆପତ୍ତି ଜଣାଇବା ପାଇଁ ୩ ସପ୍ତାହ ସମୟ ଦେଇଛନ୍ତି।
> **-ଅଶ୍ୱିନୀ ବୈଷ୍ଣବ, ରେଳମନ୍ତ୍ରୀ**

> ଭାଜପା ସରକାରଙ୍କ ନୀତି ବିରୋଧରେ ମୁଁ ଛାତ୍ରୀଛାତ୍ରଙ୍କ ସହ ଅଛି। ତେବେ ହିଂସା ସମାଧାନର ବାଟ ନୁହେଁ।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> ଆଲ୍ଲାହାବାଦରେ ନିଯୁକ୍ତି ଲାଗି ସ୍ୱର ଉତ୍ତୋଳନ କରୁଥିବା ନିରୀହ ଛାତ୍ରଙ୍କ ଉପରେ ପୋଲିସ ହିଂସ୍ର ଆଚରଣ କରିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ନିନ୍ଦନୀୟ। ଏହା ଭାଜପା ସରକାର ପାଇଁ ପତନର କାରଣ ସାଜିବ।
> **-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

> ଆର୍‌ଆର୍‌ବି-ଏନ୍‌ଟିପିସି ପରୀକ୍ଷା ଫଳକୁ ନେଇ ବିହାର ଓ ଉତ୍ତର ପ୍ରଦେଶରେ ଅଶାନ୍ତି ଦେଖାଦେଇଛି। ଏହା ସରକାରଙ୍କ ବିଫଳତାକୁ ପ୍ରମାଣିତ କରୁଛି। ଗରିବ ବେକାର ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ସମ୍ପୂର୍ଣ୍ଣ ଭାବେ ଅଯୌକ୍ତିକ। ଯୁବପିଢ଼ିଙ୍କୁ ପକୁଡ଼ି ବିକ୍ରି କରିବାକୁ କହିବା ଭଳି ସଂକୀର୍ଣ୍ଣ ମାନସିକତାକୁ ଭାଜପା ପରିତ୍ୟାଗ କରୁ।
> **-ମାୟାବତୀ, ବିଏସ୍‌ପି ସୁପ୍ରିମୋ**

# ସମଲିଙ୍ଗୀ ପିଲାଙ୍କୁ ମାତାପିତା ସମର୍ଥନ କରନ୍ତୁ

### ପୋପ୍‌ଙ୍କ ପରାମର୍ଶ

**ଭାଟିକାନ୍ ସିଟି, ୨୭।୧**



ଅଭିଭାବକମାନେ ସେମାନଙ୍କ ସମଲିଙ୍ଗୀ ପିଲାଙ୍କୁ ଘୃଣା କରିବା ଉଚିତ ନୁହେଁ। ସେମାନଙ୍କୁ ମା'ବାପା ସବୁ ପ୍ରକାର ସମର୍ଥନ ଦେବା ଆବଶ୍ୟକ ବୋଲି କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ବୁଧବାର କହିଛନ୍ତି। ପିଲାଙ୍କୁ ବଡ଼ କରିବାରେ ମାତାପିତା ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ତାଙ୍କ ସାପ୍ତାହିକ କାର୍ଯ୍ୟକ୍ରମରେ ସମ୍ବୋଧନ କରି ପୋପ୍ କହିଥିଲେ ଯେ, ଅନେକଙ୍କ ସନ୍ତାନ ସମଲିଙ୍ଗୀ ହୋଇପାରନ୍ତି। କିନ୍ତୁ ସେମାନଙ୍କୁ ତ୍ୟାଗ କରିବା ପରିବର୍ତ୍ତେ ସମର୍ଥନ କରି ସମାଜର ଚିନ୍ତାଧାରା ବିରୋଧରେ ଲଢ଼େଇ କରିବାକୁ ପଡ଼ିବ। ପରିବାର ଭିତରେ ଗେ'ମାନଙ୍କୁ ପିଲା କିମ୍ବା ଭାଇ ଭଉଣୀର ଅଧିକାର ମିଳିବା ଉଚିତ ବୋଲି ପୂର୍ବରୁ ମଧ୍ୟ ପୋପ୍ କହିଥିଲେ।

ସମଲିଙ୍ଗୀ ବିବାହକୁ ଚର୍ଚ୍ଚ ଗ୍ରହଣ ନ କରିପାରିଲେ ମଧ୍ୟ ଏହା ପେନ୍‌ସନ, ସ୍ୱାସ୍ଥ୍ୟସେବା ଉତ୍ତରାଧିକାରୀ ଚୟନ କ୍ଷେତ୍ରରେ ସମଲିଙ୍ଗୀଙ୍କୁ ସମାନ ଅଧିକାର ପ୍ରଦାନ ଲକ୍ଷ୍ୟ ରଖିଥିବା ସିଭିଲ ୟୁନିୟନ ଆଇନକୁ ଏହା ସମର୍ଥନ କରିବ ବୋଲି ପୋପ୍ କହିଛନ୍ତି। କ୍ୟାଥୋଲିକ୍ ଖ୍ରିଷ୍ଟମାନେ ସମଲିଙ୍ଗୀ-ବିବାହ କରୁଥିବା ଦମ୍ପତିଙ୍କୁ ଆଶୀର୍ବାଦ ଦେଇପାରିବେ ନାହିଁ ବୋଲି ଗତବର୍ଷ ଭାଟିକାନ୍‌ର ନୀତି ପ୍ରଣୟନକାରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଥିଲା। ତେବେ ଆମେରିକା, ଜର୍ମାନୀ ଭଳି କେତେକ ଦେଶରେ ସମଲିଙ୍ଗୀ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ ଆରମ୍ଭ କରାଯାଇଛି।

# 'ମୋ ବ୍ରା ସାଇଜ୍ ମାପୁଛନ୍ତି ଭଗବାନ'



ଶ୍ୱେତା ତିୱାରୀ

**ଭୋପାଳ,୨୭।୧**

ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସାଉଁଟୁଛନ୍ତି ଟିଭି ଆକ୍ଟ୍ରେସ୍ ଶ୍ୱେତା ତିୱାରୀ। ନିଜ ୱେବ୍ ସିରିଜ୍ 'ଶୋ ଷ୍ଟପର୍-ମିଟ୍ ଦି ବ୍ରା ଫିଟର'ର ପ୍ରମୋଶନ ବେଳେ ସେ ଭଗବାନ ତାଙ୍କ ବ୍ରା ସାଇଜ୍ ମାପୁଛନ୍ତି କହି ବିବାଦୀୟ ହୋଇପଡ଼ିଛନ୍ତି। 'ଶୋ ଷ୍ଟପର୍' ୱେବ୍ ସିରିଜ୍‌ରେ ଶ୍ୱେତାଙ୍କ ସହ ରୋହିତ ରୟ, ଦିଗାଙ୍ଗନା ସୂର୍ଯ୍ୟବଂଶୀ ଓ ସୌରଭ ରାଜ ଜୈନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଲୋକପ୍ରିୟ ଟିଭି ସିରିଏଲ୍ 'ମହାଭାରତ'ରେ ଭଗବାନ କୃଷ୍ଣଙ୍କ ଭୂମିକା ନିଭାଇଥିବା ସୌରଭଙ୍କୁ ଉକ୍ତ ୱେବ୍ ସିରିଜ୍‌ରେ ଜଣେ ବ୍ରା ଫିଟର ଭାବେ ଦେଖିବାକୁ ମିଳିବ। ଭୋପାଳରେ ଏହାର ପ୍ରମୋଶନ ବେଳେ ଗଣମାଧ୍ୟମକୁ ମଜାରେ ଶ୍ୱେତା କହିଥିଲେ, ମୋ ବ୍ରା'ର ସାଇଜ୍ ଭଗବାନ ମାପୁଛନ୍ତି। ସେ ଏହି ମନ୍ତବ୍ୟ ଦେବା ସମୟରେ ତାଙ୍କ ସହ-କଳାକାରମାନେ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ସୋସିଆଲ ମିଡିଆରେ ଏହା ଭାଇରାଲ ହୋଇଛି। ଏହି ମନ୍ତବ୍ୟକୁ ନେଇ କ୍ଷୁବ୍ଧ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ପୋଲିସକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ୨୪ ଘଣ୍ଟା ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। ରିପୋର୍ଟ ଆସିବା ପରେ ଶ୍ୱେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଞ୍ଚଳିକ ସୁରକ୍ଷା ଲାଗି ଭାରତ-କେନ୍ଦ୍ରୀୟ ଏସିଆ ସହଯୋଗ ଜରୁରୀ: ମୋଦି

**ନୂଆଦିଲ୍ଲୀ,୨୭।୧(ପି.ଟି.)**

ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତା ଲାଗି ଭାରତ ଏବଂ କେନ୍ଦ୍ରୀୟ ଏସିଆ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ପ୍ରଥମ ଭର୍ଚୁଆଲ ଭାରତ-କେନ୍ଦ୍ରୀୟ ଏସିଆ ସମିଟ୍ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଥିଲେ, ଆଫଗାନିସ୍ତାନ ସ୍ଥିତିକୁ ନେଇ ଆମେ ସମସ୍ତେ ଚିନ୍ତିତ। ସେଥିପାଇଁ ଆଞ୍ଚଳିକ ସ୍ଥିରତା ଓ ସୁରକ୍ଷା ପାଇଁ ଭାରତ ଏବଂ କେନ୍ଦ୍ରୀୟ ଏସିଆ ମଧ୍ୟରେ ସହଯୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଆଗାମୀ ଦିନରେ ସହଯୋଗ ପାଇଁ ମହତ୍ତ୍ୱାକାଂକ୍ଷୀ ଦୃଷ୍ଟିକୋଣ ସଂଜ୍ଞା ନିରୂପଣ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଭର୍ଚୁଆଲ ସମିଟ୍‌ରେ କାଜାଖସ୍ତାନ ରାଷ୍ଟ୍ରପତି କାସିମ୍‌ଜୋମାର୍ଟ ଟୋକାୟେଭ, ଉଜ୍‌ବେକିସ୍ତାନର ଶାଭକାତ୍ ମିର୍ଜିୟୋୟେଭ, ତାଜିକିସ୍ତାନର ଇମୋମାଲି ରହମୋନ, ତୁର୍କମେନିସ୍ତାନର ଗୁର୍ବାଙ୍ଗୁଲି ବେର୍ଡମୁହାମେଡୋ ଏବଂ କିର୍ଗିଜ୍ ରିପବ୍ଲିକ୍‌ର ସାଦିର ଜାପାରୋଭ୍ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୨୦୧୫ରେ ଉପରୋକ୍ତ ଦେଶଗୁଡ଼ିକ ଗସ୍ତ କରି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଉଦ୍ୟମ କରିଥିଲେ।

# ରାସ୍ତାରେ ମୃତ ସନ୍ତାନ ପ୍ରସବ କଲେ ମହିଳା

### ଲାଞ୍ଚ ଦେଇ ନ ପାରିବାରୁ ହସ୍ପିଟାଲ ଫେରାଇଦେଲା


**ଭୋପାଳ,୨୭।୧**

ମଧ୍ୟପ୍ରଦେଶର ଭିନ୍ଦ୍ ଜିଲାସ୍ଥିତ ଏକ ସରକାରୀ ହସ୍ପିଟାଲ ଚିକିତ୍ସା କରିବାକୁ ମନା କରି ଫେରାଇ ଦେବାରୁ ମଙ୍ଗଳବାର ଜଣେ ମହିଳା ରାସ୍ତାରେ ମୃତ ସନ୍ତାନ ପ୍ରସବ କରିଛନ୍ତି। ଖବର ଅନୁଯାୟୀ, ଭିନ୍ଦ୍ ଜିଲା ରାଜୁପୁରା ଗ୍ରାମର କାଲୋ ବାଇ ୬ ମାସର ଗର୍ଭବତୀ ଥିଲେ। ତାଙ୍କୁ ଭିନ୍ଦ୍ ଜିଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡ୍ୟୁଟିରେ ଥିବା ନର୍ସିଂ କର୍ମଚାରୀ ତାଙ୍କୁ ୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। କାଲୋଙ୍କ ପରିବାର ଲାଞ୍ଚ ଦେବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ଫଳରେ ନର୍ସିଂ କର୍ମଚାରୀମାନେ କାଲୋ ଓ ପରିବାର ସଦସ୍ୟଙ୍କୁ ହସ୍ପିଟାଲରୁ ବାହାର କରିଦେଇଥିଲେ। ବାହାରେ ଯାଇ ଅଲ୍‌ଟ୍ରାସାଉଣ୍ଡ କରାଇବାକୁ ସେମାନେ କହିଥିଲେ ବୋଲି କାଲୋଙ୍କ ଶାଶୁ ମିଥିଳେଶ ମିର୍ଦ୍ଧା ଅଭିଯୋଗ କରିଛନ୍ତି। ହସ୍ପିଟାଲରୁ ଆସିବା ପରେ ରାସ୍ତାରେ ବୋହୂର ପ୍ରବଳ ଗର୍ଭ ଯନ୍ତ୍ରଣା ହୋଇଥିଲା ଏବଂ ସେଠାରେ ସେ ଏକ ଅପରିପକ୍ୱ ଶିଶୁକୁ ଜନ୍ମ ଦେଇଥିଲେ। ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ଶିଶୁଟି ମରିଗଲା ବୋଲି ମିଥିଳେଶ କହିଛନ୍ତି। ନର୍ସିଂ ଷ୍ଟାଫ୍ ଅଭିଯୋଗକୁ ଖଣ୍ଡନ କରିବା ସହ ମିଥିଳେଶଙ୍କ ପରିବାର ଆପଣାଛାଏଁ ହସ୍ପିଟାଲ ଛାଡ଼ିଥିଲେ ବୋଲି କହିଛନ୍ତି। ତଦନ୍ତ ପାଇଁ ହସ୍ପିଟାଲ ପକ୍ଷରୁ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଛି।

# ସାମ୍ବିଧାନିକ ମୂଲ୍ୟବୋଧରୁ ଦୂରେଇଯାଉଛି ଭାରତ

- ମାନବାଧିକାର ସ୍ଥିତିକୁ ନେଇ ଅନ୍‌ସାରୀଙ୍କ ଉଦ୍‌ବେଗ
- ୪ ଆମେରିକୀୟ କଂଗ୍ରେସ ସଦସ୍ୟଙ୍କ ସମାଲୋଚନା

**ଓ୍ୱାଶିଂଟନ,୨୭।୧**




ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନ୍‌ସାରୀ

ଭାରତ ୭୩ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନ୍‌ସାରୀ ଏବଂ ଆମେରିକାର ୪ ଜଣ କଂଗ୍ରେସ ସଦସ୍ୟ ଭାରତରେ ସାମ୍ପ୍ରତିକ ମାନବାଧିକାର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତରେ ଧର୍ମୀୟ ଏକଚ୍ଛତ୍ରବାଦ ଓ ପକ୍ଷପାତମୂଳକ ଶାସନ ଚାଲିଥିବା ଇଣ୍ଡିଆନ ଆମେରିକାନ୍ ମୁସ୍‌ଲିମ୍ କାଉନସିଲ୍ (ଆଇଏଏମ୍‌ସି) ପକ୍ଷରୁ ବୁଧବାର ଆୟୋଜିତ ଭର୍ଚୁଆଲ ପ୍ୟାନେଲ ଆଲୋଚନାରେ ଭାଗନେଇ ସେମାନେ ମତବ୍ୟକ୍ତ କରିଛନ୍ତି। ଦେଶରେ ନାଗରିକ ସ୍ୱାଧୀନତା ବିଲୁପ୍ତ ହୋଇଥିବା ସେମାନେ ଅଭିଯୋଗ କରିଥିବା ବେଳେ ସରକାରଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ଆଲୋଚନାରେ ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନ୍‌ସାରୀ ଭାଗ ନେଇ ଦେଶରେ ହିନ୍ଦୁ ଜାତୀୟତାବାଦର ଧାରା ବଢୁଥିବା ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଭାରତରେ ଅସହିଷ୍ଣୁତା ବଢ଼ିଚାଲିଛି। ଦେଶ ଏହାର ସାମ୍ବିଧାନିକ ମୂଲ୍ୟବୋଧଠାରୁ ଦୂରେଇ ଯାଉଥିବା ଅନସାରୀ କହିଥିଲେ। ନିକଟରେ ଦେଶରେ ଏଭଳି ଟ୍ରେଣ୍ଡ ଚାଲିଛି, ଯାହା ପୂର୍ବରୁ ସ୍ଥାପିତ ନାଗରିକ ଜାତୀୟତାବାଦ ନୀତି ବିରୁଦ୍ଧ। ଏହା ଦେଶରେ ଏକ ନୂତନ ତଥା କାଳ୍ପନିକ ସାଂସ୍କୃତିକ ଜାତୀୟତାବାଦ ସୃଷ୍ଟି କରିଛି। ଏଠାରେ ନାଗରିକମାନଙ୍କୁ ଧର୍ମ ଆଧାରରେ ଚିହ୍ନଟ କରାଯିବାକୁ ଉଦ୍ୟମ ହେଉଛି। ଅସମାନତା ଓ ଅସୁରକ୍ଷାକୁ ପ୍ରୋତ୍ସାହିତ କରାଯାଉଛି ବୋଲି ପୂର୍ବତନ ଉପରାଷ୍ଟ୍ରପତି କହିଥିଲେ।

ଭାରତ ସରକାର କ୍ରମାଗତ ଭାବେ ସଂଖ୍ୟାଲଘୁ ଧର୍ମାବଲମ୍ବୀଙ୍କୁ ଟାର୍ଗେଟ କରୁଥିବାରୁ ଦେଶରେ ଏକ ପକ୍ଷପାତମୂଳକ ପରିବେଶ ସୃଷ୍ଟି ହୋଇଛି, ଯାହା ହିଂସା ସୃଷ୍ଟିର କାରଣ ହୋଇପାରେ। ଗତ କିଛିବର୍ଷ ମଧ୍ୟରେ ଦେଶରେ ଅନ୍‌ଲାଇନ ଘୃଣିତ ବକ୍ତବ୍ୟ, ଘୃଣାତ୍ମକ କାର୍ଯ୍ୟ ପ୍ରସାରିତ ହେଉଛି। ଏହାକୁ ନେଇ ସାମ୍ପ୍ରଦାୟିକ ହିଂସା ସୃଷ୍ଟି ହେଉଥିବା ଆମେରିକାର ଡେମୋକ୍ରାଟ ସିନେଟର ଏଡ୍ ମାର୍କେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିମ୍ ମାକ୍‌ଗଭର୍ନ, ଆଣ୍ଡି ଲେଭିନ୍ ଏବଂ ଜାମି ରସ୍କିନ୍ ମଧ୍ୟ ଭାରତର ମାନବାଧିକାର ସ୍ଥିତିକୁ ସମାଲୋଚନା କରିଛନ୍ତି। ଭାରତ ଧର୍ମୀୟ ସ୍ୱାଧୀନତା, ବହୁଳତାବାଦ, ବ୍ୟକ୍ତି ସ୍ୱାଧୀନତା, ସହିଷ୍ଣୁତା ଏବଂ ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ ମତକୁ ସମ୍ମାନ ଦେଉ ବୋଲି ରସ୍କିନ୍ କହିଛନ୍ତି। ଦୁଃଖର କଥା ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଏବେ ନିଜ ଧର୍ମଠାରୁ ଦୂରେଇ ଯାଉଛି। ଦେଶର ମାନବାଧିକାର ବିପଦରେ, ଧର୍ମୀୟ ଜାତୀୟତାବାଦ ପ୍ରବେଶ କରିଛି। ଗଣତନ୍ତ୍ର ସୂଚକାଙ୍କରେ ଭାରତ ୨୭ତମ ସ୍ଥାନରେ ରହିଥିବାବେଳେ ୨୦୧୪ ପରେ ଏହା ୫୩କୁ ଖସିଆସିଛି। ଫ୍ରିଡମ୍ ହାଉସ୍ ଭାରତକୁ ସ୍ୱାଧୀନରୁ ଆଂଶିକ ସ୍ୱାଧୀନକୁ ଖସାଇଦେଇଛି ବୋଲି ଲେଭିନ୍ କହିଛନ୍ତି।

> ଆଇଏଏମ୍‌ସି ପ୍ୟାନେଲ ଆଲୋଚନା କାର୍ଯ୍ୟକ୍ରମ ଆୟୋଜନ କରିଥିବା ସଂସ୍ଥା ସହ ବେଆଇନ ସଂଗଠନ ସିମି (ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ) ଏବଂ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ସମ୍ପର୍କ ରହିଛି। ଏହି ସଂଗଠନ ଭାରତ ଏବଂ ମୋଦି ବିରୋଧୀ ପ୍ରଚାର କରିଆସୁଛି।
> **- ମୁଖ୍‌ତାର ଆବାସ ନକ୍‌ଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ**



# ଗୁଳି କଲେ ସୈନ୍ୟ: ୫ ନିହତ

**କ୍ଳିଭ୍, ୨୭।୧**

ୟୁକ୍ରେନ ନ୍ୟାସନାଲ ଗାର୍ଡର ଜଣେ ୨୦ ବର୍ଷୀୟ ସୈନ୍ୟ ମିଲିଟାରୀ ଫ୍ୟାକ୍ଟ୍ରିରେ ଗୁଳି ଚଳାଇବାରୁ ଗୁରୁବାର ତାଙ୍କ ୪ ସହଯୋଗୀ ଏବଂ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଏଥିରେ ଆହୁରି ୫ ଜଣ ଆହତ ହୋଇଥିବା ୟୁକ୍ରେନ ଆଭ୍ୟନ୍ତରୀଣ ମନ୍ତ୍ରୀ କହିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଗୁଳିକାଣ୍ଡର କାରଣ ଜଣାପଡ଼ିନାହିଁ। ରାଜଧାନୀ କ୍ଳିଭ୍‌ଠାରୁ ଦକ୍ଷିଣପୂର୍ବରେ ୫୦୦ କିଲୋମିଟର ଦୂର ଦିପ୍ରୋ ସହରରେ ଏହି ଘଟଣା ଘଟିଛି। ସୈନ୍ୟ ଜଣକ ଏକ ଏକେ-୪୭ ରାଇଫଲରେ ଆଖିବୁଜା ଗୁଳି ଚଳାଇଥିଲେ। ପରେ ସେଠାରୁ ସେ ଫେରାର ହୋଇଯାଇଥିଲେ। ୪ ଘଣ୍ଟା ଧରି ସର୍ଚ୍ଚ ଅପରେଶନ ପରେ ତାଙ୍କୁ ପୋଲିସ ଧରିଥିଲା। ରୁଷିଆ ସହ ୟୁକ୍ରେନର ବିବାଦ ଲାଗିରହିଥିବାବେଳେ ଏଭଳିଘଟଣା ଘଟିଛି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରୁଷିଆ ବିବାଦ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୭,୪୫,୨୯,୮୧୧ | ୫୬,୪୮,୯୫୧ | ୨୮,୮୪,୨୩,୪୨୭ |
| ଭାରତ | ୪,୦୩,୭୧,୫୦୦ | ୪,୯୧,୭୨୯ | ୩,୭୬,୭୭,୩୨୮ |
| ଓଡ଼ିଶା | ୧୨,୩୧,୧୬୯ | ୮୫୫୦(+୫୩) | ୧୧,୭୩,୩୯୬ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର


ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# +୨ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ର | କ୍ୱାର୍ଟର ପରୀକ୍ଷା ଅନୁସାରେ ମାର୍କ ଦିଆଯାଉ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

+୨ ଶେଷବର୍ଷ ବୋର୍ଡ ପରୀକ୍ଷା ବାତିଲ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରୀଛାତ୍ର। ଗୁରୁବାର ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଛାତ୍ରୀଛାତ୍ର ରାସ୍ତାକୁ ଆସି ପ୍ରତିବାଦ ଜଣାଇଛନ୍ତି। ଅନ୍‌ଲାଇନ୍ କି ଅଫ୍‌ଲାଇନ୍ ନୁହେଁ, ପରୀକ୍ଷା ବଦଳରେ ବିକଳ୍ପ ପଦ୍ଧତିରେ ମାର୍କ ଦେବାକୁ ଦାବି କରିଛନ୍ତି। ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ ୟୁନିୟନ, ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ସମେତ ବହୁ ଛାତ୍ର ସଙ୍ଗଠନ ବିଭିନ୍ନ ସ୍ଥାନରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶତାଧିକ ଛାତ୍ରୀଛାତ୍ର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ଦାବି ଜଣାଇବାକୁ ସେମାନେ ଶୋଭାଯାତ୍ରା କରି ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ବାଟରେ ପୋଲିସ ଅଟକାଇଥିଲା। ଏହାପରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଛାତ୍ରୀଛାତ୍ରମାନେ କହିଛନ୍ତି, କରୋନା ସମୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ରାଜ୍ୟ ସରକାର। ବହୁତ ବିଳମ୍ବରେ +୨ ପାଠପଢ଼ା ଆରମ୍ଭ ହୋଇଥିଲା। କିଛିଦିନ ପରେ ପୁଣି କଲେଜକୁ ବନ୍ଦ କରିଦିଆଗଲା। ଯେଉଁ ଅନ୍‌ଲାଇନ୍ କ୍ଲାସ୍ ହେଲା, ତାହା ୬୦% ଛାତ୍ରୀଛାତ୍ର ପାଇପାରିଲେ ନାହିଁ। କାରଣ ସମସ୍ତଙ୍କ ପାଖରେ ଇଣ୍ଟରନେଟ୍ ସୁବିଧା ଓ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ନ ଥିଲା। ଏହାସତ୍ତ୍ୱେ ଛାତ୍ରୀଛାତ୍ର ୩ମାସରେ ୩ଟି କ୍ୱାର୍ଟର ପରୀକ୍ଷା ଦେଇଛନ୍ତି। ହେଲେ ସରକାର ଏପରିସ୍ଥିତିରେ ପିଲାଙ୍କ ଭବିଷ୍ୟତ କୁହାଯାଉଥିବା ବୋର୍ଡ ପରୀକ୍ଷା କରାଇବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଠିକ୍ ନୁହେଁ ବୋଲି ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ ୟୁନିୟନ ସଭାପତି ସତ୍ୟଜିତ ମହାନ୍ତି ପ୍ରଶ୍ନ କରିଛନ୍ତି। କ୍ୱାର୍ଟର ପରୀକ୍ଷା କିମ୍ବା ମାଟ୍ରିକ ଅନୁସାରେ +୨ ମାର୍କ ଦିଆଯାଉ ବୋଲି ନବ ନିର୍ମାଣ ଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ଏମ୍‌ଡି ମନଓ୍ୱର ଅଲ୍ଲୀ ଦାବି କରିଛନ୍ତି।




# କଥା, କାର୍ଯ୍ୟରେ ସାମ୍ବିଧାନିକ ମୂଲ୍ୟବୋଧ ରହୁ

**ସାଧାରଣତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଆମ ସମ୍ବିଧାନ ଏକ ଆଦର୍ଶ ସମ୍ବିଧାନ। ଏହା ଆମ ଗଣତନ୍ତ୍ରର ଆତ୍ମା। ଆମ କଥା ଓ କାର୍ଯ୍ୟରେ ସମ୍ବିଧାନର ମୂଲ୍ୟବୋଧ ପ୍ରତିଫଳିତ ହୋଇପାରିଲେ, ଭାରତ ବିଶ୍ୱର ଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇପାରିବ। ବୁଧବାର ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। କରୋନାର ତୃତୀୟ ଲହର ଏବେ ସାରା ବିଶ୍ୱରେ ବ୍ୟାପିଛି। ସମସ୍ତଙ୍କ ସହଯୋଗରେ କରୋନା ଶୀଘ୍ର ଦୂର ହେବ ଏବଂ ଜୀବନ ଜୀବିକା ଆଗଭଳି ପୁଣି ସ୍ୱାଭାବିକ ହେବ। ଚଳିତ ବର୍ଷ ସାରା ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି। ମହାନ୍ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ମଧ୍ୟ ଚଳିତ ବର୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ମହାନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୭୩ତମ ସାଧାରଣତନ୍ତ୍ର ଦିବସ ପାଳନ ବେଳେ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ।

# ବୁଷ୍ଟର ଡୋଜ୍ ଦେବା ଉପରେ ଗୁରୁତ୍ୱ

**ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା**

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ କୋଭିଡ୍-୧୯ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ସତର୍କ ରହିବା ସହିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହିତ ବରିଷ୍ଠ ନାଗରିକ ଓ ସମ୍ମୁଖ ଯୋଦ୍ଧାଙ୍କୁ ବୁଷ୍ଟର ଡୋଜ୍ ଦେବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ସକ୍ରିୟ କୋଭିଡ୍ ରୋଗୀ ସଂଖ୍ୟା ସ୍ଥିର ରହିଥିବା ବେଳେ ନୂଆ ପଜିଟିଭ ମାମଲା ମଧ୍ୟ ହ୍ରାସ ପାଉଛି। ତୃତୀୟ ଲହରରେ ଡାକ୍ତରଖାନା ଉପରେ ବିଶେଷ ଚାପ ପଡିନାହିଁ। କିନ୍ତୁ ଏଥିରେ ଆତ୍ମସନ୍ତୋଷର ସ୍ଥାନ ନାହିଁ। ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହିତ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକର ସକ୍ରିୟ ସହଯୋଗରେ ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜନସାଧାରଣ ଯେପରି କୋଭିଡ୍ ସୁରକ୍ଷା ନିୟମାବଳୀ ଠିକ୍ ଭାବରେ ପାଳନ କରନ୍ତି, ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୃଥକ୍ ବାସରେ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ରାପିଡ୍ ରେସପନ୍ସ ଟିମ୍ ଓ କ୍ଷେତ୍ର କର୍ମଚାରୀମାନେ ଠିକ୍ ଭାବରେ ତଦାରଖ କରିବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ ଆତଙ୍କିତ ନ ହୋଇ କୋଭିଡ୍ ସୁରକ୍ଷା ନିୟମାବଳୀକୁ ଠିକ୍ ଭାବରେ ପାଳନ କରିବା ପାଇଁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କୋଭିଡ୍ ନିୟମାବଳୀ ପରିପାଳନ ନିମନ୍ତେ ପ୍ରଶାସନ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍.କେ. ଶର୍ମା ରାଜ୍ୟରେ କୋଭିଡ୍ ସ୍ଥିତି ସମ୍ପର୍କରେ ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରି କହିଛନ୍ତି ଯେ ରାଜ୍ୟରେ ଦୈନିକ ଟେଷ୍ଟିଂ ୬୫ ହଜାରରୁ ୭୦ ହଜାର ରହିଥିବା ବେଳେ ପଜିଟିଭିଟି ହାର ୧୧.୪ ପ୍ରତିଶତ ରହିଛି, ଯାହାକି ଜାତୀୟ ହାର ଠାରୁ କମ୍। ଯାଜପୁର, ବାଲେଶ୍ୱର, କଟକ, ସୁନ୍ଦରଗଡ଼ ଓ ଖୋର୍ଦ୍ଧାରେ ପଜିଟିଭିଟି ହାର ତୁଳନାତ୍ମକ ଭାବେ ଅଧିକ ରହିଛି ବୋଲି ସେ ସୂଚନା ଦେଇଥିଲେ। ସେହିପରି ଟିକାକରଣ ସ୍ଥିତି ମଧ୍ୟ ସନ୍ତୋଷଜନକ ରହିଥିବା ଶର୍ମା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଓ କଟକ ମହାନଗର ନିଗମ କମିଶନର, ଖୋର୍ଦ୍ଧା ଓ ରାୟଗଡାର ଜିଲାପାଳ ସେମାନଙ୍କ ଅଞ୍ଚଳର ପରିସ୍ଥିତି ସମ୍ପର୍କରେ ବୈଠକରେ ଉପସ୍ଥାପନ କରିଥିଲେ।

**ରସଗୋଲା ଭୋଗ କରି, ଦୋକାନୀଙ୍କୁ ଲୁଟୁଥିଲେ ବଙ୍ଗୀୟ ଲୁଟେରା।**




# ୩ ମହଲାରୁ ପଡ଼ି ମେଡିକାଲ ଛାତ୍ରୀ ଗୁରୁତର

**ସମ୍ବଲପୁର,୨୭।୧(ବ୍ୟୁରୋ)**

ବୁର୍ଲାର ଭିମ୍‌ସାରର ଏମ୍‌ବିବିଏସ୍ ପ୍ରଥମବର୍ଷ ଛାତ୍ରୀ ବୁଧବାର ବିଳମ୍ବିତ ରାତିରେ ହଷ୍ଟେଲର ୩ ମହଲା ଛାତରୁ ପଡି ଗୁରୁତର ହୋଇଛନ୍ତି। ସେ ଭିମ୍‌ସାର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ଛାତ୍ରୀ ଜଣଙ୍କ ରାତିରେ ମେଡିକାଲରେ ଆଡ୍‌ମିଟ୍ ବେଳେ ରିପୋର୍ଟରେ ଆତ୍ମହତ୍ୟା ଉଦ୍ୟମ ଅଭିଯୋଗ ହୋଇଥିଲା। ପୋଲିସ ୩୦୯ ଦଫାରେ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଗୋଡ ଖସିଯିବାରୁ ତଳେ ପଡିଯାଇଥିବା ଛାତ୍ରୀ ଜଣକ ପୋଲିସକୁ ବୟାନ ଦେଇଛନ୍ତି।

# ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେଲେ ୩୬,୯୭୬ ପ୍ରାର୍ଥୀ

**ପଞ୍ଚାୟତ ନିର୍ବାଚନ**

■ ୨୦୨୩ରେ ଢିଙ୍କିଆରେ ହେବ ନିର୍ବାଚନ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବା ସହ ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ଚିହ୍ନ ଆବଣ୍ଟନ କରିଛନ୍ତି। ବିନା ପ୍ରତିଦ୍ୱନ୍ଦ୍ୱିତାରେ ୩୬,୯୭୬ ଆସନରେ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି।

ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ପଞ୍ଚାୟତ ନିର୍ବାଚନରେ ମୋଟ ୩୬,୫୨୩ଟି ଆସନରେ ୱାର୍ଡମେମ୍ବର ପ୍ରାର୍ଥୀ, ୧୨୬ଟି ଆସନରେ ସରପଞ୍ଚ, ୩୨୬ଟି ଆସନରେ ପଞ୍ଚାୟତ ସମିତି ସଭ୍ୟ ଓ ଗୋଟିଏ ଆସନରେ ଜିଲା ପରିଷଦ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏସବୁ ସ୍ଥାନରେ ଜଣେ ଲେଖାଏ ପ୍ରାର୍ଥୀ ରହିଥିବାରୁ ନିର୍ବାଚନ କମିଶନ ସେହି ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷଣା କରିଛନ୍ତି। ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ୨ ନମ୍ବର ଜୋନ ଜିଲା ପରିଷଦ ଆସନରେ ଉଭୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଓହରି ଯିବାରୁ ସେଠାରେ ବିଜେଡି ପ୍ରାର୍ଥୀ କଳ୍ପନା ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ରାଜ୍ୟରେ ମୋଟ ୯୧,୮୯୦ ୱାର୍ଡମେମ୍ବର, ୬୭୯୩ ସରପଞ୍ଚ ଓ ୬୭୯୩ ପଞ୍ଚାୟତ ସମିତି ସଭ୍ୟ ଏବଂ ୮୫୩ ଜିଲା ପରିଷଦ ସଭ୍ୟ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

ଜଣେ ଜିଲା ପରିଷଦ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ପରେ ମୋଟ ୮୫୨ ଜିଲା ପରିଷଦ ଆସନରେ ନିର୍ବାଚନ ହେବ। ମୋଟ ଆସନରୁ ବିଜେଡି ୮୫୧, କଂଗ୍ରେସ ୮୩୬, ଭାଜପା ୮୪୮, ବିଏସ୍‌ପି ୧୫୯, ସିପିଆଇ ୩୮, ସିପିଆଇ(ଏମ୍) ୭୨, ଆମ୍ ଆଦମୀ ପାର୍ଟି ୩୨, ଏଜେଏସ୍‌ୟୁ ୧୨, ଜେଏମ୍‌ଏମ୍ ୪୭, ଅନ୍ୟାନ୍ୟ ଦଳ ୨୧୪ ଏବଂ ସ୍ୱାଧୀନ ଭାବେ ୨୯୮ ଜଣଙ୍କୁ ମିଶାଇ ମୋଟ ୩୪୦୭ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଜାନୁୟାରୀ ୨୫ ତାରିଖରେ ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ଚିହ୍ନ ଆବଣ୍ଟିତ ହୋଇଛି। ଚଳିତ ନିର୍ବାଚନରେ ମୋଟ ୨ ଲକ୍ଷ ୨୯ହଜାର ୬୨ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ରାଜ୍ୟର ମୋଟ ୨ କୋଟି ୭୯ଲକ୍ଷ ୩୫ହଜାର ୫୨୫ଜଣ ନିଜର ମତାଧିକାର ସାବ୍ୟସ୍ତ କରିବେ।

ଆସନ୍ତା ୨୦୨୩ରେ ଢିଙ୍କିଆ ଗ୍ରାମ ପଞ୍ଚାୟତ ଓ ୨୩ଟି ୱାର୍ଡମେମ୍ବର ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଠାରେ ୨୦୧୮ରେ ନିର୍ବାଚନ ହୋଇଥିବାରୁ ୨୦୨୩ରେ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାତ ତିଅଣ, ଆଠ ଭଜା;**
**ଜୋଇଁ ଡାକରାରେ ଭାରି ମଜା।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ ଆଦର ସମ୍ମାନ କରାଯାଇଥାଏ। ତାଙ୍କ ରହଣି କାଳରେ ଖାଇବା ପିଇବା ତଥା ରହିବା ନେଇ ବିଶେଷ ଧ୍ୟାନ ଦିଆଯାଇଥାଏ। ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧି ପରଷି ତାଙ୍କ ମନ ଖୁସି କରିବାକୁ ଚେଷ୍ଟା କରାଯାଇଥାଏ। ଜୋଇଁ ଡାକରାରେ ଜ୍ୱାଇଁଙ୍କୁ ଖୁବ ଚର୍ଚ୍ଚା କରାଯାଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସାଙ୍କୁଡୁ ମାଙ୍କୁଡୁ ପୁଞ୍ଜିଏ,**
**ଶୁଖ୍ ଠୋ ଠୋ ପୁଞ୍ଜିଏ,**
**ସାଲୁରୁ ବାଲୁରୁ ପୁଞ୍ଜିଏ।**

ବରଷକ ବାର ମାସ, ଛ' ଋତୁ। ତେବେ ଋତୁ ମୁଖ୍ୟତଃ ତିନି ଋତୁ ଯଥା ଶୀତ, ଖରା ଓ ବର୍ଷାକୁ ହିଁ ବୁଝାଇଥାଏ। ଏପରି ସ୍ଥଳେ ଖରା, ବର୍ଷା ଓ ଶୀତ ଚାରି ମାସ ଲେଖା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନାମାଙ୍କନ ପାଇଁ ପୁନଃ ବିଜ୍ଞପ୍ତି

## ପଞ୍ଚାୟତ ନିର୍ବାଚନ

- ୨୯ରୁ ୩୧ ପ୍ରାର୍ଥିପତ୍ର ଦାଖଲ
- ଫେବୃୟାରୀ ୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଯେଉଁ ନିର୍ବାଚନମଣ୍ଡଳୀରେ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି କିମ୍ବା ସମସ୍ତ ପ୍ରାର୍ଥିପତ୍ର ଖାରଜ ହୋଇଛି, ସେଠାରେ ନାମାଙ୍କନ ପାଇଁ ପୁଣି ସୁଯୋଗ ଦିଆଯାଇଛି। ପୁଣି ଥରେ ନାମାଙ୍କନ ଦାଖଲ କରିବା ପାଇଁ ଜିଲାସ୍ତରରେ ଗୁରୁବାର ପୁନଃ ବିଜ୍ଞପ୍ତି ଜାରି କରାଯାଇଛି। ୱାର୍ଡମେମ୍ବର ଏବଂ ସରପଞ୍ଚ ପଦବୀ ନିମନ୍ତେ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ/ୱାର୍ଡରେ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ପଞ୍ଚାୟତ ସମିତି ସଭ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲା ପରିଷଦ ପଦବୀ ନିମନ୍ତେ ଉପଜିଲାପାଳ/ବ୍ଲକ୍ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ଜାନୁୟାରୀ ୨୯ରୁ ୩୧ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯିବ। ଫେବୃୟାରୀ ୧ ତାରିଖ ପୂର୍ବାହ୍ନ ୧୧ଟାରେ ନାମାଙ୍କନପତ୍ର ଯାଞ୍ଚ କରାଯିବ ଏବଂ ୨ ତାରିଖ ଅପରାହ୍ନ ୩ଟା ସୁଦ୍ଧା ଯୋଗ୍ୟ ପ୍ରାର୍ଥୀଙ୍କର ତାଲିକା ପ୍ରକାଶ ପାଇବ। ଫେବୃୟାରୀ ୪ ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବା ସହ ସେହିଦିନ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏହି ବିଜ୍ଞପ୍ତି ମଧ ରାଜ୍ୟ ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍ www.secodisha.gov.inରେ ଉପଲବ୍ଧ ହେବ। ମତଦାନ, ଭୋଟ ଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା ପୂର୍ବ ନିର୍ଦ୍ଧାରିତ ବିଜ୍ଞପ୍ତି ଅନୁସାରେ ହେବ। ଏହାପରେ ଯଦି କୌଣସି ନିର୍ବାଚନ କ୍ଷେତ୍ରରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ନ କରନ୍ତି ତେବେ ସେଠାରେ ଆଉ ନିର୍ବାଚନ ପାଇଁ ସୁଯୋଗ ମିଳିବ ନାହିଁ। ସରପଞ୍ଚ ଏବଂ ୱାର୍ଡମେମ୍ବର ସଭ୍ୟ କ୍ଷେତ୍ରରେ ସମ୍ପୃକ୍ତ ଉପଜିଲାପାଳ ଖାଲି ରହିଥିବା ପଦବୀ ନିମନ୍ତେ ପ୍ରାର୍ଥୀଙ୍କୁ ମନୋନୀତ କରିବେ। ପଞ୍ଚାୟତ ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ କ୍ଷେତ୍ରରେ ଖାଲି ରହିଥିବା ପଦବୀ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରାର୍ଥୀ ମନୋନୟନ କରାଯିବ। ୪ ହଜାରରୁ ଉର୍ଦ୍ଧ୍ୱ ୱାର୍ଡମେମ୍ବର, ୬ ସମିତି ସଭ୍ୟ, ୭ ସରପଞ୍ଚ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ ହେବ।

# ପୂର୍ବତନ ବିଧାୟକଙ୍କ ପରଲୋକ


ରାଜୀବ ଲୋଚନ ହୋତା

**ବରପାଲି,୨୭।୧(ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାଜୀବ ଲୋଚନ ହୋତାଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ସେ ୧୯୮୦ରେ ବିଜେପୁର ଆସନରେ କଂଗ୍ରେସ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୩ରେ ସେ ମାର୍କେଟିଂ ଫେଡ଼େରେଶନର ଚେୟାରମ୍ୟାନ ନିର୍ବାଚିତ ହୋଇଥିଲେ। ଏହାପୂର୍ବରୁ ସ୍ୱର୍ଗତ ହୋତା ୧୯୬୨ରେ ବରପାଲି ବ୍ଲକ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ସେ ବରପାଲି ଫାର୍ମାସ୍ୟୁଟିକାଲ କଲେଜର ପ୍ରତିଷ୍ଠାତା ଥିଲେ। ତାଙ୍କ ପରଲୋକରେ ବିଜେପୁର ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ଜିଲାରେ ଗଭୀର ଶୋକପ୍ରକାଶ ପାଇଛି।


# classifieds

**Everyday**
0674-2580101, 2549302



## SALE

Plot for Sale at Chhatabar per sq.ft @99/-. 8249017091, 9937816565. D-22928

5BHK triplex 52,00,000/- finishing Hanspal, gharabari plot Atala 450/- Psqft.- 9668194157. D-70992

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71749

2250sqft. Gharabari conversion plot for sale at Raghunathpur jail. M-7204129656. D-22939

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71936

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

Private plot for sale Patrapada & Kolathia Khandagiri yellowzone 999/-. 9437335686, 7008487006. D-22909

**ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁରରେ 100Nos 3BHK duplex with modern facilities. 9658122456, 8327785834.** D-71781

ସୁନ୍ଦରପଦାରୁ-ଜଟଣୀ ଏବଂ କାଟେଣୀରୁ-ପିତାପଲ୍ଲୀ ରୋଡ୍‌ରେ immediately ଘର କଲାଭଳି ପ୍ଲଟ୍ ଦିଆଯାଉଛି। 9938016295. D-71782

**ଭୁବନେଶ୍ୱର ଭିଙ୍ଗାରପୁର Oxford College ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ। 6370025920, 9937674302.** D-71774

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922



Newly opening SPA positively health benefits with expert therapist. 8917332216. D-71938



ଘରେ ବସି Part Time SMS sending କାମକରି 9000/-ରୁ 36000/- ରୋଜଗାର କରନ୍ତୁ। ନାମ Registration ପାଇଁ ଯୋଗାଯୋଗ- 6371525089. D-22950

## LOST

ଆମ୍ଭେ ଅଲେଖ ପଟେଲ, ପିତା: ହୀରାଧର ପଟେଲ, ଗ୍ରାମ: ଗିରିଙ୍ଗକେଲା, ଥାନା: ଲେଫ୍ରିପଡ଼ା, ଜିଲ୍ଲା: ସୁନ୍ଦରଗଡ଼ ଘୋଷଣା କରୁଛି ଯେ, ଆମ୍ଭର ଏକ ଉଇଲନାମା ଦଲିଲ ରେଜି ନଂ.-୧୦ ତା. ୧୫।୦୨।୧୯୯୦ ଯାହାକି ଆମ୍ଭର ଅନ୍ୟ ନାମ ଜୟନାରାୟଣ ପଟେଲ, ପିତା: ହୀରାଧର ପଟେଲ ନାମରେ ଜିଲ୍ଲା ଉପନିବନ୍ଧକ, ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି ହୋଇଥିଲା। ଉକ୍ତ ଦଲିଲଟି କୌଣସି ପ୍ରକାରେ ୦୯।୦୧।୨୦୨୦ରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ଏହି ମୋବାଇଲ ନଂ.- ୯୪୩୯୦୩୧୨୪୦ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୨୯୫୨

## LEGAL NOTICE

ପୁରୀ ମୁକାମ୍ ସିଭିଲ୍ ଜଜ୍ ଅଦାଲତ, ପୁରୀ। ଟି.ଏସ୍. ନଂ.- ୩୭୩/୧୯୯୯

ଶ୍ରୀ ଶ୍ରୀ ସ୍ୱାମୀ ସେବାନନ୍ଦ ଧର୍ମ ସଭାସଂଘ ଧାର୍ମିକ ଅନୁଷ୍ଠାନ ଏହାର ସମ୍ପାଦକ ଶ୍ରୀ ବିନୟ ଭୂଷଣ ସ୍ୱାଇଁ ମହାପାତ୍ର, ସାକିନ୍- ଅର୍ଣ୍ଣପୂର୍ଣ୍ଣା ଆଶ୍ରମ, ସ୍ୱର୍ଗଦ୍ୱାର, ପୁରୀ,

ବନାମ

୧. ସୁକୁମାର ଗାଙ୍ଗୁଲି (ମୃତ୍ୟୁ), ୧କ. ତୋଫାନ ଗାଙ୍ଗୁଲି, ବ୬୦ର୍ଷ, ୧ଖ. ଫଟିକ ଗାଙ୍ଗୁଲି, ବ୫୫ର୍ଷ, ୧ଗ. ଧନ ଗାଙ୍ଗୁଲି, ବ୫୦ର୍ଷ, ୧ଘ. ବଡ଼ ଗୋପାଳ ଗାଙ୍ଗୁଲି, ବ୪୮ର୍ଷ, ୧ଙ. ଛୋଟ ଗୋପାଳ ଗାଙ୍ଗୁଲି, ବ୪୫ର୍ଷ, ଏମାନଙ୍କ ପିତା: ୰ସୁକୁମାର ଗାଙ୍ଗୁଲି, ସାକିନ୍: ରାମଚଣ୍ଡିସାହି, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ।

ଦେୱାନୀ କାର୍ଯ୍ୟବିଧି ଆଇନର ଧା୫ରା, ରୁଲ ୨୦ମତେ

ଏହିକି ଆମ୍ଭେ ବାଦୀ ନିମ୍ନ ତଫସିଲ ବୃତ୍ତିପକ୍ଷେ ଦାବୀ ସ୍ୱତ୍ୱ ସାବ୍ୟସ୍ତ ଦଖଲ ବାହେଲି ଚିରସ୍ଥାୟୀ ନିଷେଧାଜ୍ଞା ମୋକଦ୍ଦମା, ସୁକୁମାର ଗାଙ୍ଗୁଲିଙ୍କ ନାମରେ କରିଥିଲୁ। କିନ୍ତୁ ସୁକୁମାର ଗାଙ୍ଗୁଲିଙ୍କ ମୃତାନ୍ତେ ସ୍ଥଳାଭିଷିକ୍ତ ୱାରସ୍‌ମାନେ ଜାଣିଶୁଣି ଭୁଲ୍ ଠିକଣା କହି ବାରମ୍ବାର ନୋଟିସ୍ ଫେରାଇ ଦେଇଛନ୍ତି। ଫଳରେ ଉପରୋକ୍ତ ମୋକଦ୍ଦମା ବିଚାର ପ୍ରକ୍ରିୟା ବିଳମ୍ବ ହେଉଛି। ଉକ୍ତ ମୋକଦ୍ଦମା ଆସନ୍ତା ତା ୧୭।୦୨।୨୨ରିଖକୁ ବିଚାର ନିମନ୍ତେ ଧାର୍ଯ୍ୟଅଛି। ଏଣୁ ମୃତ ସୁକୁମାର ଗାଙ୍ଗୁଲିଙ୍କର ୱାରସ୍‌ମାନଙ୍କ ଅଗବତି ନିମନ୍ତେ ଜଣାଇ ଦିଆଯାଇ ଅଛି ଯେ, ବାଦୀଙ୍କର ନିମ୍ନ ପ୍ରଦତ୍ତ ଦାବି ପକ୍ଷେ ଯଦି କାହାର କିଛି ଆପତ୍ତି ଥାଏ, ତେବେ ସେମାନେ ଆସନ୍ତା ଧାର୍ଯ୍ୟ ତାରିଖ ଦିବା ୧୦.୩୦ମି. ସମୟରେ ମହାମାନ୍ୟଙ୍କ ଇଜିଲାସରେ ହାଜର ହୋଇ ଆପତ୍ତି ଦାଖଲ କରିପାରିବେ। ଯଦି ଧାର୍ଯ୍ୟ ତାରିଖରେ କୌଣସି ଆପତ୍ତି ଦାଖଲ ନହୋଇ କିଛି ଅଭିଯୋଗ ନକରନ୍ତି, ଅତ୍ର ମୋକଦ୍ଦମା ଆଇନ ଅନୁଯାୟୀ ବିଚାର କରାଯିବ।

ତଫସିଲ ସମ୍ପତ୍ତି

ଜି: ପୁରୀ, ତହସିଲ: ପୁରୀ ସଦର, ନ ୬୫୧ମ୍ବର, ଥାନା: ପୁରୀ ସଦର ନ୧୧ମ୍ବର, ମୌଜା: ପୁରୀ ସହର, ୟୁନିଟ୍ ନ୧୧ମ୍ବର ବାଲିସାହି, ଖାତା ନ୭୧୭ମ୍ବର, ପ୍ଲଟ୍ ନ୧୪୫୧ମ୍ବର, ଏରିଆ ଏ୦.୦୫୨ ଡିସିମିଲ।

ସ୍ୱା./- ଶ୍ରୀଯୁକ୍ତ ପ୍ରତ୍ୟୁଷ କୁମାର ଚାନ୍ଦ
ସିଭିଲ୍ ଜଜ୍, ପୁରୀ
ଧ- ୨୨୯୫୩

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନବୀନ ନିବାସରେ ଗୁରୁବାର ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ହୋଇଥିବା ସୌଜନ୍ୟମୂଳକ ସାକ୍ଷାତ୍।

# ସ୍ୱର୍ଗଦ୍ୱାରରୁ ଶବଦାହ କଟକଣା ହଟିଲା

**ପୁରୀ ଅଫିସ,୨୭।୧**

ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ଉପରେ ଥିବା କଟକଣାକୁ ଗୁରୁବାର ହଟାଇ ଦିଆଯାଇଛି। ପୁରୀ ଜିଲା ବାହାର ଲୋକଙ୍କୁ ସ୍ୱର୍ଗଦ୍ୱାରରେ ଶବଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ପାଇଁ ପୁରୀ ପ୍ରଶାସନ ପୁଣି ଅନୁମତି ଦେଇଛି। ଏଣିକି ଯେ କେହି ବ୍ୟକ୍ତି ସ୍ୱର୍ଗଦ୍ୱାରରେ ଆତ୍ମୀୟସ୍ୱଜନଙ୍କ ଶବଦାହ କରାଇପାରିବେ। କୋଭିଡ୍ କଟକଣା ଓ ଜିଲା ପ୍ରଶାସନର ନିର୍ଦ୍ଦେଶନାମା ଅନୁଯାୟୀ ଶବଦାହ କରାଯାଇପାରିବ ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ଅଣକୋଭିଡ୍ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପର୍କୀୟ ଆବଶ୍ୟକ ପ୍ରମାଣପତ୍ର ଓ କାଗଜପତ୍ର ଦେଖାଇ ଶବଦାହ କରିପାରିବେ। ଜଣେ ମୃତକଙ୍କ ସହ ସର୍ବାଧିକ ୧୦ଜଣ ବ୍ୟକ୍ତିଙ୍କୁ ସ୍ୱର୍ଗଦ୍ୱାର ପ୍ରବେଶ ଲାଗି ଅନୁମତି ରହିବ। ମାସ୍କ, ସାନିଟାଇଜର ବ୍ୟବହାର ସହ ୨ମିଟରର ସାମାଜିକ ଦୂରତା ଭଳି କଟକଣାକୁ ଲୋକେ ପାଳନ କରିବାକୁ ବାଧ୍ୟ ବୋଲି ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି।

# ସମ୍ପତ୍ତି ବିବାଦରୁ ମା'ଙ୍କୁ ହତ୍ୟାକଲେ ପୁଅ

## କନିକା ରାଜ ପରିବାରରେ ହତ୍ୟା

**କଟକ ଅଫିସ, ୨୭।୧**

କଟକ ବିଡ଼ାନାସୀ ଥାନା ଅନ୍ତର୍ଗତ ଶ୍ରୀବିହାର କଲୋନୀସ୍ଥିତ କନିକା ରାଜ ପରିବାରରେ ଘଟିଛି ହତ୍ୟାକାଣ୍ଡ। କନିକା ରାଜା ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ନାତୁଣୀ ବୋହୂ ପରେଶ କୁମାରୀ ଦେବୀଙ୍କୁ ତାଙ୍କ ପୁଅ ଗୋପାଳ ଭଞ୍ଜଦେଓ ବୁଧବାର ହତ୍ୟା କରିଛନ୍ତି। ସମ୍ପତ୍ତି ବିବାଦ ଓ ଆର୍ଥିକ ଅନଟନ ପାଇଁ ନିଜର ଜନ୍ମକଲା ମା'କୁ ଦାୟୀକରି ଗୋପାଳ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ପୁଅ ଗୋପାଳଙ୍କୁ ବିଡ଼ାନାସୀ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ ଶ୍ରୀବିହାର କଲୋନୀରେ ରାଜେନ୍ଦ୍ର ନାରାୟଣଙ୍କ ନାତୁଣୀ ବୋହୂ ପରେଶ କୁମାରୀ ରହୁଥିଲେ। ପାରିବାରିକ ଖର୍ଚ୍ଚ ସହ ଜମିଜମାର ରକ୍ଷଣାବେକ୍ଷଣ ଖୋଦ୍ ପରେଶ କୁମାରୀ କରୁଥିଲେ। କିଛି ମାସ ହେବ ସମ୍ପତ୍ତିକୁ ନେଇ ବିବାଦ ଏବଂ ଗୋପାଳଙ୍କଠାରୁ ତାଙ୍କ ସ୍ତ୍ରୀ ଅଲଗା ରହୁଥିବାରୁ ଅନେକ ସମୟରେ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଏପରି କି ଏଥିପାଇଁ ମା'ଙ୍କୁ ଦାୟୀ କରି ବିଭିନ୍ନ ସମୟରେ ଗୋପାଳ ତାଙ୍କୁ ମାରଧର କରିବା ସହ ଜୀବନରେ ମାରିଦେବାକୁ ମଧ୍ୟ ଧମକ୍ ଦେଉଥିଲେ। ଏନେଇ ପୋଲିସକୁ ଖବର ମଧ୍ୟ ଦିଆଯାଇଥିଲା। ପୋଲିସ ଗୋପାଳଙ୍କୁ ତାଗିଦ କରି ଛାଡି ଦେଇଥିଲା। ଘଟଣା ପୂର୍ବ ରାତିରେ ଜମିବାଡିରେ ନିଜର ଅଧିକାର ଦାବି କରି ଉଭୟ ମା' ଓ ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ବୁଧବାର ସକାଳେ ଏକ ଧାରୁଆ ଅସ୍ତ୍ରରେ ଗୋପାଳ ମା' ପରେଶ ଦେବୀଙ୍କୁ ହତ୍ୟା କରିଥିଲେ। ଏହି ସମୟରେ ପରେଶ ଦେବୀଙ୍କ ଝିଅ ଘରେ ଉପସ୍ଥିତ ଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋପାଳଙ୍କୁ ଗିରଫ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଏପରି କି ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ବିଭିନ୍ନ ଦିଗକୁ ଅନୁଧ୍ୟାନ କରୁଛି। ଗୋପାଳଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା କାରଣରୁ ମା'ଙ୍କୁ ହତ୍ୟା କରିଥିବା କୁହାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି କଟକ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ପିପିଲିରୁ ଅଭିଯୁକ୍ତ...

ପ୍ରଥମ ପୃଷ୍ଠାରୁ...

ଅଭିଯୋଗ କରାଯାଇଥିଲା। ଏହାପରେ ପୋଲିସ ଫେରାର ଅଭିଯୁକ୍ତ ମହେଶଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲା। ପୁରୀ ପୋଲିସ ପକ୍ଷରୁ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଏବଂ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ୪ଟି ସ୍ୱତନ୍ତ୍ର ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଭୁବନେଶ୍ୱର, କଟକ, ପିପିଲି, ବ୍ରହ୍ମଗିରି, କୋଣାର୍କ, ଛଇତନା, ପାରାଦୀପ, ଜଗତ୍‌ସିଂହପୁର ପ୍ରଭୃତି ବିଭିନ୍ନ ସ୍ଥାନ ସହ ଅଭିଯୁକ୍ତଙ୍କ ପୈତୃକ ବାସସ୍ଥଳୀ ବାଲିକୁଦା ଅଞ୍ଚଳରେ ମଧ୍ୟ ଖୋଜାଖୋଜି କରାଯାଇଥିଲା। ବୁଧବାର ରାତିରେ ପିପିଲି ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି। ତେବେ ଅଭିଯୁକ୍ତଙ୍କ ପାଖରେ ମୋବାଇଲ ଫୋନ୍ ନ ଥିବାରୁ କୌଣସି ଡିଜିଟାଲ୍ ମାଧ୍ୟମରେ ନୁହେଁ ବରଂ ପୋଲିସ ଟିମ୍ କଠିନ ପରିଶ୍ରମ କରି ତାଙ୍କୁ ଧରିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ସମୁଦ୍ରକୂଳ ଥାନା ଓ ଟାଉନ ଥାନାରେ ମାମଲା ରହିଛି। ପ୍ରଥମେ ଆଇପିସି ଧାରା ୨୯୪, ୫୦୬ରେ କେସ୍ ନମ୍ବର ୨୦/୨୦୨୨ ରୁଜୁ ହୋଇଥିଲା। ପରେ ଆଇପିସି ଧାରା ୩୭୬ (ଏ), (ବି) ଏବଂ ପୋକ୍ସୋ ଆକ୍ଟ ସେକ୍ସନ୍-୬ ସମେତ ପୂର୍ବ ମାମଲା ଆଧାରରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ଜିଲା ଆଇନସେବା ପ୍ରାଧିକରଣ ସହ ମଧ୍ୟ ଆଲୋଚନା ଜାରି ରହିଛି। ପରବର୍ତ୍ତୀ ବୈଠକରେ ପୀଡ଼ିତାଙ୍କୁ କ୍ଷତିପୂରଣ ମିଳିବା ନେଇ ନିଶ୍ଚିତ କରାଯିବ। ଚାର୍ଜଶିଟ୍ ଦାଖଲ ନ ହେବା ପର୍ଯ୍ୟନ୍ତ ତଦନ୍ତ ପ୍ରକ୍ରିୟା ସମ୍ପର୍କରେ କହିବା ଠିକ୍ ହେବ ନାହିଁ ବୋଲି ଏସ୍‌ପି ସିଂ କହିଛନ୍ତି।

## ଟାଟାକୁ ଫେରିଲା...

୧୫,୩୦୦ କୋଟି ଟଙ୍କାର ଋଣ ଶୁଝିବାକୁ ଥିବାବେଳେ ଅବଶିଷ୍ଟ ୪୬,୨୬୨ କୋଟି ଟଙ୍କା ଋଣ ଏବଂ ବକେୟା ୧୫,୦୦୦ କୋଟି ଟଙ୍କା ଇନ୍ଧନ ବିଲ୍ ସରକାର ପୈଠ କରିବେ। ଟାଟା ପାଇଁ ଏୟାର ଇଣ୍ଡିଆ ତୃତୀୟ ଏୟାରଲାଇନ୍ସ ହେବାକୁ ଯାଉଛି। ଏବେ ଟାଟା, ସିଙ୍ଗାପୁର ଏୟାରଲାଇନ୍ସ ମିଳିତ ଭାବ ବିସ୍ତାର ଏୟାରଲାଇନ୍ସ ଚଳାଉଥିବାବେଳେ ଏୟାରଏସିଆ ଗ୍ରୁପ୍ ସହ ଏୟାରଏସିଆ ଇଣ୍ଡିଆ ଚଳାଉଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଏୟାରଇଣ୍ଡିଆ ହସ୍ତାନ୍ତରଣ କାର୍ଯ୍ୟ ଶେଷ ହୋଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି। ଚୁକ୍ତି ଅନୁଯାୟୀ ଟାଟାକୁ ତୁରନ୍ତ ଉଡାଣ ଅଧିକାର ଓ ଲ୍ୟାଣ୍ଡିଂ ସ୍ଲଟ୍ ମିଳିଯିବ। ଏଥିସହିତ ଏହା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ନିୟନ୍ତ୍ରଣକୁ ନେବା ସହ ଏସ୍‌ଏଟିଏସ୍ ଲିଃର ୫୦ ପ୍ରତିଶତ ଶେୟାର ଅଧିଗ୍ରହଣ କରିବ। ତେବେ ଏୟାର ଇଣ୍ଡିଆର ଆଞ୍ଚଳିକ ଶାଖା ଆଲିଆନ୍ସ ଏୟାର ଚୁକ୍ତିନାମାରେ ସାମିଲ ହୋଇନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଫିସିଆଲି କାମର ସମସ୍ୟା ସୁଧୁରି ଯିବ। ପରିବହନ, ଆନୁଷ୍ଠାନିକ କାମ, ମରାମତି, ଯାନ୍ତ୍ରିକ ଜିନିଷ କିଣା ବିକା କ୍ଷେତ୍ରରେ ସୁଫଳ ପାଇବେ। ପଡ଼ୋଶୀ, ସହକର୍ମୀ, ଭାଇଭଉଣୀଙ୍କ ସହ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଖୋଜିଲା ସମୟରେ ନପାଇ ଅପଦସ୍ତ ହୋଇପାରନ୍ତି।

**ବୃଷ**
ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବେ। ଅଫିସ୍‌କୁ ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଚେଷ୍ଟା କରୁଥିବା କାମ ଶୀଘ୍ର ଶେଷ କରିବା ନିମିତ୍ତ ଖୁବ୍ ଆଶାବାଦୀ ହେବେ। କୌଣସି ନୂଆକାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ।

**ମିଥୁନ**
ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ବିବ୍ରତ ହେବେ। ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ବହୁତ ଲଢ଼େଇ ଜାରି ରଖିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଭୁଲ୍ ବୁଝାମଣା ହେତୁକ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**କର୍କଟ**
କର୍ମକ୍ଷେତ୍ରରେ ଅବହେଳା ଓ କାଳକ୍ଷେପଣ ନୀତି କିମ୍ବା ଅଳସୁଆମି ହେତୁ କାମ ଗୁଡ଼ିକ ଧିମେଇ ଯିବ। ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରି ପାରିବେ ନାହିଁ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବନ୍ଧୁ ବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିବେ, ଏଣୁ ବୁଝି ବିଚାରି କାମ କରନ୍ତୁ।

**ସିଂହ**
କୌଣସି ନୂଆ କାମ ହାତକୁ ନେବେ ଓ ତଦନୁଯାୟୀ କାମ ମଧ୍ୟ ଆରମ୍ଭ କରି ଦେଇ ପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ହେଉ ସମାଲୋଚିତ ହେବାକୁ ପଡିବ। ଅଧିକାଂଶ ସମୟ ସହକର୍ମୀ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କାମ କରିବାର ସୁଯୋଗ ପାଇବେ। ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମନା କରିବାକୁ ପଡ଼ିବ। କେତେକ କାମ ଅଟକି ରହିଥିବା କାରଣରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଘରୋଇ କଳହକୁ ନେଇ ଅଶାନ୍ତି ଜନିତ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ବ୍ୟବସାୟ ପାଇଁ ଦିନଟି ଭଲ ଏବଂ ଆଜିର ଯାତ୍ରାରେ ଆଶା ପୂରଣ ହେବ।

**ତୁଳା**
ନିଜକୁ ଆଡ୍‌ଜଷ୍ଟ କରି ଚଳିବାରେ ସାମାନ୍ୟ ଅସୁବିଧାକୁ ଦୂରେଇବାରେ ସମର୍ଥ ହେବେ। କେତେକ ବ୍ୟକ୍ତି ପଛରେ କଟୁକ୍ତି ପ୍ରକାଶ କରିପାରନ୍ତି। ଯେତେ ତୁନି କରି ରହିଲେ ମଧ୍ୟ ପରିବାର ଭିତରେ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ।

**ବିଛା**
ଆଗାମୀ ସମୟର କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ପ୍ରତି ସତର୍କ ରହିବା ଭଲ। କର୍ମକ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷ ସହଯୋଗ ପ୍ରତିଶ୍ରୁତି ଦେବେ। ବ୍ୟବସାୟ, ପରିବହନ, ରାଜନୀତି, କଳା ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ।

**ଧନୁ**
ଆଜି ଆପଣଙ୍କୁ ସ୍ୱାଦିଷ୍ଟ ଭୋଜନ, ଟଙ୍କା ପଇସା, ବନ୍ଧୁଙ୍କ ପ୍ରଶଂସା ଏବଂ ପାରିବାରିକ ସହଯୋଗ ମିଳିବ। ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମକର**
ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ସାମାଜିକ କ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡା ହୋଇପାରେ। ଆତ୍ମୀୟମାନଙ୍କ ସହ ମତପାର୍ଥକ୍ୟ ହେବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିବ।

**କୁମ୍ଭ**
ସାଧାରଣ କଥାକୁ ବଡ ଆକାରରେ ଚିନ୍ତାକରି ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ମନ୍ଦ ହେବନି କିନ୍ତୁ ଋଣ ପରିଶୋଧ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ସ୍ୱାଧୀନ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା, ଚଳଚ୍ଚିତ୍ର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**ମୀନ**
ଆର୍ଥିକ ଦୁରବସ୍ଥାର ପରିବର୍ତ୍ତନ ଆନନ୍ଦର ପରିଚାୟକ ହେବ। ପାରିବାରିକ କ୍ଷେତ୍ରରେ ଯେତେ ପ୍ରୟାସ କଲେ ମଧ୍ୟ ଅନ୍ୟମାନଙ୍କୁ ସହଜରେ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

# ଗୁଣପୁର କୋର୍ଟରେ ସବ୍ୟସାଚୀ

**ଗୁଣପୁର,୨୭।୧(ଡି.ଏନ୍.ଏ.):** ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ରାୟଗଡ଼ା ଜିଲା ଗୁଣପୁର କୋର୍ଟରେ ଗୁରୁବାର ହଜର ହୋଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଙ୍କୁ ବ୍ରହ୍ମପୁର ଜେଲରୁ ଅଣାଯାଇ ଗୁଣପୁର ସବ୍‌ଜଜ୍ ଏବଂ ଏଡିଜେ କୋର୍ଟରେ ହାଜର କରାଯାଇଥିଲା। ସବ୍‌ଜଜ୍ ସଙ୍ଗିତା ମଲିକ ଗୁଡାରି ଥାନା ଅଧୀନ ଡିମିରିଗୁଡ଼ାଠାରେ ହୋଇଥିବା ଧାନକଟା ମାମଲାରେ ପ୍ରତାପ ପାଣିଗ୍ରାହୀଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ସେହିପରି କଟାପାଜୁ ଏବଂ ହରିପଦରଠାରେ ପୋଲିସକୁ ଆକ୍ରମଣ ମାମଲାରେ ସରକାରୀ ଓକିଲ ଉମାଚରଣ ପଟ୍ଟନାୟକ ଏବଂ ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ମଧ୍ୟରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅପରପକ୍ଷେ ଏଡିଜେ କୋର୍ଟରେ ୧୦ ମାମଲା ରହିଥିବାବେଳେ ସାକ୍ଷୀ ପହଞ୍ଚି ନ ଥିବାରୁ ଗୋଟିଏ ହେଲେ ମାମଲାର ବିଚାରଣା ହୋଇପାରି ନ ଥିଲା।

## ମନୋଜ କୁମାର ମହାପାତ୍ର କଂଗ୍ରେସ ମିଡିଆ ଇନ୍‌ଚାର୍ଜ

ଭୁବନେଶ୍ୱର, (ବ୍ୟୁରୋ) - ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଭିନ୍ନ ଦଳ ନିଜ ନିଜର ଗଣମାଧ୍ୟମ ପରିଚାଳନାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏପରିସ୍ଥଳେ ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ରଙ୍କୁ ମିଡିଆ ଇନ୍‌ଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି। ସେ କଂଗ୍ରେସର ନିର୍ବାଚନ ସମ୍ପର୍କିତ ସମସ୍ତ ମିଡିଆ ଦାୟିତ୍ୱ ନିର୍ବାହ କରିବେ। ଏ ନେଇ ପିସିସି ଆବାହକ ଯଜ୍ଞେଶ୍ୱର ବାବୁ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ବୋହୂଙ୍କୁ ଡରିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ

**ପଣଜୀ,୨୭।୧**

ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରତାପସିଂ ରାଣେ ପୋରିଏମ୍ ଆସନରୁ ପ୍ରାର୍ଥୀ ହୋଇଥାଆନ୍ତେ। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଚଳିତ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛନ୍ତି। କାରଣ ଉକ୍ତ ଆସନରୁ ଭାଜପା ତାଙ୍କ ବୋହୂ ଦିବ୍ୟା ରାଣେଙ୍କୁ ଟିକେଟ ଦେଇଛି। ଏହି ପ୍ରସଙ୍ଗ ଗୋଆ ରାଜନୀତିରେ ହଟଚମଟ ସୃଷ୍ଟି କରିଛି।

ଗୋଆରେ କଂଗ୍ରେସକୁ ବଡ଼ ଝଟକା ଲାଗିଛି। ଗତ ଡିସେମ୍ବରରେ ୮୭ ବର୍ଷୀୟ ପୁରୁଖା ନେତା ପ୍ରତାପସିଂ ରାଣେଙ୍କୁ ଦଳ ପୋରିଏମ୍ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ଘୋଷଣା କରିଥିଲା। ଗତ ସପ୍ତାହରେ ଭାଜପା ପକ୍ଷରୁ ତାଙ୍କ ବୋହୂ ଦିବ୍ୟା ବିଶ୍ୱଜିତ୍ ରାଣେଙ୍କୁ ଟିକେଟ ଦିଆଯିବା ପରେ ପ୍ରତାପସିଂ ଆଉ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ସେ ନିଜ ବୋହୂଙ୍କୁ ଡରି ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଥିବା ଭୋଟର



ଡା.ଦିବ୍ୟା ବିଶ୍ୱଜିତ୍ ରାଣେ

ଆଲୋଚନା କରୁଛନ୍ତି। ତେବେ ପ୍ରତାପସିଂ କହିଛନ୍ତି, ପାରିବାରିକ ଚାପ ଯୋଗୁ ନୁହେଁ, ବରଂ ନିଜ ବୟସକୁ ନେଇ ସେ ପଛଘୁଞ୍ଚା ଦେଇଛନ୍ତି। ପୋରିଏମ୍ ହେଉଛି ପ୍ରତାପସିଂଙ୍କ ଗଡ଼, ଯେଉଁଠୁ ସେ ୧୧ ଥର ଗୋଆ ବିଧାନସଭାରେ ପ୍ରତିନିଧିତ୍ୱ କରିଛନ୍ତି। ଉକ୍ତ ଆସନରେ ସେ କେବେ ପରାଜିତ ହୋଇନାହାନ୍ତି।

### ୧୧ ଥର ଜିତିଥିବା ଗଡ଼ରେ ପଛଘୁଞ୍ଚା



ପ୍ରତାପସିଂ ରାଣେ



ବିଶ୍ୱଜିତ୍ ରାଣେ

ପ୍ରତାପସିଂଙ୍କ ପୁଅ ବିଶ୍ୱଜିତ୍ ରାଣେ ହେଉଛନ୍ତି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ନେତୃତ୍ୱାଧୀନ ଭାଜପା ସରକାରର ଜଣେ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ। ପୂର୍ବରୁ ଜୁନିୟର ରାଣେ ମଧ୍ୟ କଂଗ୍ରେସରେ ଥିଲେ। ତେବେ ୨୦୧୭ ବିଧାନସଭା ନିର୍ବାଚନ ସମୟରେ ସେ ହାତ ଛାଡ଼ି ପଦ୍ମ ଧରିଥିଲେ।

୧୯୮୭ରୁ ୨୦୦୭ ମଧ୍ୟରେ ୪ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ପ୍ରତାପସିଂ ରାଣେ ପୂର୍ବରୁ କହିଥିଲେ, ସେ ଯେମିତି ବି ହେଉ ନିର୍ବାଚନ ଲଢ଼ିବେ। କଂଗ୍ରେସ ତାଙ୍କ ନାମ ଘୋଷଣା କରିଥିବାରୁ ଓହରିବାର ପ୍ରଶ୍ନ ଉଠୁନାହିଁ। ଏପରି କି ଶନିବାର ମଧ୍ୟ ପଣଜୀର ଏକ ହୋଟେଲରେ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା ବେଳେ ସେ ଉପସ୍ଥିତ ଥିଲେ। ଦୀର୍ଘ ୪୫ ବର୍ଷ ଧରି ପୋରିଏମ୍ ଆସନକୁ ନିଜ ଦଖଲରେ ରଖିଥିବା ପ୍ରତାପସିଂ ଏବେ ବୋହୂଙ୍କ ପାଇଁ ହଟିଯାଇଥିବାରୁ କଂଗ୍ରେସ ପାଇଁ ଏହା ଶକ୍ତ ଧକ୍କା ବୋଲି କୁହାଯାଉଛି। କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି, ପୋରିଏମ୍ ଆସନ କହିଲେ ପ୍ରତାପସିଂ ରାଣେଙ୍କୁ ବୁଝାଏ। ଏଥର ମଧ୍ୟ ଆମେ ତାଙ୍କୁ ପ୍ରାର୍ଥୀ କରିଥିଲୁ। ଯଦି ସେ ନ ଲଢ଼ନ୍ତି ତେବେ ତାଙ୍କ ବିକାଶମୂଳକ କାର୍ଯ୍ୟ ଆଗକୁ ନେବା ଭଳି ଜଣେ ନେତାଙ୍କ ନାମ ପ୍ରସ୍ତାବ ଦିଅନ୍ତୁ ବୋଲି ଅନୁରୋଧ କରିଥିଲୁ। ତାଙ୍କ ପଛଘୁଞ୍ଚା ଆମକୁ ନିରାଶ କରିଛି। ପ୍ରକାଶ ଯେ, ଏହି ଆସନରେ ଭାଜପା ବାପାଙ୍କ ବିରୋଧରେ ପୁଅ ବିଶ୍ୱଜିତ୍‌ଙ୍କୁ ଲଢ଼େଇବ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା। ଏପରି କି ବାପା ସସମ୍ମାନେ ରାଜନୀତିରୁ ସନ୍ନ୍ୟାସ ନିଅନ୍ତୁ ବୋଲି ବିଶ୍ୱଜିତ୍ ମଧ୍ୟ କହୁଥିଲେ। ହେଲେ ପ୍ରତାପସିଂ ପୁଅ ବିରୋଧରେ ମଧ୍ୟ ଲଢ଼ିବାକୁ ପ୍ରସ୍ତୁତ ଥିଲେ। ଏଥିଯୋଗୁ ଭାଜପା ବିଶ୍ୱଜିତ୍‌ଙ୍କୁ ପଡ଼ୋଶୀ ଭାଲପୋଇ ଆସନରେ ଟିକେଟ ଦେଇ ତାଙ୍କ ଡାକ୍ତରାଣୀ ସ୍ତ୍ରୀ ଦିବ୍ୟାଙ୍କୁ ପୋରିଏମ୍‌ରୁ ଛିଡ଼ା କରାଇଛି।

# ‘କେନ୍ଦ୍ର ପଠାଉଥିବା ଟଙ୍କାର ଜଗୁଆଳି ହେବ ଭାଜପା’



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ଇସ୍ତାହାରକୁ ନେତାମାନେ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସକ୍ରମେ ଗ୍ରାମାଞ୍ଚଳର ବିକାଶ ପାଇଁ ମୋଦି ସରକାର ପ୍ରଚୁର ଅର୍ଥ ଓଡ଼ିଶାକୁ ପ୍ରଦାନ କରିଛନ୍ତି। ସେହିଭଳି ଡିଏମ୍‌ଏଫ୍ ଏବଂ ଓଏମ୍‌ବିଏଡିସି ପାଣ୍ଠିରେ ବ୍ୟାପକ ଅର୍ଥ ଆସୁଛି। ଏହି ଅର୍ଥରେ ପଞ୍ଚାୟତର ଭିତ୍ତିଭୂମି ବିକାଶ ସମେତ ଆର୍ଥିକ ସ୍ୱାବଲମ୍ବୀ ହେବା ମୂଳ ଉଦ୍ଦେଶ୍ୟ। କିନ୍ତୁ ପଞ୍ଚାୟତ ସ୍ତରରେ ଶାସକ ଦଳ ନେତାଙ୍କ ଦ୍ୱାରା ବ୍ୟାପକ ଅର୍ଥ ଲୁଟ୍ ହେଉଛି। ବିକାଶ ନାମରେ ଜେଇ ଠିକାଦାର ସାଜି ଅର୍ଥ ଲୁଟ କରୁଛନ୍ତି। ତେଣୁ ଭାଜପା ଆଉ ସେମିତି ହେବାକୁ ଦେବନାହିଁ। ଏଣିକି ରାଜ୍ୟରେ ଭାଜପା ମୋଦି ପଠାଉଥିବା ଟଙ୍କାର ଜଗୁଆଳି ହେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ଇସ୍ତାହାର ‘ଆମ ପ୍ରତିଶ୍ରୁତି ଆମ ସଂକଳ୍ପ’କୁ ସମୀର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସମୀର କହିଛନ୍ତି, ପ୍ରତି ଓଡ଼ିଆଙ୍କ ସୁରକ୍ଷା ଓ ବିକାଶ ହେଉଛି ଭାଜପା ରାଜନୀତିର ମୂଳମନ୍ତ୍ର। ଭାଜପା ଜିତିଲେ ପଞ୍ଚାୟତ ଓ ବ୍ଲକ୍‌ରୁ ପିସି କାରବାର ବନ୍ଦ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ପାଇଁ କାହାକୁ ଲାଞ୍ଚ ଦେବାକୁ ପଡିବ ନାହିଁ। ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଓ ପାଇଖାନା ଯୋଗାଇ ଦିଆଯିବ। ଆଇନ ଅନୁଯାୟୀ ପଞ୍ଚାୟତରେ ସରପଞ୍ଚଙ୍କୁ ସବୁ କ୍ଷମତା ଦିଆଯିବା ସହିତ ପ୍ରତି ଗ୍ରାମରେ ଗ୍ରାମସଭା/ପଲ୍ଲିସଭା ଜରିଆରେ ପଞ୍ଚାୟତର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ପଞ୍ଚାୟତକୁ ସିଧାସଳଖ ଯାଉଥିବା ଅର୍ଥ ୱାର୍ଡ ମେମ୍ବରମାନଙ୍କ ସହିତ ଆଲୋଚନାକ୍ରମେ ସରପଞ୍ଚମାନେ ଖର୍ଚ୍ଚ କରିବେ। ପଞ୍ଚାୟତ ସ୍ତରରେ ସରପଞ୍ଚଙ୍କ ମାର୍ଫତରେ ଧାନମଣ୍ଡି ଖୋଲିବା ପାଇଁ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଜରିଆରେ ବ୍ୟବସ୍ଥା କରାଯିବ ଜ କୃଷକମାନେ ତାଙ୍କ ବଳକା ଧାନକୁ ସହଜରେ ଯେପରି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିପାରିବେ ତା’ର ବ୍ୟବସ୍ଥା କରିବା ସହିତ ଧାନ ମଣ୍ଡିରେ ପ୍ରଚଳିତ ଭୁବନେଶ୍ୱରରୁ ଟୋକନ୍ ମିଳିବା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ସେହିପରି ଚାଷୀଙ୍କ ଅନ୍ୟାନ୍ୟ ସମସ୍ୟା ଦୂର କରିବା ସହିତ କମ୍ ସୁଧରେ କିପରି ଋଣ ପାଇପାରିବେ ସେଥିପ୍ରତି ଧ୍ୟାନ ଦିଆଯିବ। ଷ୍ଟ୍ରିଟ୍ ଲାଇଟ୍, ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାର ଗାଁ ଗହଳିରେ ପର୍ଯ୍ୟାପ୍ତ ସଂଖ୍ୟାରେ ମଦଦୋକାନ ଖୋଲି ଓଡ଼ିଆ ଗ୍ରାମ୍ୟ ସଂସ୍କୃତିକୁ ଧ୍ୱଂସକରି ସାରିଲେଣି। ମଦଦୋକାନଗୁଡିକ ଜନବସତି, ସ୍କୁଲ, କଲେଜ, ଉପାସନା ପୀଠ ଏବଂ ରାଜପଥ ଠାରୁ ୫୦୦ ମିଟର ଦୂରରେ ଖୋଲିବାର ନିୟମ ରହିଥିଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ନିୟମ ଉଲ୍ଲଂଘନ କରି ମଦଦୋକାନ ଖୋଲାଯିବା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାନ୍ତି କହିଛନ୍ତି।

**ପଞ୍ଚାୟତ ନିର୍ବାଚନ ପାଇଁ ଭାଜପାର ଇସ୍ତାହାର**

## ସରପଞ୍ଚ ପ୍ରାର୍ଥୀଙ୍କ ଘର ପଛ ପଟେ ଫୁଟିଲା ବୋମା

**ପୁରୀ ଅଫିସ,୨୭।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭରୁ ହିଁ ପୁରୀ ଜିଲାରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଲାଣି। ଗୋପ ଓ ପୁରୀ ଚନ୍ଦନପୁର ପରେ ଗୁରୁବାର ସଦର ଥାନା ଅଧୀନ କାଶୀହରିପୁର ପଞ୍ଚାୟତ ଚାରିନଳା ଗ୍ରାମସ୍ଥିତ ବସନ୍ତେଇ ଠାକୁରାଣୀଙ୍କ ମନ୍ଦିର ନିକଟସ୍ଥ ସରପଞ୍ଚ ପ୍ରାର୍ଥୀ ମୁକ୍ତିକାନ୍ତ ପଣ୍ଡାଙ୍କ ଘର ପଛପଟେ ବୋମା ବିସ୍ଫୋରଣ ହୋଇଛି। ତେବେ ସେଠାରେ ପୂର୍ବରୁ ବୋମା ରଖାଯାଇଥିଲା ନା ଫିଙ୍ଗାଯାଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ପୋଲିସ ଟିମ୍ ଓ ବମ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଛି। ସେଠାରୁ ଏକ

**■ ଘଟଣାସ୍ଥଳରୁ ଜୀବନ୍ତ ବୋମା ଜବତ, ତଦନ୍ତ ଜାରି**

ଜୀବନ୍ତ ବୋମା ଜବତ କରାଯାଇଛି। ଏନେଇ କେସ୍ ନଂ. ୩୭/୨୦୨୨ ରୁଜୁ ହୋଇଛି। ସଦର ଥାନା ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି। ରାଜନୈତିକ ଆକ୍ରୋଶରୁ କେହି ପୂର୍ବରୁ ସେଠାରେ ବୋମା ରଖିଥିବା ଅନୁମାନ କରାଯାଉଛି। ମୁକ୍ତିକାନ୍ତ ବିଜେଡି ସମର୍ଥିତ ପ୍ରାର୍ଥୀ ବୋଲି ଜଣାପଡ଼ିଛି। ମୁକ୍ତିକାନ୍ତ କହିଛନ୍ତି, ଠାକୁରଙ୍କ ପୂଜାର୍ଚ୍ଚନା କରୁଥିବାବେଳେ ବାରିପଟେ ଏକ ଜୋର୍ ବିସ୍ଫୋରଣ ହୋଇଥିଲା। ବୋମା ବିସ୍ଫୋରଣ ହୋଇଥିବା ଜାଣିବା ପରେ ପୋଲିସକୁ ଖବର ଦିଆଯାଇଥିଲା।

# ରାତିରେ ଭାଜପା, ସକାଳେ ବିଜେଡି

**ସମ୍ବଲପୁର,୨୭।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇବା ପରେ ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ଘଡିକେ ଘୋଡା ଛୁଟିବା ସ୍ଥିତି ଦେଖିବାକୁ ମିଳିଛି। ବିଜେଡି ନେତା ରାତିରେ ଭାଜପାରେ ମିଶିବା ପରେ ସକାଳେ ପୁଣି ଦଳକୁ ଫେରିବା ଘଟଣା ସମ୍ବଲପୁରରେ ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁଯାୟୀ ଜାନୁୟାରୀ ୧୮ରେ ଘେନୁପାଲି ପଞ୍ଚାୟତର ବିଜେଡି ସଭାପତି ଅନନ୍ତ ବେହେରା ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଥିଲେ। ସେ ସମୟରେ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ଦଳରେ ଯୋଗ ଦେଇଥିବା କହିଥିଲେ। ରାତିରେ ଏହି ଖବର ସବୁଆଡେ ପ୍ରଚାର ହୋଇଗଲା। ଏପରି କି ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କ ପାଖରେ ପହଞ୍ଚିଥିଲା। ରାତିଅଧିଆ ବିଜେଡିର ନେତା ଓ କର୍ମୀ ଅନନ୍ତଙ୍କ ପାଖରେ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ସମ୍ବଲପୁର ସାଖିପଡାସ୍ଥିତ ବିଧାୟକ ପୂଜାରୀଙ୍କ ବାସଭବନରେ ସେ ପୁଣି ଦଳକୁ ଫେରିଥିଲେ। ଅନ୍ୟ ଏକ ଘଟଣାକ୍ରମେ ବିଜେଡି କର୍ମୀ ତଥା ଧମାର ପୂର୍ବତନ ସମିତି ସଭ୍ୟ ଦଳଗଞ୍ଜନ ସେଠ ସମିତି ସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ହେଲେ ଆଉ ଜଣେ ବିଜେଡି ସମର୍ଥିତ ପ୍ରାର୍ଥୀ ଏହି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାକୁ ନେଇ ସେ ଅସନ୍ତୁଷ୍ଟ ରହିଥିଲେ। ଏପରିସ୍ଥଳେ ସେ ଭାଜପା ନେତାଙ୍କ ସଂସ୍ପର୍ଶରେ ଆସି ଜାନୁୟାରୀ ୨୫ରେ କଚେରୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳରେ ଯୋଗଦାନ କରିଥିଲେ। ଜିଲା ସଭାପତି ଗିରିଶ ପଟେଲ, ଦେବେନ୍ଦ୍ର ମହାପାତ୍ର, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖବର ପାଇ ରାତିଅଧିଆ ବିଜେଡି ନେତା ଓ କର୍ମକର୍ତ୍ତା ଦଳଗଞ୍ଜନଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ। ପରଦିନ ସକାଳେ ବିଧାୟକ ପୂଜାରୀଙ୍କ ଘରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେ ଘର ବାହୁଡା କରିଥିଲେ। ଏଭଳି ଘଟଣାକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ସରପଞ୍ଚ ପ୍ରାର୍ଥୀଙ୍କ ପୁଅ ନିଖୋଜ

**ଖୋର୍ଦ୍ଧା ଅଫିସ,୨୭।୧**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ପଙ୍ଗାରସିଂହ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ନିରୁପମା ମହାପାତ୍ରଙ୍କ ପୁଅ ପ୍ରତାପ ପ୍ରଚାରକୁ ଯାଇ ନିଖୋଜ ଥିବା ନେଇ ଗୁରୁବାର ବାଘମାରୀ ଥାନାରେ ଅଭିଯୋଗ ହୋଇଥିଲା। ତେବେ ରାତିରେ ପ୍ରତାପ ଘରକୁ ଫୋନ କରି ସେ ସୁସ୍ଥ ଥିବା ସହ ଶୁକ୍ରବାର ଘରକୁ ଫେରିବେ ବୋଲି ସୂଚନା ଦେଇଥିବା ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ କହିଛନ୍ତି। ପଙ୍ଗାରସିଂହ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ନିରୁପମା ଲଢୁଛନ୍ତି। ଗୁରୁବାର ସକାଳେ ପ୍ରତାପ ମା’ଙ୍କ ଲାଗି ପ୍ରଚାର ପାଇଁ ଯାଇ ଫେରି ନ ଥିଲେ। ଫଳରେ ପରିବାର ଲୋକେ ବ୍ୟସ୍ତ ହୋଇ ସମସ୍ତଙ୍କୁ ପଚରାଉଚୁରା କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ନିରୁପମାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩/୨୨) ରୁଜୁକରି ତଦନ୍ତ ଚଳାଇଥିଲା।


ARMY INSTITUTE OF MANAGEMENT (AIMK)
New Town, Rajarhat, Kolkata-700160
(ISO 9001:2015 CERTIFIED INSTITUTE)

ARMY INSTITUTE OF MANAGEMENT, KOLKATA offers 2-Year Full Time Residential MBA Programme with Specialisation in Marketing, HR, Finance, Business Analytics, MIS & Operations.

ADMISSION FOR 2022-24 SESSION

OPEN TO STUDENTS WITH ARMY & NON-ARMY BACKGROUND

THE AIMK ADVANTAGE
- Army ethos.
- Ranked B-School in India.
- AICTE approved programme.
- Affiliated to MAKAUT, WB.
- Brand new campus with ultra modern facilities.
- Not for profit organisation.
- Reputed faculty members with corporate and academic experience.



CELEBRATION 25 years SILVER JUBILEE

NO FEE HIKE FOR 2022-24 SESSION

PLACEMENT SUPPORT
- Excellent placement track record for more than two decades.
- Multiple placement opportunities to all students.
- More than 70 companies had participated in the last year campus drive.
- Skill development programme conducted throughout the year.
- Pre-placement grooming sessions conducted covering GD, PI, personality development & interview etiquette.

For further queries, please contact us at:
9903613009 | 7980010533 | 9477123072 | 9830898046
Email: admission_cell@aim.ac.in | URL: www.aim.ac.in


**ରାଜ୍ୟ ଖବର**

# ୧୨ ଜିଲା ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ରାଜ୍ୟର ପ୍ରାୟ ୧୨ ଜିଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମସ୍ତ ରାଜସ୍ୱ ଡିଭିଜନ କମିଶନର, ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ ରିହାବିଲିଟେସନ ଓ ରିସେଟଲମେଣ୍ଟ ନିର୍ଦ୍ଦେଶକ, ବିଭିନ୍ନ ଜିଲାର ଅତିରିକ୍ତ ଜିଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ

**ରାଜସ୍ୱ ସଚିବଙ୍କ ଅଧ୍ୟକ୍ଷତାରେ ଜମି ଅଧିଗ୍ରହଣ ନେଇ ବୈଠକ**

ଜଳସେଚନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗଦାନ କରିଛନ୍ତି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜମି ଅଧିଗ୍ରହଣ ପ୍ରକଳ୍ପ ପାଇଁ ତ୍ୱରିତ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜମି ଅଧିଗ୍ରହଣ ବିଳମ୍ବିତ ହେବାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ରାଜ୍ୟ ସରକାରଙ୍କ ତହବିଲ୍‌ରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ବୈଠକରେ ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ, କାନପୁର, ଦେଓ, ରେଙ୍ଗାଲୀ ବାମ ଓ ଦକ୍ଷିଣ, ଲୋୟର ସୁକତେଲ, ଛେଲିଗଡ଼, ତେଲେଙ୍ଗିରି, ରେତ୍ ସହ ଅନ୍ୟାନ୍ୟ ପ୍ରକଳ୍ପର ସମୀକ୍ଷା ହୋଇଛି। ବିଭିନ୍ନ ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପର ବିଭିନ୍ନ ମାଇଲଖୁଣ୍ଟ ସମ୍ପୂର୍ଣ୍ଣ କରିବାକୁ ତାଗିଦ କରାଯାଇଥିଲା। ଜମି ଅଧିଗ୍ରହଣ ଅଧିକାରୀଙ୍କୁ ଆବଶ୍ୟକ ସମୟରେ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦେବାକୁ ଜଳସେଚନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ରକଳ୍ପର ସମୟସୀମା ମଧ୍ୟରେ ସାମାଜିକ ପ୍ରଭାବ ଅଧ୍ୟୟନ ଓ ପରିବେଶ ପ୍ରଭାବ ଆକଳନ ଅଧ୍ୟୟନ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜମି ଅଧିଗ୍ରହଣର କୌଣସି ପ୍ରକାର ବିଳମ୍ବକୁ ବରଦାସ୍ତ ନ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଆବଶ୍ୟକୀୟ ଦସ୍ତାବିଜ୍‌କୁ ଭୂମି ଅଧିଗ୍ରହଣ ପୋର୍ଟାଲ୍ ମାଧ୍ୟମରେ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ଜମି ଅଧିଗ୍ରହଣ ଅଧିକାରୀ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଓ ଜୋନ୍ ଅଧିକାରୀଙ୍କୁ ନିୟମିତ ତାଲିମ ପ୍ରଦାନ କରିବା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

## ୧୦ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ, ସୂଚନା ଦେଲେ ପୁରସ୍କାର

**ପାତ୍ରପୁର,୨୭।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ବାବନପୁରରେ ଗତ ୨୦ ତାରିଖରେ ପ୍ରାର୍ଥିପତ୍ର ଦାଖଲକୁ ନେଇ ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଜଣେ ଗୁରୁତର ହୋଇଥିଲେ। ଏହି ଘଟଣାରେ ଫେରାର୍ ଥିବା ୧୦ ଅଭିଯୁକ୍ତଙ୍କୁ ଜରଡ଼ା ପୋଲିସ ଖୋଜୁଛି। ଅଭିଯୁକ୍ତଙ୍କ ସୂଚନା ଦେଲେ ୧୦ ହଜାର ଲେଖାଏ ପୁରସ୍କାର ଘୋଷଣା ସହ ପୋଲିସ ଏମାନଙ୍କ ଫଟୋ ଜରଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଲଗାଇଛି। ଖମ୍ବାରିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ବାବନପୁର ଗ୍ରାମର ଗୋଟିଏ ଗୋଷ୍ଠୀ ନାମାଙ୍କନ ପତ୍ର ଦାଖଲ କରି ଫେରିବା ବେଳେ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ଅତର୍କିତ ଆକ୍ରମଣ କରାଯାଇଥିଲା। ଏଥିରେ ପି. ନୌକେୟା ଗୁରୁତର ଆହତ ହୋଇଥିଲେ। ପରେ ଉକ୍ତ ଗୋଷ୍ଠୀ ଗ୍ରାମକୁ ଯାଇ ଅନ୍ୟ ୩ ଜଣଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଏହି ଘଟଣାରେ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ସୁଧାର ଗୃହକୁ ପଠାଇଛି।

## ଅନୁସୂଚିତ ଜାତି ସ୍ଥାନରେ ଜନଜାତିର ପ୍ରାର୍ଥୀ

ଯୋଡ଼ା, ୨୭।୧(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଭୂୟାଁରୋଇଡା ପଞ୍ଚାୟତର ୮ନଂ. ୱାର୍ଡସଭ୍ୟ ପଦବୀ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ଏହି ସ୍ଥାନରେ ଜଣେ ଅନୁସୂଚିତ ଜନଜାତିଙ୍କର ପ୍ରାର୍ଥିପତ୍ରକୁ କାଏମ ରଖାଯାଇଛି। ଏହି ପଦବୀ ପାଇଁ ୨ଜଣ ଅନୁସୂଚିତ ଜାତି ପ୍ରାର୍ଥୀ ଊର୍ମିଳା ପାତ୍ର, ନମିତା ପାତ୍ର ଓ ଅନ୍ୟ ଜଣେ ଅନୁସୂଚିତ ଜନଜାତି ପ୍ରାର୍ଥୀ ଝୁନୁ ଓରାମ ନାମାଙ୍କନ ଦାଖଲ କରିଛନ୍ତି। ଚୂଡାନ୍ତ ତାଲିକାରୁ ଝୁନୁଙ୍କ ନାମକୁ ବାଦ୍ ଦିଆଯାଇ ନ ଥିବା ନେଇ ଊର୍ମିଳା ଏବଂ ନମିତା ଯୋଡ଼ା ବ୍ଲକ ନିର୍ବାଚନ ଅଧିକାରୀ ଜଗନ୍ନାଥ ହନୁମାନଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଉଦ୍‌ଘାଟନ ହେଲା ବୋଟ୍ ଆମ୍ବୁଲାନ୍ସ ସେବା




**ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ଅବସରରେ ବୁଧବାର ବୋଟ୍ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ ହୋଇଯାଇଛି। ଜାନବାଇ ବିଏସ୍‌ଏଫ୍ କ୍ୟାମ୍ପ ପକ୍ଷରୁ ଗୁରୁପ୍ରିୟା ସେତୁ ନିକଟରେ ବିଏସ୍‌ଏଫ୍ ଡିଆଇଜି ସଞ୍ଜୟ କୁମାର ସିଂ ଏହି ସେବାକୁ ଲୋକାର୍ପଣ କରିଥିଲେ। ଏହାଦ୍ୱାରା ଯନ୍ତ୍ରୀ, ପଣସପୁଟ, ଅଣ୍ଡ୍ରାପାଲି, ଜୋଡାମ୍ବ ପଞ୍ଚାୟତର ୩୫ଟି ଗ୍ରାମର ୩୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ବର୍ତ୍ତମାନ ମଧ୍ୟ ସ୍ୱାଭିମାନ ଅଞ୍ଚଳର ବହୁ ଗ୍ରାମକୁ ରାସ୍ତାଘାଟ ନାହିଁ। ୧୦୮ ଆମ୍ବୁଲାନ୍ସ ସେହି ଅଞ୍ଚଳରେ ପହଞ୍ଚି ପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ଏହି ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ମୋବାଇଲ ନମ୍ବର ମଧ୍ୟ ବିଏସ୍‌ଏଫ୍ ପକ୍ଷରୁ ଜାରି କରାଯାଇଛି। ଏହି ନମ୍ବରକୁ ଫୋନ୍ କଲେ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ରୋଗୀଙ୍କୁ ଆଣିବ। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍‌ର ପଦାଧିକାରୀ ଓ ଯବାନମାନେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ସ୍ୱାଭିମାନ ଅଞ୍ଚଳର ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ସରକାର ଦୁଇଟି ବୋଟ୍ ଆମ୍ବୁଲାନ୍ସ ଚିତ୍ରକୋଣ୍ଡା ସ୍ଥିଳବାଇ ଲଞ୍ଚ ଘାଟକୁ ଯୋଗାଇ ଦେଇଥିଲେ। ତେବେ ଏହା ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସମ୍ପୂର୍ଣ୍ଣ ସହାୟକ ହୋଇପାରୁ ନ ଥିଲା। ଉକ୍ତ ଅଞ୍ଚଳରେ ଯାତାୟାତ ପାଇଁ ଜଳପଥ ଏକମାତ୍ର ମାଧ୍ୟମ ହୋଇଥିବାରୁ ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରିବା ପାଇଁ ଏବେ ଆଉ ଗୋଟିଏ ବୋଟ୍ ଆମ୍ବୁଲାନ୍ସ ଅଞ୍ଚଳବାସୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି।

**ଉପକୃତ ହେବେ ୩୫ ଗ୍ରାମର ୩୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ**




ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। **-ଶ୍ରୀଅରବିନ୍ଦ**



# ସବୁଜ ଆଣବିକ ଶକ୍ତି



ହାନ୍ସ ୱେର୍ନର ସିନ୍

ୟୁରୋପୀୟ ସଂଘ (ଇୟୁ) ୨୦୨୦ରେ ପରିବେଶ ଉପଯୋଗୀ ତଥା ନିରନ୍ତର କାର୍ଯ୍ୟକଳାପଗୁଡ଼ିକର ବର୍ଗୀକରଣ କରିଥିଲା। କେଉଁ କାର୍ଯ୍ୟ ଜାରି ରଖିଲେ ଭବିଷ୍ୟତ ପିଢ଼ିର ଆବଶ୍ୟକତା ପୂରଣ ହେବା ସହ ପରିବେଶ ସୁରକ୍ଷିତ ରହିବ ସେଥିପାଇଁ ଏକ ନୂଆ ବାଟ ଖୋଜି ପାଇଥିଲା। ଏଥିରେ ସବୁଜ ନିବେଶ ପ୍ରୋଜେକ୍ଟଗୁଡ଼ିକ ପାଇଁ ୟୁରୋପିଆନ ସେଣ୍ଟ୍ରାଲ ବ୍ୟାଙ୍କ(ଇସିବି)କୁ ବ୍ୟବହାର କରିବାକୁ ସ୍ଥିର କରିଥିଲା। ଏସବୁ ଗ୍ରୀନ୍ ପ୍ରୋଜେକ୍ଟରେ ପୁଞ୍ଜି ବଜାରକୁ ସଞ୍ଚାଳନ କରିବାକୁ ଇସିବି ମାଧ୍ୟମରେ ସିଧାସଳଖ କମ୍ ସୁଧରେ ନିବେଶ ଲାଗି ପାଣ୍ଠି ଯୋଗାଇ ଦେବାକୁ ବି ସ୍ଥିର କରିଥିଲା। ତେବେ ଅନେକ ୟୁରୋପୀୟ ରାଜନେତା, ବିଶେଷ କରି ଜର୍ମାନ ଭାଷାଭାଷୀ ଦେଶଗୁଡ଼ିକରେ ଗ୍ରୀନ୍ ପାର୍ଟିଗୁଡ଼ିକର ନେତାମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କିନ୍ତୁ ଏବେ ଫ୍ରାନ୍ସ ଚାପରେ ୟୁରୋପିଆନ କମିଶନ ଆଣବିକ ଶକ୍ତିକୁ ଏକ ପ୍ରକାର ସବୁଜ ଶକ୍ତି ଭାବେ ବର୍ଗୀଭୁକ୍ତ କରିବାକୁ ଯାଉଛି ବୋଲି ଜାଣିବା ପରେ ସେମାନଙ୍କ ମଧ୍ୟରେ ନୈରାଶ୍ୟ ପ୍ରକାଶ ପାଇଛି। ୟୁରୋପିଆନ୍ ଗ୍ରୀନ୍ ପାର୍ଟି, ଯାହାକୁ ବହୁସମୟରେ ୟୁରୋପିଆନ ଗ୍ରୀନ୍ସ ବୋଲି କୁହାଯାଏ, ସେମାନେ ସବୁବେଳେ ଗ୍ରୀନ୍ ବା ସବୁଜ ଅଭିଯାନରେ ବ୍ୟସ୍ତ ରହିଥାଆନ୍ତି। ଆଣବିକ ଅଭିଯାନ ବିରୋଧୀ ଭାବେ ଉଭା ହୋଇଥାଆନ୍ତି। କିନ୍ତୁ ଏବେ ଆଣବିକ ଶକ୍ତି ଏଭଳି ଗୁରୁତ୍ୱ ଲାଭ କରି ସେମାନଙ୍କ ଗ୍ରୀନ ଅଭିଯାନରେ ସାମିଲ ହେବ ବୋଲି ସେମାନେ ସ୍ୱପ୍ନରେ କେବେ ବି ଭାବି ନ ଥିଲେ।

ନ୍ୟୁକ୍ଲିୟର ପାୱାର ବା ଆଣବିକ ଶକ୍ତି ଏକ ପ୍ରକାର ସବୁଜ ଶକ୍ତି କି ନାହିଁ ତାହା ଏକ ବୈଚାରିକ ପ୍ରଶ୍ନ। ଯଦି ଇୟୁ ବର୍ଗୀକୃତ ଗ୍ରୀନ ବଣ୍ଡକୁ ସିକ୍ୟୁରିଟି ଭାବେ ବ୍ୟବହାର କରିବ ତେବେ ଇସିବି ବ୍ୟାଙ୍କଗୁଡ଼ିକ ପାଇଁ ଆକର୍ଷକ ରିଫାଇନାନ୍ସିଂ ସର୍ତ୍ତଗୁଡ଼ିଏ ରଖିବ। ଏହା ଦ୍ୱାରା ପର୍ଯ୍ୟାପ୍ତ ପରିମାଣର ଅର୍ଥ ଏବେ ସଙ୍କଟରେ ରହିବ। ଗ୍ରୀନ ବଣ୍ଡ୍‌ର ଏକ ଅସମାନୁପାତିକ ଶେୟାର କିଣିବାକୁ ଚାହୁଁଛି ବୋଲି ଇସିବି ମଧ୍ୟ ସ୍ପଷ୍ଟ କରିଛି। ଏହି ପ୍ରକାରେ କ୍ୟାପିଟାଲ ମାର୍କେଟ ବା ପୁଞ୍ଜି ବଜାରରେ ଏକ ନୂଆ ସୁଧ ହାରର ଢାଞ୍ଚା ସୃଷ୍ଟି କରିବାକୁ ଯାଉଛି। ଏବେ ଚାଲୁ ରହିଥିବା ପରିବେଶ ଉପଯୋଗୀ ନିବେଶର ଲକ୍ଷ୍ୟଗୁଡ଼ିକ ହାସଲ ହୋଇ ପାରଉଛି ଓ ତାହା କମ୍ ସୁଧ ହାରରେ ଅଧିକ ଲାଭଦାୟକ ହେଉଛି। ପିଢ଼ି ପିଢ଼ି ଧରି ୟୁରୋପୀୟଙ୍କ ସଞ୍ଚୟର ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଅର୍ଥ ବ୍ୟବସ୍ଥାର ଅନ୍ୟ ଭାଗରୁ ହଟାଇ ଗ୍ରୀନ୍ ବା ସବୁଜ ଭାବେ ବର୍ଗୀକରଣ କରାଯାଇଥିବା ପ୍ରୋଜେକ୍ଟଗୁଡ଼ିକରେ ଲଗାଯାଉଛି। କିନ୍ତୁ କେତେ ଭୟଙ୍କର ତାହା ଜଣେ ଅର୍ଥନୀତିଜ୍ଞଙ୍କ ଦୃଷ୍ଟିକୋଣକୁ ଦେଖିଲେ ଜଣାପଡେ। ଗୋଟିଏ ଦିଗରୁ ପୁଞ୍ଜିକୁ ଆଣି ଅନ୍ୟ କ୍ଷେତ୍ରରେ ଲଗାଇବା ଠିକ୍ ନୁହେଁ। ଏହା ବଜାର ଅର୍ଥ ବ୍ୟବସ୍ଥାରେ ଉତ୍ପାଦନର ସବୁଠୁ ଅମାନବୀୟ ପ୍ରସଙ୍ଗ। ଏହା ଏଭଳି ବାଟରେ କରାଯାଉଛି ଯେ, ତାହା ଆର୍ଥିକ ସିଦ୍ଧାନ୍ତର ଏକ ପ୍ରମୁଖ ଅବଧାରଣା କୁହାଯାଉଥିବା ଆବଣ୍ଟନ ନିଷ୍ପକ୍ଷତାକୁ ଖୋଲାଖୋଲି ଉଲ୍ଲଂଘନ କରୁଛି।

ଉତ୍ପାଦନ ଏବଂ ଉପଯୋଗ କ୍ଷେତ୍ରକୁ ପ୍ରଭାବିତ କରିବା ତଥା ବଜାର ପ୍ରକ୍ରିୟା ବାହାରେ ଉପଭୋକ୍ତା ଓ ଏଣ୍ଟରପ୍ରାଇଜଗୁଡ଼ିକର ଅପୂରଣୀୟ କ୍ଷତି କରୁଥିବା ଆର୍ଥିକ ନୀତିଗୁଡ଼ିକୁ ସହଜରେ ବୁଝି ହେଉଛି। ଏଣୁ ବଜାର ଉପରେ ପଡୁଥିବା ନକାରାତ୍ମକ ପ୍ରଭାବଗୁଡ଼ିକୁ ଯଦି ଆମେ ସ୍ୱୀକାର କରିବା ଓ ତାହାକୁ କମାଇବା ଲାଗି ଲକ୍ଷ୍ୟ ରଖିବା ତେବେ ଗ୍ରୀନ୍ ଅଭିଯାନରେ ତାହା ହେବ ଆମର ଶ୍ରେଷ୍ଠ ଉଦ୍ଦେଶ୍ୟ। ଏହା କାର୍ବନ ଟ୍ୟାକ୍ସ ଭଳି ଡାଇରେକ୍ଟ ପ୍ରାଇସିଂ ମେକାନିଜମ୍ କିମ୍ବା ନିର୍ଗମନ ଟ୍ରେଡିଂ ସିଷ୍ଟମ ମାଧ୍ୟମରେ ସମ୍ଭବ ହୋଇପାରିବ ଓ ଏହା କରାଯିବା ଉଚିତ। ଅନ୍ୟପଟେ ଯଦି ପ୍ରାଇସ ଅଫ୍ କ୍ୟାପିଟାଲ ବା ପୁଞ୍ଜି ମୂଲ୍ୟର ସୁଧହାର ପରିବର୍ତ୍ତନ କରାଯାଏ ତେବେ ତାହା ଏକ ବଡ଼ ଧରଣର ଅସଙ୍ଗତିକୁ ଆମନ୍ତ୍ରଣ କରିବ। ଗ୍ରୀନ୍ ଏଣ୍ଟରପ୍ରାଇଜଗୁଡ଼ିକରେ ପୁଞ୍ଜି ଉତ୍ପାଦନ କାରକ ଭାବେ ପରିବେଶଗତ କ୍ଷତିକୁ ଦୂର କରିବାରେ ଏହାର କମ୍ ପ୍ରଭାବ ରହିଛି। ଏଣୁ ୟୁରୋପର ଏବକାର ଦୃଷ୍ଟିକୋଣ ଏକ ଅସଙ୍ଗଠିତ କାର୍ଯ୍ୟଧାରାର ନୀତିକୁ ଦର୍ଶାଉଛି। ଇୟୁର ମାଷ୍ଟ୍ରିଚ୍ଟ୍ ଚୁକ୍ତି ଇସିବିକୁ ଆର୍ଥିକ ଓ ପରିବେଶଗତ ନୀତିରେ ଜଡ଼ିତ ହେବା ଲାଗି ଅଧିକାର ଦେଇନାହିଁ। ଏହା ବଦଳରେ ଆର୍ଥିକ ନୀତିନିର୍ଦ୍ଧାରକମାନେ ଏକ ନିଜସ୍ୱ ଅଧିକାର କ୍ଷେତ୍ର ନିଶ୍ଚିତ କରିବା ଏବଂ ସେମାନଙ୍କ କାର୍ଯ୍ୟକଳାପର କ୍ଷେତ୍ରକୁ ସମ୍ପ୍ରସାରିତ କରିବାକୁ ଉକ୍ତ ଚୁକ୍ତି କ୍ଷମତା ପ୍ରଦାନ କରିଛି। ସମ୍ପ୍ରସାରଣ କରିବାର ଏଭଳି ଅଧିକାର ପାଇଁ ଇୟୁ ଦେଶଗୁଡ଼ିକର ସର୍ବସମ୍ମତି କ୍ରମେ ଚୁକ୍ତିରେ ଏକ ସଂଶୋଧନ ଅଣାଯିବା ଆବଶ୍ୟକ। ଆବଣ୍ଟନ ନିଷ୍ପକ୍ଷତାର ସିଦ୍ଧାନ୍ତ ଠିକ୍ ଥିଲା ବୋଲି ଏହା ନିଶ୍ଚିତ କରିବାର ଥିଲା। କିନ୍ତୁ ଯାହା ଜଣାପଡୁଛି, ଚୁକ୍ତିରେ ଏକ ସାଧାରଣ ପରିବର୍ତ୍ତନ ନ କରିବା ପାଇଁ ଇୟୁ ନୀତିନିର୍ଦ୍ଧାରକମାନେ ଆଇନଗତ ଚାଲବାଜି କରିଛନ୍ତି। ସୁଧହାରରେ ଇସିବିର କପଟତାପୂର୍ଣ୍ଣ କାର୍ଯ୍ୟ ସମ୍ବନ୍ଧିତ ନୈତିକ, ଆଇନଗତ ଏବଂ ଆର୍ଥିକ ଦିଗକୁ ଯଦି ଆମେ ଧ୍ୟାନ ନ ଦେବା ତେବେ ଆଣବିକ ଶକ୍ତିକୁ ସବୁଜ ବର୍ଗୀଭୁକ୍ତ କରିବା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ କାର୍ଯ୍ୟ ବୋଲି କହିପାରିବା। ଯଦି ଆଣବିକ କେନ୍ଦ୍ରଗୁଡ଼ିକ କାର୍ବନ ଡାଇଅକ୍ସାଇଡ ନିର୍ଗମନ ନ କରେ ତେବେ ଏହା ମଧ୍ୟ ଉଚିତ ପଦକ୍ଷେପ ବୋଲି ଯୁକ୍ତି ବାଢି ପାରିବା। ବ୍ୟାପକ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ ଦୃଷ୍ଟିରୁ, ଗ୍ରୀନ୍ ଲିଡର୍ସ ବା ସବୁଜ ନେତାମାନେ ଆଣବିକ ଶକ୍ତିକୁ ନ୍ୟୂନଭାବେ ବିଚାର କରିବା ଏକ ବଡ଼ ଭୁଲ ଏବଂ ଅବଶିଷ୍ଟ ବିଶ୍ୱ ଏହାକୁ ସ୍ୱୀକୃତି ଦେଇଛି।

ଶେଷରେ ଗଣମାଧ୍ୟମ ଦୃଷ୍ଟି ଆକର୍ଷଣକାରୀ ଅନେକ ଦୁର୍ଘଟଣା ପରେ ଜର୍ମାନୀ ଓ ଆଉ କିଛି ଦେଶ ଆଣବିକ ଶକ୍ତିରୁ ପାରମ୍ପରିକ ପବନ ଏବଂ ସୌର ଶକ୍ତିକୁ ମୁହାଁଇଥିଲେ। କିନ୍ତୁ ଏବେ ବିଶ୍ୱରେ ପୁନର୍ବାର ନୂଆ ନ୍ୟୁକ୍ଲିୟର ପ୍ଲାଣ୍ଟଗୁଡ଼ିକ ପାଇଁ ଯୋଜନା କରାଯାଇ ନିର୍ମାଣ କରାଯାଉଛି। ୫୭ଟି ନ୍ୟୁକ୍ଲିୟର ପ୍ଲାଣ୍ଟ୍ ବା ଆଣବିକ କେନ୍ଦ୍ରର ନିର୍ମାଣ ଜାରି ରହିଛି। ୯୭ଟି ପାଇଁ ଯୋଜନା ପ୍ରସ୍ତୁତ ସରିଛି ଏବଂ ଆଉ ୩୨୫ଟି ପ୍ଲାଣ୍ଟ ନିର୍ମାଣ ହେବାର ଯୋଜନା ରହିଛି। ୧୯୭୯ରେ ହାରିସବର୍ଗ, ପେନସିଲଭାନିଆରେ ଦୁର୍ଘଟଣା ପରେ ଆଣବିକ ଶକ୍ତିକୁ ସମ୍ପୂର୍ଣ୍ଣ ପରିହାର କରିବାର ନିଷ୍ପତ୍ତି ନେବାରେ ଏକମାତ୍ର ଦେଶ ଥିଲା ସୁଇଡେନ। ହେଲେ ଏହି ଦେଶ ସେଥିରୁ ବି ଓହରି ଗଲା। ଏବେ ସୁଇଡେନ ପାଖରେ ଅତ୍ୟଧିକ ନ୍ୟୁକ୍ଲିୟର ପ୍ଲାଣ୍ଟ ରହିଛି। ସେହିପରି ୨୦୧୧ରେ ଜାପାନର ଫୁକୁସିମା ପ୍ଲାଣ୍ଟ ଦୁର୍ଘଟଣା ଘଟିଥିଲା। ପରେ ଆଣବିକ କେନ୍ଦ୍ରଗୁଡ଼ିକର ସୁରକ୍ଷା ଯାଞ୍ଚ କରିବା ଓ ଆଧୁନିକୀକରଣ ପରେ ପୁନର୍ବାର ଏହି ଶକ୍ତିକୁ ଆପଣାଇବାରେ ଲାଗିଛି।

ଆଣବିକ ଶକ୍ତି ଉତ୍ପାଦନରେ ବିଶ୍ୱର ବହୁ ଦେଶ ସଫଳତା ପାଇବା ପରେ ଏବେ ନୂଆ ଧରଣର ଆଣବିକ ଶକ୍ତି କେନ୍ଦ୍ର ପାଇଁ ଗବେଷଣା ଚାଲୁରହିଛି। ଥୋରିୟମକୁ ଆଧାର କରି ଏବଂ ଆଣବିକ ବର୍ଜ୍ୟମୁକ୍ତ ମଡେଲର ପ୍ଲାଣ୍ଟ ନିର୍ମାଣ ବାଟ ଖୋଜା ଚାଲିଛି। ଏହା ନିଶ୍ଚିତ ଭାବେ ପୁରୁଣା ପ୍ଲାଣ୍ଟଗୁଡ଼ିକ ଠାରୁ ସୁରକ୍ଷିତ ହେବ ବୋଲି ଦାବି କରାଯାଉଛି। ଏକବିଂଶ ଶତାବ୍ଦୀରେ ଜର୍ମାନୀ ବିପରୀତ ଦିଗରେ ଗତି କରିଛି। ଗ୍ରୀନ୍ ପାର୍ଟିର ନେତାମାନେ ଆରମ୍ଭରୁ ବିଭାଜିତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ବି କ୍ରୋଧ ପ୍ରକାଶ କରୁଛନ୍ତି। କିନ୍ତୁ ଆଣବିକ ଶକ୍ତି ଶସ୍ତାରେ ମିଳିବ, ଜୀବାଶ୍ମ ଇନ୍ଧନର କାର୍ବନ ମୁକ୍ତ ବିକଳ୍ପ ହେବ ବୋଲି ପାର୍ଟିର କେତେଜଣ ଚତୁର ସଦସ୍ୟ ଭିତିରି ଭାରି ଖୁସି ଅଛନ୍ତି। ଯେତେବେଳେ ସର୍ବବ୍ୟାପ୍ତ ପବନ ଓ ସୌର ରଶ୍ମି କମିଯିବ ବା ମାନ୍ଦା ପଡ଼ିଯିବ ଓ ପାରମ୍ପରିକ ଶକ୍ତି ଉତ୍ପାଦନ ବନ୍ଦ ହୋଇଯିବ ସେହି ସମୟରେ ଆଣବିକ ଶକ୍ତି ନିର୍ଣ୍ଣାୟକ ହେବ। ତେବେ ଜର୍ମାନୀ ଗ୍ରୀନ୍ ପାର୍ଟିର ନେତାମାନେ ଫ୍ରାନ୍ସକୁ ଦୋଷ ଦେଇ ଅପମାନିତ ନ ହୁଅନ୍ତୁ ବୋଲି ଆଶା କରିବା।

**ପୂର୍ବତନ ପ୍ରାଧ୍ୟାପକ( ଅର୍ଥନୀତି),**
**ୟୁନିଭର୍ସିଟି ଅଫ୍ ମ୍ୟୁନିଚ୍**

## ଏଇ ଭାରତରେ

ଡେରାଡୁନ ଚିଡ଼ିଆଖାନାର ଡାଇରେକ୍ଟର ପି.କେ. ପାତ୍ରୋଙ୍କ ପରିବେଶ ସଚେତନତା ନିଶ୍ଚିତ ଭାବେ ପ୍ରେରଣାଦାୟକ। ସେ ଚିଡ଼ିଆଖାନାକୁ ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ କରିପାରିଛନ୍ତି। ସେଠାରେ କୌଣସି ପ୍ଲାଷ୍ଟିକ ବ୍ୟବହାର କରାଯାଉନାହିଁ। ସେ ଚିଡ଼ିଆଖାନାର କାର୍ବନ ନିର୍ଗମନକୁ ଶୂନ ସ୍ତରକୁ ଆଣିପାରିଛନ୍ତି। ୨୦୧୪-୧୫ରେ ପାତ୍ରୋ ଚିଡ଼ିଆଖାନାର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ଅଭିଯାନ ଆରମ୍ଭ କରିଥିଲେ। ଯେଉଁମାନେ ଚିଡ଼ିଆଖାନା ଭିତରକୁ ପ୍ଲାଷ୍ଟିକ ବୋତଲ ତଥା ପ୍ୟାକେଟ୍ ନିଅନ୍ତି ସେମାନେ ୧୦ ଟଙ୍କାର ଟୋକନ କାଟନ୍ତି। ଫେରିବାବେଳେ ପ୍ଲାଷ୍ଟିକ ଜିନିଷ ଫେରାଇବା ପରେ ସେମାନଙ୍କ ଟଙ୍କା ଫେରାଇ ଦିଆଯାଏ। ଏବେ ସୁଦ୍ଧା ୧ ଲକ୍ଷ ପ୍ଲାଷ୍ଟିକ ବୋତଲ ଓ ୮୦୦ କିଲୋ ପ୍ଲାଷ୍ଟିକ୍ ବ୍ୟାଗ୍ ରିସାଇକ୍ଲିଂ କରାଯାଇସାରିଲାଣି। ଚିଡ଼ିଆଖାନାରେ ତିନି ବର୍ଷ ପୂର୍ବରୁ ପ୍ଲାଷ୍ଟିକ୍ ରିସାଇକ୍ଲିଂ କରାଯିବା ସହ ପରିବେଶ ସଂରକ୍ଷଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କେବଳ ପ୍ଲାଷ୍ଟିକ୍ ରିସାଇକ୍ଲିଂ ଉପରେ ଗୁରୁତ୍ୱ ଦିଆଯାଉଛି ତାହା ନୁହେଁ, ସେଠାରେ ପ୍ରାକୃତିକ ସାଧନ ଏବଂ ଶକ୍ତି ଉପଯୋଗ କରାଯାଉଛି। ସେ ଏଥିପାଇଁ ୫୫ କିଲୋୱାଟ୍ କ୍ଷମତା ବିଶିଷ୍ଟ ସୋଲାର ପ୍ୟାନେଲ ଲଗାଇଛନ୍ତି। ପାତ୍ରୋଙ୍କ କାର୍ଯ୍ୟ କେବଳ ଚିଡ଼ିଆଖାନା ମଧ୍ୟରେ ସୀମିତ ନାହିଁ, ସେ ଏହାର ଆଖପାଖ ଗାଁଗୁଡ଼ିକରେ ଏଲ୍ଇଡି ମରାମତି କାର୍ଯ୍ୟରେ ମହିଳାମାନଙ୍କୁ ନିଯୁକ୍ତ କରିଛନ୍ତି। ବର୍ଷାଜଳ ସଂରକ୍ଷଣ ଉପରେ ବି ଧ୍ୟାନ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁୟାରୀ ୧୯୯୭

- ପାଲେଷ୍ଟାଇନ ସହିତ ଚୂଡ଼ାନ୍ତ ଶାନ୍ତି ରାଜିନାମା ପାଇଁ ଇସ୍ରାଏଲ୍‌ର କ୍ଷମତାସୀନ ଲିକୁଦ୍ ପାର୍ଟି ଏବଂ ବିରୋଧୀ ଶ୍ରମିକ ଦଳ ମଧ୍ୟରେ ବୁଝାମଣା ହୋଇଥିବା ଜଣାପଡ଼ିଛି।
- ଜଣାଶୁଣା ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକ ଗଣେଶ ମହାପାତ୍ରଙ୍କ ୭୬ ବର୍ଷ ବୟସରେ ପରଲୋକ।
- ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ବନ୍ଦରପାଲ୍ଲୀ ରେଳଷ୍ଟେସନ ନିକଟବର୍ତ୍ତୀ ଏକ ଜଗୁଆଳିବିହୀନ ଲେଭଲକ୍ରସିଂଠାରେ ରାଜ୍ୟ ପରିବହନ ନିଗମର ଏକ ବସ୍ ଗୋଟିଏ ଚଳନ୍ତା ସଟଲ ଟ୍ରେନ୍‌କୁ ଧକ୍କା ଦେବା ଫଳରେ ୯ ମହିଳାଙ୍କ ସମେତ ୧୪ ବସ୍ ଯାତ୍ରୀଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | | |
| 8 | | 4 | | | | | 6 | 7 |
| | | | | 2 | 7 | | | |
| | | | 1 | | | 6 | | |
| | 7 | 8 | | | | | | 3 |
| | | 3 | 6 | | | | | 5 |
| | 4 | | | | 5 | 3 | 7 | |
| | 9 | | | 3 | | 2 | | |
| | | | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 5 | 7 | 6 | 3 | 9 | 4 | 1 |
| 3 | 7 | 4 | 9 | 1 | 2 | 8 | 6 | 5 |
| 9 | 6 | 1 | 8 | 5 | 4 | 3 | 2 | 7 |
| 5 | 8 | 2 | 4 | 9 | 1 | 6 | 7 | 3 |
| 1 | 3 | 7 | 6 | 2 | 8 | 4 | 5 | 9 |
| 4 | 9 | 6 | 3 | 7 | 5 | 1 | 8 | 2 |
| 6 | 1 | 9 | 2 | 4 | 7 | 5 | 3 | 8 |
| 2 | 4 | 3 | 5 | 8 | 9 | 7 | 1 | 6 |
| 7 | 5 | 8 | 1 | 3 | 6 | 2 | 9 | 4 |

ଗତ ସଂସ୍କରଣର ଉତ୍ତର

# ସ୍ମାର୍ଟ ସିଟି ଓ ବୁଲାକୁକୁର



ପ୍ରଭାତ କୁମାର ଦାସ

କିଛିଦିନ ତଳେ ଗୋଟିଏ ଖବର ପ୍ରକାଶ ପାଇଥିଲା, ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ କେହିଜଣେ ଦୁଇଟି ବୁଲାକୁକୁରଙ୍କୁ ଗୁଳିକରି ହତ୍ୟା କରିବାର ଉଦ୍ୟମ କରିଥିଲେ। ସେଥିରୁ ଗୋଟିଏ ମୃତ୍ୟୁବରଣ କରିଥିଲା। କେହି ପଶୁପ୍ରେମୀ ଏହା ବିରୋଧରେ ଥାନାରେ ଏତଲା ଦେଇଥିଲେ। ପଶୁ ନୃଶଂସତା ପାଇଁ, ଗୁଳି କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ନିଆଯାଇପାରେ। ଖୁସିର କଥା, ପଶୁପ୍ରେମୀମାନେ ନିରୀହ ପଶୁମାନଙ୍କ ବଞ୍ଚିବାର ଅଧିକାର ସାବ୍ୟସ୍ତ କରିବା ପାଇଁ ଯତ୍ନବାନ ହେଲେଣି।

ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ। ଯେଉଁ ବ୍ୟକ୍ତି କୌଣସି କାରଣରୁ ନିଜର କ୍ରୋଧ ସମ୍ବରଣ କରି ନ ପାରି ଏଭଳି ନୃଶଂସ କାର୍ଯ୍ୟକଲେ, ସେ ସେପରି ନ କରିଥିଲେ ଭଲ ହୋଇଥା'ନ୍ତା। କିନ୍ତୁ ସେ କେଉଁ କାରଣ ପାଇଁ ଏଭଳି କ୍ରୋଧିତ ହେଲେ, ତାହା ମଧ୍ୟ ବିଚାର କରିବା କଥା। ବିକଳ୍ପ ଭାବରେ ସେ କିଭଳି ନିଜର କ୍ଷତି ଭରଣା କରିପାରିଥା'ନ୍ତେ, ତାହା ଅନ୍ୟମାନଙ୍କୁ ଜଣାଇ ଦେଇ ଦୃଷ୍ଟାନ୍ତ କରାଯିବା ଉଚିତ।

ଅନେକ ସମୟରେ ହାତୀମାନଙ୍କୁ ବି କିଛି ଲୋକ ବିଷଦେଇ ବା ବିଜୁଳି ଆଘାତ ଦେଇ ହତ୍ୟା କରୁଛନ୍ତି। ସରକାର ଏଥିପାଇଁ ବିଶେଷ ଭାବରେ ଚିନ୍ତିତ। କିନ୍ତୁ ଏହା ଯେତିକି ନୃଶଂସତା ଓ ଅମାନବିକତା, ସେତିକି ବି କ୍ରୋଧ ସମ୍ବରଣ କରିନପାରିବା ଭଳି ଅସହନୀୟତା। ହାତୀମାନେ ଯେଭଳି ଭାବରେ ଘରଦ୍ୱାର, ଜନବସତି ଓ ଫସଲ କ୍ଷେତର ଅମାପ କ୍ଷତି ସାଧନ କରୁଛନ୍ତି, ମଣିଷ ଜୀବନକୁ ବିପନ୍ନ କରୁଛନ୍ତି, ତାକୁ ବ୍ୟକ୍ତିଗତ ଭାବରେ ସହ୍ୟ କରିବା ସାଧାରଣ ମଣିଷ ପକ୍ଷରେ ସମ୍ଭବ ହେଉନାହିଁ। ସରକାର ସେଥିପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେଉଛନ୍ତି, କିନ୍ତୁ ସବୁ କ୍ଷତିକୁ ଅର୍ଥ ବିନିମୟରେ ସହିଯିବା ସହଜ ନୁହେଁ। ସବୁ ଆଚରଣ ସହିତ କ୍ରୋଧ ପ୍ରକାଶର ବି ଗୋଟିଏ ଅଦୃଶ୍ୟ, ଅଲିଖିତ ଲକ୍ଷ୍ମଣରେଖା ଅଛି। ତାକୁ ଯଥାସମ୍ଭବ ପାଳନ କରିବାକୁ ସବୁ ପକ୍ଷରୁ ଚିନ୍ତା କରାଯାଉ ଓ ସେଥିପାଇଁ ସବୁ ପ୍ରକାର ଉଦ୍ୟମ ହେଉ।

ଏବେ ଆମେ ମୂଳ ପ୍ରସଙ୍ଗକୁ ଆସିବା। ବୁଲାକୁକୁରଙ୍କ ନିରାପତ୍ତା ପାଇଁ ପଶୁପ୍ରେମୀମାନେ ସତର୍କ ଦୃଷ୍ଟି ରଖିଛନ୍ତି ଏହା "ଜୀବେଦୟା" ପାଇଁ ସୁଲକ୍ଷଣ। ସେଥିପାଇଁ କେହି ଗାଡ଼ି ଚଳାଇ କୁକୁର ଛୁଆକୁ ମାରିଦେଲେ ବା ଗୁଳିକରି ହତ୍ୟାକଲେ ଥାନାରେ ଏତଲା ଦିଆଯାଇ ପାରୁଛି। କିନ୍ତୁ ଗୋଟିଏ ପ୍ରସଙ୍ଗ ସମସ୍ତେ ଭୁଲି ଯାଉଛନ୍ତି। ବୁଲାକୁକୁରମାନେ ରାସ୍ତାଘାଟରେ ମଳତ୍ୟାଗ କରି ଯେଉଁ ଅସ୍ୱାଭାବିକ, ଅସ୍ୱାସ୍ଥ୍ୟକର, ଅସହନୀୟ, କଦର୍ଯ୍ୟ ପରିବେଶ ସୃଷ୍ଟି କରୁଛନ୍ତି, ତାକୁ କିଭଳି ଭାବରେ ନିୟନ୍ତ୍ରଣ କରାଯାଇ ପାରିବ ଓ ତାହା କାହାର ଦାୟିତ୍ୱ? ଭୁବନେଶ୍ୱର ସ୍ମାର୍ଟ ସିଟିର ଯେକୌଣସି ରାସ୍ତାରେ ଶହେ ମିଟର ଅତିକ୍ରମ କଲେ, ଅତିକମ୍‌ରେ ଦଶ ଜାଗାରେ ରାସ୍ତା କଡ଼ରେ କୁକୁରମଳ ଦେଖିବାକୁ ମିଳିବ। ଅବଶ୍ୟ ଯେଉଁମାନେ ଯାନବାହନରେ ଚଳପ୍ରଚଳ ହେଉଛନ୍ତି, ସେମାନଙ୍କୁ ଅସୁବିଧା ହୋଇ ନ ପାରେ, କିନ୍ତୁ ଯେଉଁମାନେ ପଦଯାତ୍ରୀ ବା ଯେଉଁମାନେ ପ୍ରାତଃଭ୍ରମଣ କରୁଛନ୍ତି, ସେମାନଙ୍କ ଅସୁବିଧା କିଏ ଦେଖୁଛି, କିଏ ବୁଝୁଛି? ସରକାର ଘରେଘରେ ପାଇଖାନା କରିବା ପାଇଁ ନିୟମ କଲେ, ଏପରିକି ପାଇଖାନା କରିବା ପାଇଁ ଯଥେଷ୍ଟ ଅର୍ଥ ସାହାଯ୍ୟ ବି କଲେ। ସେ ଯୋଜନାର ମୂଳଲକ୍ଷ୍ୟ ଥିଲା ଖୋଲାରେ କେହି ମଳତ୍ୟାଗ ନ କରନ୍ତୁ, ପରିବେଶ ଖରାପ ନ ହେଉ, ସାଧାରଣ ଜୀବନଯାତ୍ରା ସହଜ ଓ ନିର୍ମଳ ହେଉ। ସରକାରଙ୍କର ସେ ଯୋଜନା ପ୍ରାୟ ସଫଳ ହେଲା। ଏବେ ବାହାରେ ମଣିଷ ମଳତ୍ୟାଗ ନାହିଁ କହିଲେ ଚଳେ। କିନ୍ତୁ ଏ ସମସ୍ୟା ଯେତିକି ମାତ୍ରାରେ ଦୂରୀଭୂତ ହେଲା, ତା'ଠାରୁ ଅଧିକ ମାତ୍ରାରେ କୁକୁର ମଳରେ ରାସ୍ତା ପ୍ରଦୂଷିତ ହେଲା। ତାକୁ ଦେଖିବା ପାଇଁ ନା ସରକାରଙ୍କ ଆଖି ଅଛି ନା ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କର। ରାସ୍ତା ଉପରୁ ଏ କୁକୁରମଳ କିଏ ଉଠେଇବ, କିପରି ଉଠିବ, ତାହା ଏକ ଅସମାଧିତ ପ୍ରଶ୍ନ ହୋଇ ରହିଛି। ମହାନଗର ନିଗମ ରାସ୍ତା ଝାଡୁ କରିବା ପାଇଁ ଯେଉଁ ଠିକାଦାର ନିଯୁକ୍ତ କରିଛନ୍ତି ଓ ସେମାନେ ଯେଉଁ ଝାଡୁଦାର ନିଯୁକ୍ତ କରିଛନ୍ତି, ସେମାନେ କେହି ରାସ୍ତା ଉପର କୁକୁରମଳ ଉଠାନ୍ତି ନାହିଁ। ତାକୁ ଛାଡ଼ିଦେଇ ସେମାନେ ଝାଡୁ ମାରନ୍ତି। ଜନବସତି ଅଞ୍ଚଳରେ, ଘର ଆଗରେ, ନିଜ ଘରର ପ୍ରାଚୀରପରିଧି ଭିତରେ ବି ଏ ସମସ୍ୟା ଆହୁରି ଅଧିକ, ଯାହାକୁ ସହ୍ୟ କରିବା ସାଧାରଣ ମଣିଷ ପକ୍ଷରେ ସମ୍ଭବ ନୁହେଁ। କୁକୁର ପ୍ରକୃତି ମଳେ ତୁଟେ ବୋଲି ଗୋଟିଏ ପ୍ରବାଦ ଅଛି। କୌଣସି ବୁଲାକୁକୁର ଯଦି ଥରେ କାହାର କମ୍ପାଉଣ୍ଡ ଭିତରେ କି ଘର ଆଗରେ ମଳତ୍ୟାଗ କଲା, ତା' ପରଦିନ ସେ ଖୋଜିଖୋଜି ଆସି ସେଇଠି ମଳତ୍ୟାଗ କରିବ। ବର୍ଷାଦିନେ ଏ ସମସ୍ୟା ଅଧିକ ଉତ୍କଟ, ଯାହାକୁ ସହ୍ୟ କରିବା ସହଜସାଧ୍ୟ ନୁହେଁ। ଏବେ ସବୁଠି କୁକୁରମଳ ସଫା କରିବା କାମ ବୟସ୍କମାନେ ହିଁ କରୁଛନ୍ତି। ମହାନଗର ନିଗମ ସଫେଇ ବ୍ୟବସ୍ଥା ଏହା କରୁନାହିଁ, ଘରର ଅନ୍ୟ କାହାପାଖେ ସମୟ ନାହିଁ। ଅବଶିଷ୍ଟ ରହିଲେ ବୃଦ୍ଧମାନେ- ଯେପରି ଶେଷ ଜୀବନରେ ସେହିକଥା କରିବାକୁ ସେମାନେ ବଞ୍ଚିଛନ୍ତି। କମ୍ପାଉଣ୍ଡ ଭିତରୁ ମଳ ସଫା କରି ସେମାନେ ଚିକ୍‌ଚିକ୍ ଟାଇଲପକା ଗାଧୁଆଘରେ ଧୁଆ ଧୋଇ ହୁଅନ୍ତି।

ପଶୁପ୍ରେମୀମାନଙ୍କୁ ଅନୁରୋଧ, ଏ ସମସ୍ୟା ପାଇଁ ସେମାନେ ସଚେତନ ହୁଅନ୍ତୁ- କିଭଳି ଏହାର ସମାଧାନ କରିହେବ, ସେକଥା ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ନିର୍ଣ୍ଣୟ କରନ୍ତୁ। କାରଣ ଏମିତିବି କେବେ ଘଟିପାରେ, କେହି କ୍ରୋଧ ସମ୍ବରଣ କରି ନ ପାରି, ଯଦି କେବେ ବୁଲାକୁକୁରକୁ ଆଘାତ କରିଦିଏ- ତାକୁ ପରଦିନ ଥାନାରୁ ଡାକରା ଆସିପାରେ।

ପୋଷା କୁକୁରଙ୍କ କଥା ମଧ୍ୟ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଏକାଧାରରେ ବିଚାର କରନ୍ତୁ। ଯେଉଁମାନେ କୁକୁର ପୋଷିଛନ୍ତି, ସେମାନେ ରାସ୍ତାରେ ସେମାନଙ୍କୁ ମଳତ୍ୟାଗ କରିବାର ସୁଯୋଗ ନ ଦିଅନ୍ତୁ। ନିଜ ଘରେ ସେମାନେ ତାହା କରାନ୍ତୁ, ନଚେତ୍ ଟିସୁ ପେପର ସାଙ୍ଗରେ ଧରି ଆସନ୍ତୁ। ବୁଲେଇଲା ବେଳେ ନିଜ କୁକୁର ମଳ ନିଜେ ସଫା କରନ୍ତୁ। ସାହେବଙ୍କ ଭଳି କୁକୁର ପାଳିବା ଯେମିତି ଆକର୍ଷଣୀୟ- ସେମାନଙ୍କୁ ଯତ୍ନର ସହିତ ପାଳିବା ମଧ୍ୟ ସେତିକି ପ୍ରୟୋଜନ। ଅନ୍ୟ କେହି ସେମାନଙ୍କ କୁକୁର ପାଇଁ ଅସୁବିଧାର ସମ୍ମୁଖୀନ ନ ହେଉ ସେକଥା ବି ସେମାନେ ଦେଖନ୍ତୁ। ପଶୁପ୍ରେମୀ ଓ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଉଭୟ ଏକଥା ଚିନ୍ତା କରନ୍ତୁ ଓ ଏଥିପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରନ୍ତୁ।

ଏଥିସହିତ ବୁଲାକୁକୁରମାନଙ୍କ ପ୍ରସବ ସମୟରେ ପଶୁପ୍ରେମୀମାନେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ରଖନ୍ତୁ। ଏଠିସେଠି, ୟା' ତା' କମ୍ପାଉଣ୍ଡ ଭିତରେ, ଗ୍ୟାରେଜରେ ଛୁଆ ଦେଇ କାହାକୁ ଅନ୍ତତଃ ସେମାନେ ଅସୁବିଧାରେ ନପକାନ୍ତୁ; କି ଛୁଆ ଆଖି ଖୋଲିଗଲାପରେ, ସାଲୁବାଲୁ ହୋଇ ରାସ୍ତାଯାକ ନ ବୁଲନ୍ତୁ। ସେ ସମୟରେ ସେମାନଙ୍କ ପାଳନ ଦାୟିତ୍ୱ ନିର୍ଦ୍ଦିଷ୍ଟ ଭାବରେ କେହି ନେଉ। ଏହା ସହିତ ମାଈ କୁକୁରମାନଙ୍କୁ ପ୍ରଜନନ ଅକ୍ଷମ କରାଯାଇ ସେମାନଙ୍କ ବଂଶବୃଦ୍ଧିରେ ରୋକ ଲଗାଯାଉ। ଆଶାକରୁ, ଏଥିପାଇଁ ମହାନଗର ନିଗମ, ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଓ ପଶୁପ୍ରେମୀମାନେ ନିର୍ଦ୍ଦିଷ୍ଟ ଭାବରେ ଚିନ୍ତା କରନ୍ତୁ ଓ ଯଥାସମ୍ଭବ ସେମାନଙ୍କ ପାଇଁ ଯତ୍ନବାନ ହୁଅନ୍ତୁ।

**୫୮-ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର-୨୪,**
**ମୋ: ୯୪୩୭୦୧୫୨୫୦**

## ପାଣିପାଗ, ଜଳବାୟୁ ନିୟନ୍ତ୍ରଣରେ ଜଙ୍ଗଲ



ଇଂ. ମାୟାଧର ସ୍ୱାଇଁ

ପାଣିପାଗ ଓ ଜଳବାୟୁ ନିୟନ୍ତ୍ରଣରେ ଜଙ୍ଗଲର ଭୂମିକା ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ। ଆମେ ଜାଣୁ ଯେ ଉଦ୍ଭିଦ ସର୍ବଦା ଉତ୍‌ସ୍ୱେଦନ (transpiration) କରିଥାଏ। ଏହି ପ୍ରକ୍ରିୟାରେ ଏହା ନିଜ ପତ୍ର ମାଧ୍ୟମରେ ଜଳକୁ ଜଳୀୟବାଷ୍ପରେ ପରିଣତ କରି ବାୟୁମଣ୍ଡଳକୁ ନିର୍ଗତ କରିଥାଏ। ପଦାର୍ଥ ବିଜ୍ଞାନରେ ଆମେ ଜାଣିଛେ ଯେ ଯେତେବେଳେ ଜଳ ବାଷ୍ପୀଭୂତ ହୁଏ, ଏହା ପ୍ରଚୁର ପରିମାଣର ତାପଶକ୍ତି ଗ୍ରହଣ କରିଥାଏ। ଏଥିପାଇଁ ବାହାର ଅପେକ୍ଷା ଜଙ୍ଗଲ ଅଞ୍ଚଳ ଅଧିକ ଥଣ୍ଡା ଥାଏ। ଏଥିରୁ ମଧ୍ୟ ଜଣାପଡୁଛି ଯେ ଯଦି ଜଙ୍ଗଲ ଧ୍ୱଂସ ହୋଇଯାଏ, ତାହା ହେଲେ ସେହି ଅଞ୍ଚଳର ତାପମାତ୍ରା ବହୁତ ପରିମାଣରେ ବଢ଼ିଯିବ। ପୁନଶ୍ଚ ପବନର ବେଗ ଓ ଦିଗ ନିୟନ୍ତ୍ରଣରେ ଜଙ୍ଗଲର ପ୍ରମୁଖ ଭୂମିକା ରହିଛି; ଯାହା ପ୍ରକାରାନ୍ତରେ ସେହି ଅଞ୍ଚଳର ବୃଷ୍ଟିପାତ, ପାଣିପାଗ ଓ ଜଳବାୟୁ ଉପରେ ପ୍ରତିଫଳିତ ହୋଇଥାଏ।

ଉଦ୍ଭିଦ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ଖାଦ୍ୟ ପ୍ରସ୍ତୁତ କରେ ଏବଂ ଏଥିପାଇଁ ଏହା ଅଙ୍ଗାରକାମ୍ଳ ଦରକାର କରିଥାଏ। ଅଙ୍ଗାରକାମ୍ଳ ହେଉଛି ଗୋଟିଏ ସବୁଜଗୃହ ଗ୍ୟାସ୍ ଏବଂ ଜାଗତିକ ଉଷ୍ମତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପାଇଁ ଏହା ମୁଖ୍ୟତଃ ଦାୟୀ। ଜଙ୍ଗଲରେ ଉଦ୍ଭିଦ ଭରପୂର ଅଛି ଏବଂ ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରେ ଏବଂ ନିଜ ଶରୀର ମଧ୍ୟରେ ଏହାକୁ ଆବଦ୍ଧ କରି ରଖେ। ଆକଳନ ଅନୁଯାୟୀ ଜଙ୍ଗଲଗୁଡ଼ିକ ପ୍ରାୟ ୬୫୨ ବିଲିୟନ୍ ଟନ୍ ଅଙ୍ଗାରକୁ ସଞ୍ଚୟ କରି ରଖୁଛନ୍ତି। ଯଦି ଜଙ୍ଗଲ କ୍ଷୟକୁ ବନ୍ଦ କରା ନ ଯାଏ, ତାହା ହେଲେ ଉଦ୍ଭିଦଜଗତ କମ୍ ଅଙ୍ଗାରକାମ୍ଳ ବ୍ୟବହାର କରିବ ଏବଂ ଏହା ବାୟୁମଣ୍ଡଳରେ ଜମି ରହିବ। ଏହା ହେଉଛି ଗୋଟିଏ ଦିଗ।

ସମସ୍ୟାର ଅନ୍ୟ ଦିଗଟି ହେଉଛି ଯେ ଜଙ୍ଗଲ କ୍ଷୟ ହେବା ଫଳରେ ମୃତ ଉଦ୍ଭିଦ ବସ୍ତୁଠାରୁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ ହେବ। ମୃତ ଗଛ ପଚିଯାଇ ଖତ ହୁଏ କିମ୍ବା ଏହାକୁ ଇନ୍ଧନ ଭାବେ ଜଳାଯାଏ। ଏହି ପ୍ରକ୍ରିୟାରେ ଏଥିରେ ଥିବା ଅଙ୍ଗାର ଅଙ୍ଗାରକାମ୍ଳରେ ପରିଣତ ହୋଇ ବାୟୁମଣ୍ଡଳକୁ ଯାଇଥାଏ। ବର୍ତ୍ତମାନର ଗଣନା ଅନୁଯାୟୀ ଜଣାପଡ଼ିଛି ଯେ, ବାୟୁମଣ୍ଡଳର ୮୦ ପ୍ରତିଶତ ଅଙ୍ଗାରକାମ୍ଳ ଜୀବାଶ୍ମ ଇନ୍ଧନରୁ ଏବଂ ଅବଶିଷ୍ଟ ୨୦ ପ୍ରତିଶତ ଜଙ୍ଗଲ କ୍ଷୟରୁ ଆସିଛି। ଏଥିରୁ ଜଣାପଡୁଛି ଯେ ଜଙ୍ଗଲ ଅଙ୍ଗାରକାମ୍ଳ ସୃଷ୍ଟିର ଉତ୍ସ କିମ୍ବା ପ୍ରତିଉତ୍ସ ଭାବେ କାମ କରିପାରିବ। ଏହା ମନୁଷ୍ୟ ସମାଜ ଉପରେ ନିର୍ଭର କରୁଛି। ଜଙ୍ଗଲ କ୍ଷୟ ଅଧିକ ହେଲେ ଜଙ୍ଗଲ ଅଙ୍ଗାରକାମ୍ଳର ଉତ୍ସ ହୋଇଯାଉଥିବାରୁ ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ଜଙ୍ଗଲ ସଂରକ୍ଷଣ ଓ ପ୍ରସାରଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

ଜଙ୍ଗଲ କ୍ଷୟ ହେଉଛି ସମଗ୍ର ପୃଥିବୀ ପାଇଁ ଗମ୍ଭୀର ଚିନ୍ତାର ବିଷୟ ଏବଂ ଭାରତ ଲାଗି ଏହା ହେଉଛି ଅଧିକ ଗୁରୁତର। ଜଙ୍ଗଲ କ୍ଷୟ ଯୋଗୁ ଅନେକ ସମସ୍ୟା ଉପୁଜୁଛି। ସେଗୁଡ଼ିକ ମଧ୍ୟରେ ମୁଖ୍ୟ ହେଉଛି ବାୟୁମଣ୍ଡଳରେ ସବୁଜଗୃହ ଗ୍ୟାସ୍ ବୃଦ୍ଧି, ଜାଗତିକ ଉଷ୍ମତା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା ପ୍ରକୋପ ଆଦି। ବିଂଶ ଶତାବ୍ଦୀର ଆରମ୍ଭରେ ଭାରତର ମୋଟ କ୍ଷେତ୍ରଫଳର ୪୦ ପ୍ରତିଶତ ଉଚ୍ଚମାନର ଜଙ୍ଗଲ ଥିଲା। ବର୍ତ୍ତମାନ କେବଳ ୨୩ ପ୍ରତିଶତ ଜାଗାକୁ ଜଙ୍ଗଲ ଘୋଷଣା କରାଯାଇଛି। ବାସ୍ତବରେ ଏହାର ୫୦ ପ୍ରତିଶତ ହେଉଛି ପ୍ରକୃତ ଜଙ୍ଗଲ ଏବଂ ଅବଶିଷ୍ଟ କେବଳ କାଗଜରେ ଦର୍ଶାଯାଇଛି। ୨୦୧୩ ରେ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶର ବନ୍ୟା ଓ ଭୂସ୍ଖଳନ ଏବଂ ୨୦୧୪ରେ ଜମ୍ମୁ ଓ କଶ୍ମୀରରେ ବନ୍ୟା ଯୋଗୁ ଅନେକ ଧନସମ୍ପତ୍ତି କ୍ଷତି ହୋଇଛି। ଏହି ବିପତ୍ତିର ଅନେକ କାରଣ ଥାଇପାରେ। ମାତ୍ର ନିଶ୍ଚିତଭାବେ ଗୋଟିଏ କାରଣ ହେଉଛି ଜଙ୍ଗଲ କ୍ଷୟ। ପାର୍ବତ୍ୟାଞ୍ଚଳରେ ୭୭ ପ୍ରତିଶତ ଜଙ୍ଗଲ ରହିବା ଲକ୍ଷ୍ୟ ଥିବାବେଳେ ବର୍ତ୍ତମାନ ୩୮.୭୭ ପ୍ରତିଶତ ଜଙ୍ଗଲ ଅଛି।

ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଆମ ଦେଶ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ଏଥିପାଇଁ 'ଜଳବାୟୁ ସଂକ୍ରାନ୍ତୀୟ ଜାତୀୟ କାର୍ଯ୍ୟକାରୀ ନୀତି' ଆରମ୍ଭ ହୋଇଛି। ଏହାର ଗୋଟିଏ ମୁଖ୍ୟ ଅଂଶ ହେଉଛି 'ସବୁଜ ଭାରତ ମିଶନ'। ଏଥିରେ ପାଞ୍ଚ ନିୟୁତ ହେକ୍ଟର ଜଙ୍ଗଲ ସୃଷ୍ଟି କରିବା ସହ ପାଞ୍ଚ ନିୟୁତ ଜଙ୍ଗଲ ଅଞ୍ଚଳର ମାନ ବୃଦ୍ଧି କରିବା ଲକ୍ଷ୍ୟ ଅଛି। ଯଦି ଏହି ଲକ୍ଷ୍ୟହାସଲ ହୁଏ, ନିଶ୍ଚିତ ଭାବେ ଦେଶରେ ଜଙ୍ଗଲର ବିକାଶ ହେବ ଏବଂ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ଲାଭବାନ ହେବେ।

ଜଣାଯାଇଛି ଯେ, କେବଳ ୨୦୨୦ରେ ପୃଥିବୀରେ ୨ଲକ୍ଷ ୫୮ ହଜାର ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ ହୋଇଛି, ଯାହାର ଆକାର ବ୍ରିଟେନ୍‌ଠାରୁ ମଧ୍ୟ ବଡ଼। ଏକ ଶହରୁ ଅଧିକ ଦେଶ ୨୦୩୦ ମସିହା ସୁଦ୍ଧା ସେମାନଙ୍କ ଦେଶରେ ଜଙ୍ଗଲ କ୍ଷୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପୃଥିବୀରେ ୮୫ ପ୍ରତିଶତ ଜଙ୍ଗଲ ଥିବା ବ୍ରାଜିଲ, ଇଣ୍ଡୋନେସିଆ, ଚାଇନା, କଲମ୍ବିଆ, କଙ୍ଗୋ, ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ଆଦି ଦେଶ ଏହାକୁ ସମର୍ଥନ କରିଛନ୍ତି। ଜଙ୍ଗଲ ସୁରକ୍ଷା ଓ ଏହାର ପୁନରୁଦ୍ଧାର ପାଇଁ ସରକାରୀ ବେସରକାରୀ ପାଣ୍ଠିରୁ ୧୯ ବିଲିୟନ୍ ଡଲାର ସହାୟତା ପ୍ରଦାନ କରିବା ପାଇଁ ବିକଶିତ ଦେଶଗୁଡ଼ିକ ଘୋଷଣା କରିଛନ୍ତି।

**୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର,**
**ମୋ:୯୪୩୮୬୯୩୭୨୪**

## ଚିରନ୍ତନୀ

ଶୀତର ସକାଳେ ଆସୁଥିଲା ଯେବେ
କୁହୁଡ଼ି ଘୋଟି
ଧଳା ପରଦାଟି ପକାଇ ଅଦୂର
ପୁନାଗ ବନେ।
କନକ ଅଧରେ ହସି ଦେଇ ରବି
ଉଠଇ ଉଇଁ
ନୂଆବୋହୂ ସମ ଲୁଚିଯାଏ କାହିଁ
କୁହୁଡ଼ି ଘୋଟି!

-(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାନସିକ ରୋଗୀଙ୍କ ପ୍ରତି ଦରଦ ନାହିଁ

ମହାଶୟ,

ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ମାନସିକ ରୋଗୀ ଇତସ୍ତତ ଭାବେ ବୁଲୁଥିବା ପରିଲକ୍ଷିତ ହୁଏ। ଫୁଙ୍ଗୁଳା ଦେହରେ ବୁଲନ୍ତି କିମ୍ବା ଗାମୁଛା ପରିଧାନ କରିଥାନ୍ତି। ଭୋକ ବେଳେ ଡଷ୍ଟବିନରୁ ଖାଦ୍ୟ ଗୋଟାଇ ଖାଇଥାନ୍ତି। ରାତ୍ରିବେଳା ଫୁଟ୍‌ପାଥ୍‌ରେ ଶୋଇପଡ଼ନ୍ତି। ବହୁ ସମୟରେ ମହିଳା ମାନସିକ ରୋଗୀ ଦୁଷ୍କର୍ମର ଶିକାର ହେବା ଖବର ପ୍ରକାଶ ପାଏ। ସରକାର ସବୁ ଡାକ୍ତରଖାନା କାନ୍ଥରେ ଲେଖିଛନ୍ତି, ମାନସିକ ରୋଗୀକୁ ଚିକିତ୍ସା କଲେ ସୁସ୍ଥ ହୋଇଯିବେ। କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜରେ ମାନସିକ ରୋଗର ଚିକିତ୍ସକ ଅଛନ୍ତି, ହେଲେ ତିରିଶଟି ଜିଲାରୁ ୨୦ଟି ଜିଲାର ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ କୌଣସି ମାନସିକ ରୋଗର ଚିକିତ୍ସକ ନାହାନ୍ତି। ସରକାରଙ୍କର ଯୋଜନା ଅଛି, ମାନସିକ ରୋଗୀକୁ ସମସ୍ତ ସୁବିଧା ଯୋଗାଇବା ପାଇଁ। ହେଲେ ନା ସରକାର ନା ବେସରକାରୀ ସଂସ୍ଥା ଏମାନଙ୍କୁ ଦୃଷ୍ଟି ଦେଉଛନ୍ତି।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଡାକ୍ତରଖାନାରେ ରକ୍ତଦାନ ଶିବିର

ଉମରକୋଟ,(ସ୍ୱ.ପ୍ର.)- ଉମରକୋଟ ମୁଖ୍ୟ ଡାକ୍ତରଖାନା ପରିସରରେ ୭୩ ତମ ସାଧାରଣତନ୍ତ୍ର ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ସୁମନ୍ତ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୋଟ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ରମେଶ ସାହୁ, ଶିଶୁରୋଗ ବିଶେଷଜ୍ଞ ସନ୍ତୋଷ ପଣ୍ଡା, ମେଡିକାଲ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱଜିତ ସୁନା, ସୁରେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲାଖଶିଳ୍ପୀ ପ୍ରଭାତୀ ସମ୍ମାନିତ




ନବରଙ୍ଗପୁର,୨୭।୧(ବି.ପ୍ର.)-ନବରଙ୍ଗପୁର ଜିଲା ଗୋବିନ୍ଦାଳୟ ପକ୍ଷରୁ ଲାଖଶିଳ୍ପୀ ପ୍ରଭାତୀ ପାତ୍ରଙ୍କୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ଚନ୍ଦ୍ରଶେଖର ଦୋରା ସମ୍ମାନିତ କରିଛନ୍ତି। ପ୍ରଭାତୀ ଅନ୍ୟ କାରିଗରଙ୍କୁ ଲାଖ କାମ ଜରିଆରେ ସ୍ୱାବଲମ୍ବୀ ମଧ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

ଗୁଣପୁର,୨୭।୧(ଡି.ଏନ୍.ଏ.)-ଗଜପତି ଜିଲା ଅଲଡ଼ା ଗ୍ରାମ ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଘଶଳା ଗ୍ରାମର ଜି. ନଗରାଜୁ। ଘଟଣାରୁ ପ୍ରକାଶ, ଏକ ଅଟୋରେ ଯାତ୍ରୀମାନେ ପାଲକଣ୍ଡାରୁ ବାଘଶଳା ଯାତ୍ରା କରୁଥିଲେ। ଅଲଡ଼ା ଗ୍ରାମ ନିକଟରେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ନାଗରାଜୁଙ୍କ ସମେତ ଅନ୍ୟମାନେ ଗୁରୁତର ହୋଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାଗରାଜୁଙ୍କୁ ମୃତ ଘୋଷଣା କରିଥିଲେ।

### ଜିଲା ବଲ ବ୍ୟାଡ୍‌ମିଣ୍ଟନ ସଂଘର କ୍ରୀଡ଼ା ପ୍ରତିଯୋଗିତା



ଉମରକୋଟ, ୨୭।୧(ସ୍ୱ.ପ୍ର.)- ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଉମରକୋଟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଜିଲା ବଲ ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ୨୪ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେଠାରେ ରହି ଅଭ୍ୟାସ କରୁଥିବା କେତେଜଣ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ଖେଳାଳି ଭାଗ ନେଇଥିଲେ। ସନ୍ଧ୍ୟା ସମୟରେ ଷ୍ଟାଡିୟମ ସଭାଗୃହରେ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଜିଲା କ୍ରୀଡ଼ା ସଂଘ ଇନ୍‌ଡୋର କ୍ରୀଡ଼ା ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ, ଡାକ୍ତର ଅବିନାଶ ମହାନ୍ତି ଓ ସଲିମ ରାଠୋର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଲ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଏମ୍. ବିଜୟ କୁମାର ଓ ସମ୍ପାଦକ ସପନ ବୈରାଗୀ କାର୍ଯ୍ୟ ପରିଚାଳନା କରିଥିଲେ।

### ଘାଟିରେ ଓଲଟିଲା ଏଲ୍‌ପିଜି ଟ୍ୟାଙ୍କର

ରାୟଗଡ଼ା ଅଫିସ,୨୭।୧-ବିଶାଖାପାଟଣାରୁ କୋରାପୁଟ ଯାଉଥିବା ଏକ ଏଚ୍‌ପି ଏଲପିଜି ଟାଙ୍କର ବୁଧବାର ରାୟଗଡ଼ା ଜିଲାର ଗୁମା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଖବର ପାଇ କୁମ୍ଭିକୋଟା ଫାଣ୍ଡି ପୋଲିସ ଏବଂ ରାୟଗଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବାବେଳେ ବଡ଼ ଦୁର୍ଘଟଣା ଟଳିଯାଇଥିବା ଜଣାପଡ଼ିଛି।

# 'ନବରଙ୍ଗପୁର ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି'

**୭୩ ତମ ସାଧାରଣତନ୍ତ୍ର ଦିବସ**

ନବରଙ୍ଗପୁର, ୨୭।୧(ବି.ପ୍ର.)

ନବରଙ୍ଗପୁର ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି। ଏହାର ଅନେକ ସଂଗ୍ରାମୀ ମାଟି ତଥା ଦେଶମାତୃକା ପାଇଁ କେତେ ତ୍ୟାଗ ଓ ବଳିଦାନ ଦେଇଛନ୍ତି। ସଂଗ୍ରାମୀ ଓ ବରପୁତ୍ରଙ୍କୁ ମଞ୍ଚ ଉପରୁ ଶ୍ରଦ୍ଧାଞ୍ଜଳି ଜଣାଉଛି ବୋଲି ନବରଙ୍ଗପୁରରେ ଅନୁଷ୍ଠିତ ୭୩ତମ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି। ଜିଲାର ଉନ୍ନତି ଓ ବିକାଶ ପଥରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଥିବା ସେ କହିଛନ୍ତି।

ଜିଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ୍ ପରିବେଷଣ କରାଯାଇ ସହରସ୍ଥିତ ମହାପୁରୁଷଙ୍କ ପ୍ରତମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୋଲିସ, ଅଗ୍ନିଶମ ବାହିନୀ, ନବରଙ୍ଗପୁର ପୌରପାଳିକାରେ କାର୍ଯ୍ୟରତ ଦକ୍ଷ କର୍ମଚାରୀଙ୍କୁ କରୋନା ଯୋଦ୍ଧାଭାବେ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ଏହି ଜିଲାସ୍ତରୀୟ ସମାରୋହରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ କମଳ ଲୋଚନ ମିଶ୍ର, ଏସ୍‌ପି ପି.ଏସ୍. ପରଶୋତ୍ତମ ଦାସ, ଡିଆରଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ସିଡିଏମ୍‌ଓ କାଳୀପ୍ରସାଦ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଡିଇଓ ପ୍ରଦୀପ ନାଗ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଆଇଟିଡିଏ ପିଏ ଅଭିମନ୍ୟୁ ମାଝି, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଜୟକୃଷ୍ଣ ବେହେରା, ତହସିଲଦାର ରବୀନ୍ଦ୍ର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପକାରାଗାରରେ ଥିବା ଅନ୍ତେବାସୀଙ୍କୁ ଜିଲାପାଳ, ଏସ୍‌ପି, ଉପଜିଲାପାଳଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିଲୀପ କୁମାର ମଲ୍ଲିକ, ରାଜେନ୍ଦ୍ର ମାଝି, ନୀଳକଣ୍ଠ ନାୟକ, ବିଶ୍ୱରାଜ ମାଝି, ପୂର୍ଣ୍ଣଚନ୍ଦ୍ର ବାଘ ସହଯୋଗ କରିଥିଲେ। ଡିଆଇପିଆର୍‌ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନ୍ୟମାନେ।

# ୫ ଦିନ ପରେ ଧାରଣାରୁ ହଟିଲେ ନମିତା

ତେନ୍ତୁଲିଖୁଣ୍ଟି ୨୭।୧ (ଡି.ଏନ୍.ଏ.)

- କୋର୍ଟର ଆଶ୍ରୟ ନେବେ
- ନମିତାଙ୍କୁ କଂଗ୍ରେସର ସମର୍ଥନ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ସମିତି ସଭ୍ୟା ପ୍ରାର୍ଥୀ ନମିତା ସଗରିଆ ୫ ଦିନ ପରେ ବୁଧବାର ସନ୍ଧ୍ୟାରେ ଧାରଣାରୁ ହଟିଛନ୍ତି। ନାମାଙ୍କନ ନାକଚ ହେବାପରେ ସେ ଧାରଣରେ ବସିଥିଲେ। ଧାରଣାର ପଞ୍ଚମ ଦିନରେ ଜିଲା କଂଗ୍ରେସର ମନୋରଞ୍ଜନ ତ୍ରିପାଠୀଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିଲେ। ଆଇନଗତ ଲଢ଼େଇରେ ଆର୍ଥିକ ସହାୟତା ସହ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କଂଗ୍ରେସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସେ ଧାରଣା ପ୍ରତ୍ୟାହାର କରିଛନ୍ତି। ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ନିର୍ବାଚନ ଅଧିକାରୀ ଓ ତହସିଲଦାର ଜଣେ ଦଳିତ ଗର୍ଭବତୀଙ୍କ ପ୍ରତି ଅନ୍ୟାୟ କରି ତାଙ୍କ ଅଧିକାରରୁ ବଞ୍ଚିତ କରିଥିବା ଜିଲା ସଭାପତି କହିଛନ୍ତି। ନମିତା ଧାରଣାରୁ ହଟିବାବେଳେ ତହସିଲଦାର ପ୍ରଦୀପ କୁମାର କର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମଙ୍କ ସମେତ ପୋଲିସ ଉପସ୍ଥିତ ଥିଲେ। ତହସିଲଦାର ଏବଂ ନିର୍ବାଚନ ଅଧିକାରୀ ଚାପରେ ପଡି ଏଭଳି କାର୍ଯ୍ୟ କରିଥିବା କଂଗ୍ରେସ ଅଭିଯୋଗ କରିଛି। ନମିତାଙ୍କୁ ଜାନୁୟାରୀ ୧୮ରେ ତେନ୍ତୁଲିଖୁଣ୍ଟି ତହସିଲ ପକ୍ଷରୁ ଅନୁସୂଚିତ ଜାତି (ଏସ୍‌ସି) ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହା ଆଧାରରେ ସେ କାମତା ସମିତି ସଭ୍ୟା ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିଲେ। ତେବେ କେଉଁ ଆଧାରରେ ତାଙ୍କ ନାମାଙ୍କନ କଟାଗଲା ବୋଲି କଂଗ୍ରେସ ଅଭିଯୋଗ କରିଛି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ପି. ନାଗରତ୍ନମ, ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁନୀଲ କୁମାର ସିଂହ, ପ୍ରଦୀପ ସାହୁ, ଦୁର୍ଲଭ କନ୍ଧ ଗୌଡ଼,ଅବଦୁଲ ଫିରୋଜ, ଭୀମସେନ ପାଣିଗ୍ରାହୀ, ଭୁବନ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ତେନ୍ତୁଲିଖୁଣ୍ଟି ଜିଲାପରିଷଦ ଜୋନ୍(୨)ରେ ୪ ପ୍ରାର୍ଥୀଙ୍କ ମଧ୍ୟରେ ଟକ୍କର

ନବରଙ୍ଗପୁର,୨୭।୧(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ରହିଛି ୨ଟି ଜିଲା ପରିଷଦ ଜୋନ୍। ଜୋନ୍ (୨) ସାଧାରଣବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ନିର୍ବାଚନ ମଣ୍ଡଳୀରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। କଂଗ୍ରେସର ଗୋପିନାଥ ପାଣିଗ୍ରାହୀ, ବିଜେଡିର ରତିକାନ୍ତ ପଣ୍ଡା, ଭାଜପାର ସନ୍ତୋଷ ପାତ୍ର ଓ ସ୍ୱାଧୀନ ପ୍ରାର୍ଥୀ ସୁଦର୍ଶନ ପେଣ୍ଟିଆଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଗୌଡ଼ ଦେଓପାଲି, ତେନ୍ତୁଲିଖୁଣ୍ଟି, ଦିଗି, ପରଜାବାରଙ୍ଗପଦର, ପୂଜାରିଗୁଡ଼ା ଓ ଲମତାଗୁଡ଼ା ପଞ୍ଚାୟତର ୨୯,୧୨୩ ଭୋଟର ମତଦାନ କରିବେ। କରୋନା କଟକଣା ମଧ୍ୟରେ ନିର୍ବାଚନ ପ୍ରଚାର ଯେଉଁ ନିୟମ ରହିଛି ତାହାକୁ କିଭଳି ପାଥେୟକରି ନିର୍ବାଚନ ଲଢିବେ ସେଥିପ୍ରତି ପ୍ରାର୍ଥୀମାନେ କିଛି ଜଟିଳତା ମଧ୍ୟରେ ରହିଛନ୍ତି। ପୂର୍ବଭଳି ପ୍ରଚାର ପ୍ରସାର ଶୋଭାଯାତ୍ରା ଓ ସମାବେଶ ହେବ ନାହିଁ ବୋଲି ନିୟମ ରହିଛି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ପ୍ରାର୍ଥୀମାନେ ଏବେ ୫ ଜଣଙ୍କ ସହ ପ୍ରଚାର କରିବା ନିୟମକୁ ଧରି ଚାଲିଛନ୍ତି। ବିଜେଡି ପ୍ରାର୍ଥୀ ରତିକାନ୍ତ ଜଣେ ଉଚ୍ଚ ଶିକ୍ଷିତ ଓ ସଫ୍ଟୱେର ଇଞ୍ଜିନିୟର ହୋଇଥିବାରୁ ତାଙ୍କର ପଲା ଏବେ ଭାରି ରହିଛି। ରତିକାନ୍ତଙ୍କ ପ୍ରତି ସାଧାରଣବର୍ଗଙ୍କ ଏକ ପ୍ରକାର ପସନ୍ଦ ରହିଛି। ସେହିଭଳି ବସନ୍ତ କୁମାର ପାଣିଗ୍ରାହୀ ଜଣେ ପୁରୁଖା ନେତା। ରାଜନୀତିରେ ରହିଥିବା ଅଭିଜ୍ଞତା ଆଧାରରେ ଏହି ନିର୍ବାଚନ ଜିତିବାକୁ ସେ ଆପ୍ରାଣ ଉଦ୍ୟମ କରୁଛନ୍ତି। ଭାଜପାର ସନ୍ତୋଷ କୁମାର ପାତ୍ର ଜଣେ ଯୁବନେତା ଓ ସଙ୍ଗଠକ ଭାବେ ଉକ୍ତ ଅଞ୍ଚଳରେ ଜଣାଶୁଣା। ଗତ ନିର୍ବାଚନରେ ଭାଜପାର ଭୋଟର ସଂଖ୍ୟା ମଧ ବଢିଥିଲା। ତେବେ ବିଜେଡି, କଂଗ୍ରେସ ଓ ଭାଜପା ସଙ୍ଗଠନ କର୍ମୀ ଓ ପ୍ରଚାର ପ୍ରସାରକୁ ଅନୁଧାନ କଲେ ତିନି ଦଳ ମଧ୍ୟରେ ଜୋର୍‌ଦାର ଟକ୍କର ହେବ। ତିନି ଦଳର ଲଢ଼େଇ ମଧ୍ୟରେ ନିଜର କିଭଳି ଫାଇଦା ହେବ ସ୍ୱାଧୀନ ପ୍ରାର୍ଥୀ ସୁଦର୍ଶନ ଓ ତାଙ୍କ ସମର୍ଥକଙ୍କୁ ନେଇ ନିର୍ବାଚନ ଲଢି ବହୁମତ ପାଇବା ଆଶାରେ ରହିଛନ୍ତି। ବିଜେଡି ବିଜୁ ସ୍ୱାସ୍ଥ୍ୟ କାର୍ଡ, କୋଭିଡ୍ ଭଳି ମହାମାରୀ ସମୟରେ ଶ୍ରମିକ, ଉଠାଦୋକାନୀ, ପକ୍କାଘର ମରାମତି ପାଇଁ ସହାୟତା, ପାନୀୟଜଳ ଯୋଗାଣ, ରାସ୍ତାଘାଟ, ବିଭିନ୍ନ ଜନହିତକର କାର୍ଯ୍ୟକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ବିଜେଡିର ଶାସନ ମଧ୍ୟରେ ହୋଇଥିବା ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ଭାଜପା ପ୍ରଚାର ଜୋର୍‌ଦାର କରୁଛନ୍ତି। ସ୍ଥାନୀୟ ନିଯୁକ୍ତି, ଚାଷୀଙ୍କୁ ସାର ଯୋଗାଣରେ ବିଫଳ, ମଣ୍ଡିରେ ଧାନ କଟ୍‌ନୀଛଟନୀ, ଉଠାଜଳସେଚନ ନାଁରେ ଦୀର୍ଘ ବର୍ଷ ହେବ ଚାଷୀଙ୍କୁ ଠକି ଆସିବା, ନାରୀ ନିର୍ଯାତନା ଓ ଅତ୍ୟାଚାର, ପାଇଖାନା ଦୁର୍ନୀତି ଭଳି ଅନେକ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଥର ନିର୍ବାଚନରେ ଜିଲା ପରିଷଦ ଆସନ ପାଇଁ ଦଳ ସହିତ ବ୍ୟକ୍ତିଗତ ଭାବମୂର୍ତ୍ତିକୁ ମଧ ଭୋଟର ଅଧିକ ପସନ୍ଦ କରୁଛନ୍ତି। ଏନେଇ ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ କିଏ କାହାକୁ କିଭଳି ଟକ୍କର ଦେବ ଓ ଭୋଟର କାହାକୁ ସମର୍ଥନ ଜଣାଇବେ ତାହା ଦେଖିବାକୁ ଅଛି।

ଭାରତ ସରକାର
ରେଳ ମନ୍ତ୍ରଣାଳୟ
ପୂର୍ବ ତଟ ରେଳପଥ ଏବଂ
ରେଳପଥ ନିଯୁକ୍ତି ବୋର୍ଡ଼/ ଭୁବନେଶ୍ୱର

ସିଇଏନ୍ (CEN) ସଂଖ୍ୟା 01/2019 (ଏନ୍‌ଟିପିସି ପଦବୀ) ଏବଂ ସିଇଏନ୍ (CEN) ସଂଖ୍ୟା RRC/01/2019 (ଲେଭେଲ 1 ପଦବୀ)ର ପ୍ରାର୍ଥୀମାନଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସୂଚନା

RRB ସିଇଏନ୍ (CEN) 01/2019 ଏବଂ ସିଇଏନ୍ (CEN) RRC 01/2019 (ଲେଭେଲ୍-1)ର ପ୍ରାର୍ଥୀମାନଙ୍କ ପାଇଁ ଆଉଟ୍‌ରିଚ୍ କ୍ୟାମ୍ପ

ଉପରୋକ୍ତ ସିଇଏନ୍ (CEN)ଗୁଡ଼ିକର ନିଯୁକ୍ତି କ୍ଷେତ୍ରରେ ଗ୍ରହଣକରାଯାଇଥିବା ପ୍ରକ୍ରିୟା ସମ୍ପର୍କରେ କେତେକ ପ୍ରାର୍ଥୀମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ତା 27.01.2022ରୁ 16.02.2022 ମଧ୍ୟରେ ଉପରୋକ୍ତ ସିଇଏନ୍ (CENs)ଗୁଡ଼ିକର ରେଳପଥ ନିଯୁକ୍ତି ବୋର୍ଡ଼, ଭୁବନେଶ୍ୱର ଅନ୍ତର୍ଗତ ପ୍ରାର୍ଥୀମାନଙ୍କର ଉପସ୍ଥିତି ଗ୍ରହଣ କରାଯିବାକୁ ନିଷ୍ପତ୍ତି କରାଯାଇଛି।

ଉପରୋକ୍ତ ଉଦ୍ଦେଶ୍ୟରେ ଜୋନାଲ୍ ମୁଖ୍ୟାଳୟ ଏବଂ ଡିଭିଜନାଲ ମୁଖ୍ୟାଳୟର ଏହି ପ୍ରାର୍ଥୀମାନଙ୍କର ବିଭିନ୍ନ ସ୍ଥାନରେ ଆଉଟ୍‌ରିଚ୍ କ୍ୟାମ୍ପମାନ ଆୟୋଜିତ ହୋଇ ସେମାନଙ୍କର ଚିନ୍ତାଧାରାକୁ ଶୁଣିବା ଏବଂ ଏହି ଚିନ୍ତାଧାରା/ଅଭିଯୋଗଗୁଡ଼ିକର ଉପଯୁକ୍ତ ବିଚାର ତଥା ସେଗୁଡ଼ିକୁ ରେଳ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିଙ୍କୁ ସୂଚିତ କରିବା।

ଏହି ଆଉଟ୍‌ରିଚ୍ କ୍ୟାମ୍ପଗୁଡ଼ିକର ତାରିଖ ଏବଂ ସ୍ଥାନ ନିମ୍ନାନୁସାରେ ଅଟେ:

| ନ୍ୟାୟକ୍ଷେତ୍ର | ସ୍ଥଳ/ସ୍ଥାନ |
|---|---|
| ଜୋନାଲ ମୁଖ୍ୟାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର | ନେତାଜୀ ସୁଭାଷ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751023 |
| ଖୋର୍ଦ୍ଧା ରୋଡ଼ ମଣ୍ଡଳ | ରେଲୱେ ଇନ୍‌ଷ୍ଟିଚ୍ୟୁଟ୍/ କମ୍ୟୁନିଟି ହଲ୍, ଖୋର୍ଦ୍ଧା ରୋଡ଼, ଜଟଣୀ-752050 |
| ସମ୍ବଲପୁର ମଣ୍ଡଳ | ରେଲୱେ କମ୍ୟୁନିଟି ହଲ୍, ସମ୍ବଲପୁର ରେଳଷ୍ଟେସନ ନିକଟ, ମୋଦିପଡ଼ା, ସମ୍ବଲପୁର-768002 |

ତାରିଖ/ସମୟ: ତା. 27.01.2022 ରିଖ ରୁ ତା.16.02.2022 ରିଖ ପର୍ଯ୍ୟନ୍ତ, ଅଫିସ୍ ସମୟ ମଧ୍ୟରେ (ଛୁଟିଦିନ ବ୍ୟତୀତ)।

ଇଚ୍ଛୁକ ପ୍ରାର୍ଥୀମାନେ କୋଭିଡ ନିୟମ ମାନି ଉପରୋକ୍ତ ଆଉଟ୍‌ରିଚ୍ କ୍ୟାମ୍ପଗୁଡ଼ିକରେ ନିଜ ସୁବିଧା ଅନୁସାରେ ପରୀକ୍ଷା ପରିଚୟ ଯଥା ଇ-କଲ୍ ଲେଟର (ଏନ୍‌ଟିପିସି)/ଆବେଦନ ଫର୍ମ (ଲେଭେଲ୍-1) ସହ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଉଛି।

ପ୍ରାର୍ଥୀମାନେ ମଧ୍ୟ ସେମାନଙ୍କର ଅଭିଯୋଗ/ଚିନ୍ତା/ ଉପସ୍ଥାପନ rrbbbs.od@gov.in କିମ୍ବା rrbcommittee@railnet.gov.in ଇମେଲ୍ ଆଇଡିକୁ ଇମେଲ୍ କରିପାରିବେ।

କୌଣସି ପ୍ରଶ୍ନ ନିମନ୍ତେ ପ୍ରାର୍ଥୀମାନେ ରେଳପଥ ନିଯୁକ୍ତି ବୋର୍ଡ଼ ଭୁବନେଶ୍ୱର କାର୍ଯ୍ୟାଳୟ ଟେଲିଫୋନ୍: 0674-2303015 ସହ ସମ୍ପର୍କ କରିପାରିବେ।

ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର
ଅଧ୍ୟକ୍ଷ, ରେଳପଥ ନିଯୁକ୍ତି ବୋର୍ଡ଼, ଭୁବନେଶ୍ୱର
ତାରିଖ: 27.01.2022
PR-752/M/21-22

# ନିର୍ବାଚନକୁ ଅବାଧ, ନିରପେକ୍ଷ କରିବାକୁ ଗୁରୁତ୍ୱ

**ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଆଲୋଚନା କଲେ ଜିଲାପାଳ, ନିର୍ବାଚନ ପର୍ଯ୍ୟବେକ୍ଷକ**

ରାୟଗଡ଼ା ଅଫିସ,୨୭।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ ଓ ନିରପେକ୍ଷଭାବେ ସମ୍ପାଦନ ଉପରେ ଗୁରୁତ୍ୱ ଦେଇ ରାୟଗଡ଼ା ଜିଲାପାଳ ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଆଲୋଚନା କରିଛନ୍ତି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଚିନ୍ତନ କକ୍ଷରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ଓ ନିର୍ବାଚନ ଖର୍ଚ୍ଚ ହିସାବ ପର୍ଯ୍ୟବେକ୍ଷକ ମନୋରଞ୍ଜନ ମହାପାତ୍ର ଯୋଗଦେଇ ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ପାଳନ କରିବା ସହ ଯେପରି ଅବାଧ ଓ ନିରପେକ୍ଷଭାବେ ନିର୍ବାଚନ ହୋଇପାରିବ ସେ ନେଇ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ।

କୌଣସି ପ୍ରାର୍ଥୀ ଜାତି, ଧର୍ମ ଓ ସମ୍ପ୍ରଦାୟ ବିରୋଧରେ ପ୍ରଚାର କରିବାକୁ ବାରଣ କରାଯାଇଛି। ଭୋଟରଙ୍କୁ ଧମକଚମକ କିମ୍ବା ପ୍ରଭାବିତ କରିପାରିବେ ନାହିଁ। କୌଣସି ସରକାରୀ ଗୃହ, ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନକୁ ଭୋଟ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ। ନିର୍ବାଚନ ସମୟରେ ପଦଯାତ୍ରା, ବାଇକ୍ ରାଲି ଏବଂ ବିଜୟ ଶୋଭାଯାତ୍ରାକୁ ମଧ ବାରଣ କରାଯାଇଛି। ପ୍ରାର୍ଥୀ କେବଳ ସୀମିତ ଲୋକଙ୍କୁ ନେଇ କରୋନା କଟକଣା ମଧ୍ୟରେ ପ୍ରଚାର କରିବେ ବୋଲି ଜିଲାପାଳ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଇଛନ୍ତି। ସେହିପରି ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମାକୁ ଖର୍ଚ୍ଚ ହିସାବ ପର୍ଯ୍ୟବେକ୍ଷକ ଉପସ୍ଥାପନ କରିଥିଲେ। ଜିଲା ପରିଷଦ ପ୍ରାର୍ଥୀ ୫ ଲକ୍ଷ ଟଙ୍କା, ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ ସର୍ବାଧିକ ୨ ଲକ୍ଷ ଟଙ୍କା ଲେଖାଏ ନିବାଚନ ଖର୍ଚ୍ଚ କରିପାରିବେ ବୋଲି ଜଣାପଡ଼ିଛି। ବୈଠକରେ ଜିଲାପାଳଙ୍କ ସମେତ ଜିଲା ପଞ୍ଚାୟତ ଅଧିକାରୀ, କଂଗ୍ରେସର ଜିଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ବିଜେଡିର ବ୍ରଜସୁନ୍ଦର ନାୟକ, ଭାଜପାର ଶିବପ୍ରସାଦ ପଟ୍ଟନାୟକ, ଆମ୍ ଆଦ୍‌ମୀ ପାର୍ଟି ଏବଂ ଅନ୍ୟ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At: Ichhapur, Post: Shree Baladevjew, Email: eerwsskendrapara@gmail.com
Identification No. RWS/98/2021-2022

Letter No. 878 Dated: 24.01.2022

**1st CORRIGENDUM**

No. O-1726: This corrigendum has been made for the NIT-98 invited online vide this office letter No. 196 / Dated 06.01.2022 as there need changes in date for selling, closing, clarification and opening which was on Dt.29.01.2022 (selling date), 18.02.2022 (closing date), 02.02.2022 (clarification date), 19.02.2022 (opening date) to be read as 07.02.2022, 03.03.2022, 11.02.2022 and 04.03.2022 respectively work due to unavoidable circumstances. All other terms and condition remain unaltered.

| No. | Name of Work | Estimated Cost (Apprx.) Rs. in Lakhs | Cost of Tender Paper | Period of Completion |
|---|---|---|---|---|
| 1 | Execution of 70 LPCD RPWS Scheme to **Rajnagar and Syamasunderpur** on clubbed up mode under **Derabish** Block in the District of Kendrapara **(JJM Funds)** | Rs.311.55 | Rs.10000 | 330 days |

Sd./- (Er. B.K. Nayak)
Executive Engineer, RWS&S Division, Kendrapara
OIPR-25004/11/0050/2122

# ଆଉ ଚୟନ ନାହିଁ, ଭୋଟ ଦେବେ ପାର୍ଶାଲି ପଞ୍ଚାୟତର ଡଙ୍ଗରିଆ

ରାୟଗଡ଼ା ଅଫିସ,୨୭।୧

ଦୀର୍ଘ ୧୫ ବର୍ଷ ପରେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ପାହାଡ଼ ଅଞ୍ଚଳରେ ଥିବା ପାର୍ଶାଲି ପଞ୍ଚାୟତରେ ମତଦାନ ହେବ। ଏଥିପୂର୍ବରୁ ଡଙ୍ଗରିଆ କନ୍ଧ ବୈଠକରେ ମିଳିତ ନିଷ୍ପତ୍ତି ଅନୟାୟୀ ଜଣେ ବ୍ୟକ୍ତିଙ୍କୁ ପଞ୍ଚାୟତ ପ୍ରତିନିଧିଙ୍କୁ ଚୟନ କରାଯାଉଥିଲା। ଏବେ ଡଙ୍ଗରିଆ କନ୍ଧମାନେ ଭୋଟ ଦେଇ ପ୍ରତିନିଧି ବାଛିବେ।

ନିୟମଗିରି ପାହାଡ଼ ସୁରକ୍ଷା ସମିତିର ଆବାହକ ଲଦ ସିକକାଙ୍କ ନେତୃତ୍ୱରେ ହୋଇଥିବା ବୈଠକରେ ନିୟମଗିରି ପାହାଡ଼ରେ ବସବାସ କରୁଥିବା ଡଙ୍ଗାମାଟି, ପଟାଙ୍ଗପଦର, ବଡ ବୁଣ୍ଡୁଣୀ, ଲାଖପଦର, ସାନବୁଣ୍ଡୁଣୀ, ନିଶିଖାଲ, ନିର୍ଗୁଣ୍ଡି, ଫାକେରି, ଦାମାଗାଡ଼ା, ମାୟାବାଲି ପ୍ରମୁଖ ଗାଁର ଡଙ୍ଗରିଆ ଅଧିବାସୀଙ୍କ ଉପସ୍ଥିତିରେ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ପାର୍ଶାଲି ପଞ୍ଚାୟତରେ ୩୨ ଗାଁରେ ୧୧ ୱାର୍ଡ ରହିଛି। ୫ଟି ୱାର୍ଡ ସଦସ୍ୟ ନିମନ୍ତେ ନାମାଙ୍କନ ପତ୍ର ଦାଖଲ ହୋଇଥିବାବେଳେ ୬ ୱାର୍ଡ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇନାହିଁ। ସେହିପରି ସରପଞ୍ଚ ପ୍ରାର୍ଥୀ ପାଇଁ ଲକ୍ଷ୍ମୀ କାଡ୍ରାକା ଓ ପୁଲେ କାଡ୍ରାକା ମନୋନୟନ ପତ୍ର ଦାଖଲ କରିଛନ୍ତି। ସମିତି ସଭ୍ୟ ପାଇଁ ୪ ପ୍ରାର୍ଥୀ ବିକାଶ ବାଗ, କର୍ଣ୍ଣ କୌଶଲ୍ୟା, ଶାନୁର୍ଯ୍ୟ ଟାକିରି ଓ ସିନ୍ଦୁର ଭତ୍ରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିୟମଗିରି ବାସିନ୍ଦା ଶିକ୍ଷିତ ହେଲେଣି। ତେଣୁ ଚଳିତ ନିର୍ବାଚନରେ ଭୋଟ ମାଧ୍ୟମରେ ନିଜ ଇଚ୍ଛାରେ ପ୍ରାର୍ଥୀ ଚୟନ କରିବେ ବୋଲି କହିଛନ୍ତି। ଡଙ୍ଗରିଆ କନ୍ଧଙ୍କ ଏଭଳି ନିଷ୍ପତ୍ତିକୁ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି।

**ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ.**
କାଜୁ ଭବନ, ଘାଟିକିଆ, ଭୁବନେଶ୍ୱର – ୭୫୧୦୨୯
ଫୋନ୍ ନଂ.: 0674-2387193, Website: www.oscdc.nic.in

**ଇ–ନିଲାମ ଇସ୍ତାହାର କ୍ର.ନଂ. ୩ୟ/ନିଲାମ/୨୧–୨୨**

ଏତଦ୍ଦ୍ୱାରା ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃର ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଓ ସୁନ୍ଦରଗଡ଼ ମଣ୍ଡଳ ଅଧୀନରେ ଥିବା ୧ମ ଓ ୨ୟ ନିଲାମ ପରେ ବଳକା ଥିବା କାଜୁ ଉଦ୍ୟାନଗୁଡ଼ିକର ତ୍ରୟବାର୍ଷିକ ଇ–ନିଲାମ ସୂତ୍ରେ ୨୦୨୧–୨୨ (୨୦୨୨, ୨୦୨୩, ୨୦୨୪ ଫସଲ ବର୍ଷ) କାଜୁ ମଞ୍ଜି ସଂଗ୍ରହ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/କାଜୁ ପ୍ରକ୍ରିୟାକରଣ ସଂସ୍ଥାମାନଙ୍କଠାରୁ ନିମ୍ନଲିଖିତ ସମୟ ସାରଣୀ ମଧ୍ୟରେ ଇ–ଟେଣ୍ଡର ଆହ୍ୱାନ କରାଯାଉଅଛି। ଇ–ନିଲାମ ପାଇଁ ଆବେଦନ କେବଳ www.neml.in ମାଧ୍ୟମରେ କରିବା ବାଞ୍ଛନୀୟ।

**ଇ–ନିଲାମର ସମୟ ସାରଣୀ**

| Sl. No. | Publication | DD/MM/YYYY | Hrs./Mins. |
|---|---|---|---|
| 1 | Publication Date | 27/01/2022 | 10.00 A.M. |
| 2 | Document Submission/Payment Start Date | 27/01/2022 | 10.00 A.M. |
| 3 | Document Submission/Payment End Date | 07/02/2022 | 06.00 P.M. |
| 4 | Document Submission (Hard Copy) Last Date | 08/02/2022 | 02.00 P.M. |
| 5 | Document/Payment Approval Start Date | 08/02/2022 | 10.00 A.M. |
| 6 | Document/Payment Approval End Date | 08/02/2022 | 06.00 P.M. |
| 7 | Auction Start Date | 09/02/2022 | 10.00 A.M. |
| 8 | Auction End Date | 09/02/2022 | 05.00 P.M. |

ଏଥିନିମନ୍ତେ ସବିଶେଷ ବିବରଣୀ ୱେବସାଇଟ୍ (www.neml.in)ରେ ଉପଲବ୍ଧ। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଚଳିତ ବର୍ଷ ଅତି ସତର୍କତାର ସହିତ ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଆଧାରରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଇ–ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁରୋଧ।

ଅଧିକ ବିବରଣୀ ନିମନ୍ତେ ନିଗମର ଟେଲିଫୋନ ନଂ. ୦୬୭୪–୨୩୮୭୧୯୪ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

ସ୍ୱା./– ପରିଚାଳନା ନିର୍ଦ୍ଦେଶକ

# 'ଜିଲାର ବିକାଶ ପାଇଁ ଯୁବଗୋଷ୍ଠୀଙ୍କୁ ମାର୍ଗଦର୍ଶନ କରାଯାଉ'

**ରାୟଗଡ଼ା ଜିଲାସ୍ତରୀୟ ଗଣତନ୍ତ୍ର ଦିବସ**

ରାୟଗଡ଼ା ଅଫିସ,୨୭।୧

ରାୟଗଡ଼ା ଜିଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ଜିଲା ସଦରସ୍ଥିତ ଜିସିଡି ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପୋଲିସ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଗୁଣପୁର ଉପଖଣ୍ଡର ଲାଞ୍ଜିଆ ସଉରାଙ୍କ ସମେତ ଜନଜାତି ବର୍ଗର ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇଥିଲେ।

ଭୂଦାନ ଆନ୍ଦୋଳନ, ବେଠିପ୍ରଥା ଆଦି ବିରୋଧରେ ସ୍ୱର ଉତ୍ତୋଳନ କରି ସ୍ୱାଧୀନତା ଆଣିବାରେ ଏମାନଙ୍କ ବଳିଦାନ ଇତିହାସରେ ଲିପିବଦ୍ଧ ହୋଇଛି ବୋଲି ସେ କହିଥିଲେ। ଏଥିସହ ରାୟଗଡ଼ା ଜିଲାର ଉନ୍ନତି ଦିଗରେ ଯୁବବର୍ଗଙ୍କୁ ପ୍ରେରଣା ଯୋଗାଇବା ଓ ମାର୍ଗଦର୍ଶନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ରାୟଗଡ଼ା ଜିଲାର ୭ ସ୍ୱାସ୍ଥ୍ୟକର୍ମୀ, ଆଇସିଡିଏସ୍‌ର ୭ ଅଙ୍ଗନୱାଡି କର୍ମୀ ଏବଂ ରାୟଗଡ଼ା ପୌର ପରିଷଦର ଆଗଧାଡ଼ିରେ କାମ କରୁଥିବା ୫ ଦକ୍ଷ କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧା ଭାବେ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୂର୍ବରୁ ହୋଇଥିବା ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ସେମାନଙ୍କ ପୁରସ୍କାର ସ୍କୁଲକୁ ପଠାଇ ଦିଆଯାଇଛି। ଗଣତନ୍ତ୍ର ଦିବସ ଉପଲକ୍ଷେ ସକାଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ୍ ପ୍ରଚାର କରାଯାଇଥିଲା। ସେହିପରି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ମିଶ୍ର, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଓ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜିଲାପାଳ ଓ ଏସ୍‌ପି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ୍ ନଂ. ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍- ୮(୧)]

**ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡ଼ିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ସେମାନଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ୧୩ (୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|---|
| ଋଣଗ୍ରହୀତା : ମେସର୍ସ ବୈଭବ ଲକ୍ଷ୍ମୀ ରାଇସ୍ ଆଣ୍ଡ ଫ୍ଲୋର ମିଲ୍ସ, ସ୍ୱତ୍ୱାଧିକାରୀ : ଶ୍ରୀ ଚୌଧୁରୀ ଶୁଭ ନାରାୟଣ ଦାଶ, ଗ୍ୟାରେଣ୍ଟିଦାତା : ଶ୍ରୀମତୀ ଚୌଧୁରୀ ନିରୁପମା ଦାଶ, ଉଭୟଙ୍କ ଠିକଣା :- ପ୍ଲଟ୍ ନଂ. ୧୨୬୫ ଓ ୧୨୬୬, ଭାତପାଟଣା, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା – ୭୫୨୧୧୫। | ଶ୍ରୀ ଚୌଧୁରୀ ଶୁଭ ନାରାୟଣ ଦାଶ | (୧) ଶ୍ରୀ ଚୌଧୁରୀ ଶୁଭ ନାରାୟଣ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୭୦/୦୨, ପ୍ଲଟ୍ ନଂ.: ୧୨୬୫, ତହସିଲ୍ : ବାଲିଅନ୍ତା, ମୌଜା : ଜିଡିକାରସୁଆଁଲୋ, ଜିଲ୍ଲା : ଖୋର୍ଦ୍ଧା, କ୍ଷେତ୍ର : ଏକର ୦.୦୫୦ ଡିସିମିଲ, କିସମ : ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର : ପ୍ଲଟ୍ ନଂ : ୧୨୫୯ ଓ ୧୨୬୬, ଦକ୍ଷିଣ : ରାସ୍ତା, ପୂର୍ବ : ପ୍ଲଟ୍ ନଂ. ୧୨୬୬, ପଶ୍ଚିମ : ପ୍ଲଟ୍ ନଂ ୧୨୫୯। | ୨୪.୦୯.୨୦୨୧ | ୨୫.୦୧.୨୦୨୨ | ଟ.୪୦,୧୯,୨୧୮/- + ୨୪.୦୯.୨୦୨୧ ଠାରୁ ତତ୍ ପରବର୍ତ୍ତୀ ସୁଧ, ସେବାବଦ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି। |
| (୨) ଶ୍ରୀ ଚୌଧୁରୀ ଶୁଭ ନାରାୟଣ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୭୦/୦୩, ପ୍ଲଟ୍ ନଂ.: ୧୨୬୬, ତହସିଲ୍ : ବାଲିଅନ୍ତା, ମୌଜା : ଜିଡିକାରସୁଆଁଲୋ, ଜିଲ୍ଲା : ଖୋର୍ଦ୍ଧା, କ୍ଷେତ୍ର : ଏକର ୦.୩୨୦ ଡିସିମିଲ, କିସମ : ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର : ପ୍ଲଟ୍ ନଂ. ୧୨୬୪ ଏବଂ ୧୨୮୪, ଦକ୍ଷିଣ : ରାସ୍ତା ଏବଂ ପ୍ଲଟ୍ ନଂ ୧୨୬୫, ପୂର୍ବ : ପ୍ଲଟ୍ ନଂ. ୧୨୬୭, ପଶ୍ଚିମ : ପ୍ଲଟ୍ ନଂ ୧୨୬୬/୧୫୫୩ ଏବଂ ୧୨୫୯। | | | | | |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୭.୦୧.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

# ରବି ବିଷ୍ଣୋଇ ନୂଆ ମୁହଁ

ନୂଆଦିଲ୍ଲୀ,୨୭।୧

ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ଦିନିକିଆ ଓ ଟି୨୦ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଯୁବ ଲେଗ୍ ସ୍ପିନର ରବି ବିଷ୍ଣୋଇ ନୂଆ ମୁହଁ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡ଼ିଥିବା ରୋହିତ ଶର୍ମା ଫିଟ୍ ଘୋଷିତ ହୋଇଛନ୍ତି ଓ ସେ ଦଳର ନେତୃତ୍ୱ ନେବେ। ରିଷ୍ଟ ସ୍ପିନର କୁଲଦୀପ ଯାଦବ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫେବୃୟାରୀ ୬ରୁ ଅହମଦାବାଦରେ ଦିନିକିଆ ସିରିଜ ଆରମ୍ଭ ହେବ। ସିନିୟର ଖେଳାଳିଙ୍କ

## ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ, ଟି୨୦ ଦଳ

ମଧ୍ୟରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସୀମିତ ଓଭର ଦଳରୁ ବାଦ୍ ପଡ଼ିଛନ୍ତି। ଇଞ୍ଜୁରି କାରଣରୁ ସେ ୬ ସପ୍ତାହ ବିଶ୍ରାମ ନେବେ ବୋଲି କୁହାଯାଇଛି। କରୋନା ସଂକ୍ରମଣ ପାଇଁ ଦକ୍ଷିଣ ଆଫ୍ରିକା ସିରିଜରୁ ବାଦ୍ ପଡ଼ିଥିବା ୱାଶିଂଟନ ସୁନ୍ଦର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ଓ ମହମ୍ମଦ ସାମିଙ୍କୁ ଏହି ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା କହିଛନ୍ତି।

ଦିନିକିଆ ଓ ଟି୨୦ ସିରିଜରେ ୩ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଅହମଦାବାଦରେ ଦିନିକିଆ ଓ କୋଲକାତାରେ ଟି୨୦ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। କୋଭିଡ୍-୧୯ ପ୍ରୋଟୋକଲ ପାଇଁ ବିସିସିଆଇ ୨ଟି ଭେନ୍ୟୁରେ ମ୍ୟାଚ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି।

**ଦିନିକିଆ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ (ଉପ୍-ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶିଖର ଧାୱନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ଦୀପକ ହୁଡା, ରିଷଭ ପନ୍ତ (ଉଇକେଟ କିପର), ଦୀପକ ଚହର, ଶାର୍ଦ୍ଦୁଳ ଠାକୁର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଆଭେସ ଖାଁ।

**ଟି୨୦ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ (ଉପ-ଅଧିନାୟକ), ଇଶାନ କିଷନ, ବିରାଟ କୋହଲି, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ଭେଙ୍କଟେଶ ଆୟାର, ଦୀପକ ଚହର, ଶାର୍ଦ୍ଦୁଳ ଠାକୁର, ରବି ବିଷ୍ଣୋଇ, ଅକ୍ଷର ପଟେଲ, ଯୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ, ଭୁବନେଶ୍ୱର କୁମାର, ଆଭେସ ଖାଁ, ହର୍ଶଲ ପଟେଲ।



ରବି ବିଷ୍ଣୋଇ

## ବାର୍ଟି-କଲିନ୍ସ ଫାଇନାଲ

**ମେଲବୋର୍ନ, ୨୭।୧:** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନର ୧୧ତମ ଦିବସରେ ମହିଳା ସିଙ୍ଗଲ୍ସ ଇଭେଣ୍ଟ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଶନିବାର ଟପ୍ ସିଡ୍ ଅଷ୍ଟ୍ରେଲିଆର ଆଶଲେ ବାର୍ଟି ଓ ୨୭ତମ ସିଡ୍ ଖେଳାଳି ଆମେରିକାର ଡାନିଏଲ କଲିନ୍ସ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ବାର୍ଟି ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଅଣସିଡ୍ ଆମେରିକାର ମାଡିନସନ କେଜଙ୍କୁ ୬-୧, ୬-୩ ସେଟ୍‌ରେ ପରାସ୍ତ ପରି ଫାଇନାଲରେ ପ୍ରବେଶ କରିଛନ୍ତି। ୧୯୮୦ ପରେ ପ୍ରଥମ ଅଷ୍ଟ୍ରେଲିଆ ମହିଳା ଭାବେ ସେ ଏହି ଟୁର୍ନାମେଣ୍ଟର ଫାଇନାଲକୁ ଉଠିଛନ୍ତି। ଏହାପୂର୍ବରୁ ୱେଣ୍ଡି ଟର୍ନବୁଲ ଫାଇନାଲରେ ପ୍ରବେଶ କରିଥିଲେ। ବାର୍ଟି କ୍ରମାଗତ ୧୭ଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲେ। କେଜ ପୂର୍ବରୁ ୨୦୧୭ ୟୁଏସ୍ ଓପନ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ ହୋଇଥିଲେ। ବାର୍ଟି ପୂର୍ବରୁ ଗ୍ରାସ୍‌କୋର୍ଟରେ ୱିମ୍ବେଲଡନ ଓ କ୍ଲେରେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ। ଏଥର ସଫଳ ହେଲେ ହାର୍ଡ କୋର୍ଟରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବେ। ନିଜ ପ୍ରଦର୍ଶନରେ ସେ ଖୁସି ପ୍ରକାଶ କରିଛନ୍ତି। ସେହିପରି ଗୁରୁବାର ଖେଳାଯାଇଥିବା ଅନ୍ୟ ଏକ ସେମିଫାଇନାଲରେ ୨୭ତମ ସିଡ୍ କଲିନ୍ସ ୬-୪, ୬-୧ ସେଟ୍‌ରେ ପୋଲାଣ୍ଡ ଇଗା ସ୍ୱିଟେକଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ କଲିନ୍ସଙ୍କୁ ମାତ୍ର ୭୮ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ଏଥିସହ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି।

# ଭାରତୀୟ ଦଳରେ ଅମିତ, ଶୀଳାନନ୍ଦ

ନୂଆଦିଲ୍ଲୀ, ୨୭।୧

କୋଭିଡ୍-୧୯ ପ୍ରଭାବ ଯୋଗୁ ଦୀର୍ଘଦିନ ପରେ ୨୦୨୧-୨୨ ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୪ରୁ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାର ଦକ୍ଷିଣ ଆଫ୍ରିକା ପର୍ଯ୍ୟାୟରେ ଭାରତ ୪ଟି ମ୍ୟାଚ ଖେଳିବ। ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚ ଫେବୃୟାରୀ ୮ରେ ଫ୍ରାନ୍ସ ଓ ୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ସେହିପରି ୧୨ରେ ଫ୍ରାନ୍ସ ଏବଂ ୧୩ ତାରିଖରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

## ହକି ପ୍ରୋ ଲିଗ୍

ସମସ୍ତ ମ୍ୟାଚ ପୋଷ୍ଟଫେଷ୍ଟ୍ରମରେ ଭାରତୀୟ ସମୟ ରାତି ୯ଟା ୩୦ରେ ଆରମ୍ଭ ହେବ। ଏହି ୪ ମ୍ୟାଚ ପାଇଁ ଗୁରୁବାର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ଓଡ଼ିଶାର ଅମିତ ରୋହିଦାସ ଏବଂ ଶୀଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ମନପ୍ରୀତ ସିଂ ଦଳର ନେତୃତ୍ୱ ନେବେ ଏବଂ ହରମନପ୍ରୀତ ସିଂ ଉପଅଧିନାୟକ ଦାୟିତ୍ୱରେ ରହିବେ। ଦଳରେ ନୂଆ ମୁହଁଭାବେ ଯୁଗରାଜ ସିଂ ଓ ଅଭିଷେକ ସ୍ଥାନ ପାଇଛନ୍ତି। ଅମୃତସର ଅଞ୍ଚାରିର ଯୁଗରାଜ ଜାତୀୟ ସିନିୟର କ୍ୟାମ୍ପରେ ପ୍ରଥମଥର ପାଇଁ ୨୦୨୨ ଜାନୁୟାରୀରେ ସ୍ଥାନ ପାଇଥିଲେ। ନିକଟରେ ଶେଷ ହୋଇଥିବା ଇଣ୍ଟର ଡିପାର୍ଟମେଣ୍ଟାଲ ଜାତୀୟ ହକି ଚାମ୍ପିୟନଶିପ୍‌ରେ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ସେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ପୂର୍ବରୁ ଜୁନିୟର ଦଳରେ ସାମିଲ ହୋଇ ୨୦୧୭ ଓ ୨୦୧୮ରେ ସୁଲତାନ ଜୋହର କପ୍ ଖେଳି ସାରିଥିବା ଯୁଗରାଜ ଏବେ ସିନିୟର ଦଳରୁ ଡେବ୍ୟୁ କରିବାକୁ ଯାଉଛନ୍ତି। ସେହିପରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଖେଳି ପ୍ରଭାବୀ ପ୍ରଦର୍ଶନର ପୁରସ୍କାର ପାଇଛନ୍ତି ହରିୟାଣା ସୋନେପତର ଅଭିଷେକ। ପ୍ରଥମଥର ପାଇଁ ସେ ମଧ୍ୟ ସିନିୟର କ୍ୟାମ୍ପରେ ସାମିଲ ହୋଇଥିଲେ। ଭାରତୀୟ ଦଳ ଚୟନ ସମ୍ପର୍କରେ ମତ ଦେବାକୁ ଯାଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି ଯେ, ''ଆଗକୁ ବହୁ ବ୍ୟସ୍ତ କାର୍ଯ୍ୟସୂଚୀ ରହିଛି। ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ଫେରି ପିଲାମାନେ ହକି ପ୍ରୋ ଲିଗ୍‌ରେ ଖେଳିବାକୁ ବ୍ୟଗ୍ର ଅଛନ୍ତି। ବେଙ୍ଗାଲୁରୁରେ ୩ ସପ୍ତାହ କ୍ୟାମ୍ପ ପରେ ଖେଳାଳି ଚୟନ କରାଯାଇଛି। ଏଥିରେ ଟୋକିଓ ଅଲିମ୍ପିକ୍ସ ଖେଳିଥିବା ୧୪ ଖେଳାଳି ସାମିଲ ଥିବାବେଳେ ୨ ଜଣ ନୂଆ ମୁହଁ ରହିଛନ୍ତି।'' ଯୁଗରାଜ ଜଣେ ଭର୍ସାଟାଇଲ ଡିଫେଣ୍ଡର ଓ ମିଡ୍‌ଫିଲ୍ଡର। ତାଙ୍କୁ ଡ୍ରାଗ୍‌ଫ୍ଲିକ୍ କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯିବ। ଅଭିଷେକ ଜଣେ ଦକ୍ଷ ଏବଂ ଆକ୍ରମଣାତ୍ମକ ଷ୍ଟ୍ରାଇକର। ସେ ଗୋଲ ସ୍କୋର କରିବାକୁ ଭଲ ପାଆନ୍ତି। ତେଣୁ ଏ ଦୁଇ ପ୍ରତିଭାଙ୍କୁ ସିନିୟର ଦଳରେ ସୁଯୋଗ ଦିଆଯାଇଛି ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ ଫେବୃୟାରୀ ୪ରେ ବେଙ୍ଗାଲୁରୁରୁ ଦକ୍ଷିଣ ଆଫ୍ରିକା ଅଭିମୁଖେ ଯାତ୍ରା କରିବ।

**ଭାରତୀୟ ଦଳ: ଗୋଲକିପର:** ପି.ଆର. ଶ୍ରୀଜେଶ, କ୍ରିଶନ ବାହାଦୂର ପାଠକ। **ଡିଫେଣ୍ଡର:** ହରମନପ୍ରୀତ ସିଂ (ଉପଅଧିନାୟକ), ଅମିତ ରୋହିଦାସ, ସୁରେନ୍ଦର କୁମାର, ବରୁଣ କୁମାର, ଜରମନପ୍ରୀତ ସିଂ, ଯୁଗରାଜ ସିଂ। **ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ (ଅଧିନାୟକ), ନିଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ଜସକରନ ସିଂ, ସମସେର ସିଂ, ବିବେକ ସାଗର ପ୍ରସାଦ। **ଫରୱାର୍ଡ:** ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଆକାଶଦୀପ ସିଂ, ଶୀଳାନନ୍ଦ ଲାକ୍ରା, ଦିଲପ୍ରୀତ ସିଂ, ଅଭିଷେକ। **ଷ୍ଟାଣ୍ଡବାଇ:** ସୂରଜ କରକେରା, ମନଦୀପ ମୋର, ରାଜ କୁମାର ପାଲ, ସୁମିତ, ଗୁରସାହିବଜିତ ସିଂ।



ଅମିତ ରୋହିଦାସ



ଶୀଳାନନ୍ଦ ଲାକ୍ରା



ଚାମ୍ପିୟନ ଇଲେଭେନ ଷ୍ଟାର୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି: ଇଲେଭେନ ଷ୍ଟାର୍ ଚାମ୍ପିୟନ

**ଭଣ୍ଡାରିପୋଖରୀ, ୨୭।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡ଼ିଆରେ ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ୟୁନିକ ଇଲେଭେନ ଭଦ୍ରକକୁ ହରାଇ ଇଲେଭେନ ଷ୍ଟାର ଯାଜପୁର ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଲେଭେନ ଷ୍ଟାର ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ୟୁନିକ ଇଲେଭେନ ୨୦ ଓଭରରେ ୯ ଉଇକେଟ ହରାଇ ୧୫୬ ରନ୍ କରି ମ୍ୟାଚ୍ ହାରିଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଷ୍ଣୁ ବୋଇତାଇ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ନାୟକ, ସଭାପତି ବିଶ୍ୱନାଥ ମାଝି, ଡ. ଆଶୁତୋଷ ବଳ, ସାମାଜିକ କର୍ମୀ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ରୀତାଞ୍ଜଳି ସାମଲ ଓ ସମିତି ସଦସ୍ୟ ମୋହନ ରାୟ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ସୌମ୍ୟ ରଞ୍ଜନ ବିଶ୍ୱାଳ ଓ ମ୍ୟାନ ଅଫ୍ ଦି ସିରିଜ୍ ଦିବ୍ୟଶକ୍ତି ଚକ୍ରବର୍ତ୍ତୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜ୍ୟ ଖବର

# ଓଡ଼ିଶାର ଟେକ

**ଚଳିତ ବର୍ଷ ମର୍ଯ୍ୟାଦାଜନକ ପଦ୍ମ ସମ୍ମାନ ପାଇବା ପାଇଁ ଓଡ଼ିଶାର ୭ ଜଣ ବିଶିଷ୍ଟ ବ୍ୟକ୍ତି ମନୋନୀତ ହୋଇଛନ୍ତି। ଜ୍ଞାନପୀଠ ସାରସ୍ୱତ ସାଧିକା ଡ. ପ୍ରତିଭା ରାୟଙ୍କୁ ପଦ୍ମଭୂଷଣ, କଳା କ୍ଷେତ୍ର ଲାଗି ଡ. ଶ୍ୟାମାମଣି ଦେବୀ, ଶିକ୍ଷା ଓ ସାହିତ୍ୟରେ ନରସିଂହ ପ୍ରସାଦ ଗୁରୁ, ସମାଜସେବାରେ ବାବା ବଳିଆ, ବିଜ୍ଞାନ, ବୈଷୟିକ କ୍ଷେତ୍ରରେ ଡ. ଆଦିତ୍ୟ ପ୍ରସାଦ ଦାଶ, କ୍ରୀଡ଼ାରେ ପ୍ରମୋଦ ଭଗତ ଏବଂ ପ୍ରଶାସନିକ କ୍ଷେତ୍ରରେ ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ। ନିଜନିଜର ସାଧନା ବଳରେ ରାଜ୍ୟର ଟେକ ରଖିଥିବା ପ୍ରତିଭାମାନଙ୍କ ସମ୍ବନ୍ଧରେ ଏହି ପ୍ରତିବେଦନ।**

## ପୁରସ୍କାର ଦେଇ ସମାଜ ଆହୁରି ଦାୟିତ୍ୱବାନ୍ କରୁଛି



ପଦ୍ମଭୂଷଣ ପୁରସ୍କାର ପାଇବି ବୋଲି ଜାଣିବା ପରେ ବହୁତ ଖୁସି ଲାଗୁଛି। କେନ୍ଦ୍ର ସରକାର ପୁରସ୍କାର ଦେବାକୁ ମନୋନୀତ କରିଛନ୍ତି ତାହା ବଡ଼ କଥା। ବିଳମ୍ବରେ କି ଯଥା ସମୟରେ ଦେଇଛନ୍ତି ତାହା ଭିନ୍ନ। ଏତିକି କହିବି, ଫଳ ଗଛରେ ଯେତେଦିନ ରହିବ, ତାହା ସେତେ ମିଠା ବା ରସବର୍ଦ୍ଧକ ହେବ। ତେବେ ଜଣେ ଲେଖକ କେବେ ପୁରସ୍କାର ଆଶାରେ ଲେଖେନାହିଁ। ପୁରସ୍କାର ମିଳିଲେ ଲେଖିବ, ନ ମିଳିଲେ ବି ଲେଖିବ। ଯେହେତୁ ପୁରସ୍କାର ମିଳିବା ଏକ ପ୍ରକ୍ରିୟା, ତେଣୁ ତାହା ଜଣକୁ ମିଳିବ। ଫଳରେ ସମସ୍ତଙ୍କ ଭିତରେ ଏଥିପାଇଁ ଏକ ପ୍ରତିଯୋଗୀ ମନୋଭାବ ସୃଷ୍ଟି ହୁଏ। ପୁରସ୍କାର ପ୍ରଦାନ କରି ସମାଜ ଆମକୁ ଅଧିକ ଦାୟିତ୍ୱବାନ୍ ଏବଂ ସତର୍କ କରାଇଦିଏ। ଜଣେ ଲେଖକ ଭାବେ ଆଗକୁ କିପରି ଅଧିକରୁ ଅଧିକ ଲେଖିବି ଓ ଲେଖାଗୁଡ଼ିକ ପାଠକଙ୍କ ମନକୁ ଛୁଇଁବ ତାହାହିଁ ମୋର ଯୋଜନା ରହିଛି। ନିଜର ପ୍ରତ୍ୟେକ ଲେଖା ମାଧ୍ୟମରେ ଜଣେ ଲେଖକ ନିଜ ଭିତରେ ଗଢ଼ିହୁଏ। ମୁଁ ମଧ୍ୟ ଆହୁରି ଗଢ଼ିହେବାକୁ ଚେଷ୍ଟା କରିବି। କିଏ ପୁରସ୍କାର ଦେଲା ବା ନ ଦେଲା, ସେଥିପ୍ରତି ଧ୍ୟାନ ନ ଦେଇ କେବଳ ଲେଖିଚାଲନ୍ତୁ। ନିଜ ନିଜ ସାଧନାରେ ବ୍ରତୀ ରୁହନ୍ତୁ। ସଫଳତା ନିଶ୍ଚୟ ମିଳିବ।

-ଡ. ପ୍ରତିଭା ରାୟ

## ସଙ୍ଗୀତ ଜୀବନର ଶ୍ରେଷ୍ଠ ସମୟ



ଶାସ୍ତ୍ରୀୟ ସଙ୍ଗୀତରୁ ଜୀବନ ଆରମ୍ଭ କରିଥିବାବେଳେ ପଦ୍ମଶ୍ରୀ ପାଇବି ଜାଣିବା ପରେ ଆନନ୍ଦ ଲାଗୁଛି। ଏ ଖବର ଜାଣିବା ପରେ ସାରା ରାଜ୍ୟରୁ ପ୍ରଶଂସକଙ୍କ ପାଖରୁ ଅକୁଣ୍ଠ ଭଲପାଇବା, ଶ୍ରଦ୍ଧା, ସ୍ନେହ ମିଳିଛି। ଆଉ ଏହାହିଁ ମୋ ସଙ୍ଗୀତ ଜୀବନର ସବୁଠାରୁ ଶ୍ରେଷ୍ଠ ସମୟ। ପିଲାଦିନରୁ କୌଣସି ବିଧିବଦ୍ଧ ସଙ୍ଗୀତ ଶିକ୍ଷା ଗ୍ରହଣ କରି ନ ଥିଲି। ଘରେ କୀର୍ତ୍ତନ, ଗାଁରେ ପାଲା, ଦାସକାଠିଆ ଶୁଣି ଗାଇବା ଆରମ୍ଭ କରିଥିଲି। ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଅତି କମ୍‌ରେ ଘଣ୍ଟାଏ ଅଭ୍ୟାସ କରିଆସୁଛି। ନିଷ୍ଠାର ସହ ନିୟମିତ ଅଭ୍ୟାସ ଦ୍ୱାରା ହିଁ ଗଳା ଭଲରହିବ। ସବୁ ସଙ୍ଗୀତର ମୂଳ ହେଉଛି ଶାସ୍ତ୍ରୀୟ ସଙ୍ଗୀତ। ଯୁବ ପିଢ଼ି ଆଧୁନିକ ସଙ୍ଗୀତ ପ୍ରତି ଆଗ୍ରହୀ ହେଲେ ମଧ୍ୟ ସବୁ ସଙ୍ଗୀତ ଶାସ୍ତ୍ରୀୟ ସଙ୍ଗୀତରୁ ଜନ୍ମ। ସେଥିଲାଗି ପ୍ରତ୍ୟେକ ଦିନ ଅଭ୍ୟାସ ଦ୍ୱାରା ହିଁ ଦୀର୍ଘ ସମୟ ପର୍ଯ୍ୟନ୍ତ ସଙ୍ଗୀତ ତାଙ୍କ ପାଖରେ ତିଷ୍ଠି ପାରିଛି ବୋଲି ସେ କହିଛନ୍ତି।

-ଡ. ଶ୍ୟାମାମଣି ଦେବୀ


## ଆଗକୁ ବଢ଼ିବାକୁ ଉତ୍ସାହିତ କରିବ



ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅରିଲୋ ଶିଶୁ ଅନନ୍ତ ଆଶ୍ରମର ମୁଖ୍ୟ ବାବା ବଳିଆ। ସମାଜସେବା କ୍ଷେତ୍ରରେ ପଦ୍ମଶ୍ରୀ ଲାଗି ତାଙ୍କ ନାମ ଘୋଷଣା କରାଯାଇଛି। ଏହା ଜାଣିବା ପରେ ସେ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଭଗବାନ୍‌ଙ୍କ ପାଦପଦ୍ମକୁ ଆଶ୍ରା କରିଛି। ଜୀବନରେ ପରିଶ୍ରମକୁ ସମ୍ମାନ ଦେଇଛୁ। ପରିବେଶ, ଗଣତନ୍ତ୍ରର ସୁରକ୍ଷା, ଗଛ ଲଗାଇବା ପାଇଁ ଆହ୍ୱାନ ଦେଇଛୁ। ପତିହରା ମା'ମାନଙ୍କୁ ସମ୍ମାନ, ବୃଦ୍ଧାବସ୍ଥାରେ ମା'ବାପାଙ୍କ ସେବା ଲାଗି ସଚେତନତା ସହ ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିଛୁ। ଏ ପୁରସ୍କାର ଆଗକୁ ବଢ଼ିବା ପାଇଁ ଅଧିକ ଉତ୍ସାହିତ କରିବ। ଭଲ ମଣିଷ ହେବାକୁ ଚାହୁଁଥିଲେ ଭଗବାନଙ୍କୁ ଭକ୍ତି କରିବା ସହ ସମାଜ, ପରିବେଶ ପାଇଁ କିଛି କାର୍ଯ୍ୟ କରିବା ଆବଶ୍ୟକ।

-ବାବା ବଳିଆ

## କଠିନ ପରିଶ୍ରମକୁ ସମ୍ମାନ



ଜୀବନରେ କରିଥିବା କଠିନ ପରିଶ୍ରମର ସ୍ୱୀକୃତି ମିଳିଥିବାରୁ ବହୁତ ଖୁସି ଲାଗୁଛି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅଶେଷ ଧନ୍ୟବାଦ। ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ମୋର ଅବଦାନକୁ ସରକାର ଚିହ୍ନଟ କରିଛନ୍ତି। ପ୍ରାୟ ୪ ଦଶକ ଧରି ପ୍ରାଣୀ ବିଜ୍ଞାନରେ ଉଚ୍ଚତର ଗବେଷଣା ପାଇଁ ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ଦାଶଙ୍କୁ ପଦ୍ମଶ୍ରୀ ପୁରସ୍କାର ଲାଗି ମନୋନୀତ କରାଯାଇଛି। ମଶା ଓ ବିଭିନ୍ନ କୀଟଙ୍କ ଜରିଆରେ ବ୍ୟାପୁଥିବା ମ୍ୟାଲେରିଆ, ଡେଙ୍ଗୁ, ଚିକୁନ୍‌ଗୁନିଆ ଭଳି ରୋଗକୁ କିଭଳି ରୋକାଯାଇପାରିବ ସେ ନେଇ ଭୁବନେଶ୍ୱର ଆଇଏଲ୍‌ଏସ୍ ଓ ଆଇସିଏମ୍‌ଆର୍ ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଉଚ୍ଚ ପଦବୀରେ ରହି କାର୍ଯ୍ୟ କରିଥିଲେ। ତାମିଲନାଡୁ କେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଅବସର ନେବା ପରେ ଏବେ ଓଡ଼ିଶାର ପ୍ରଥମ ଜନସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଐଶାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍‌ଥ ୟୁନିଭରସିଟି, ପାହାଳର କୁଳପତି ଅଛନ୍ତି।

-ଡ. ଆଦିତ୍ୟ ପ୍ରସାଦ ଦାଶ

## କୋଶଲୀ ଭାଷା, ସାହିତ୍ୟକୁ ସ୍ୱୀକୃତି



ବଲାଙ୍ଗୀରର ବିଶିଷ୍ଟ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁ ୧୫ ଅକ୍ଟୋବର ୧୯୩୨ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୯୯୨ ମସିହାରେ ସ୍କୁଲ ଏସ୍‌ଆଇ ଭାବେ ଅବସର ଗ୍ରହଣ କରିଥିବା ନରସିଂହ ଦୀର୍ଘ ୭ ଦଶନ୍ଧି ଧରି ଓଡ଼ିଆ ଓ କୋଶଲୀ ଭାଷା, ଲୋକସଂସ୍କୃତି ଉପରେ ଗବେଷଣା କରି ୪୧ଟି ପୁସ୍ତକ ରଚନା କରିଛନ୍ତି। ଗବେଷଣା ମାଧ୍ୟମରେ ବହୁ ଲୁପ୍ତପ୍ରାୟ ଢଗଢମାଳି, ଟପାଦାଏକା, ବଖାନୀ ସଂରକ୍ଷଣ କରିଛନ୍ତି। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ସମ୍ପଦ ଓ ଲୋକସାହିତ୍ୟ ସମ୍ପଦ, କୋଶଲୀ-ଓଡ଼ିଆ ଅଭିଧାନ, ଆମର ବର୍ଣ୍ଣମାଳା ତାଙ୍କର ଶ୍ରେଷ୍ଠ କୃତୀଭାବେ ବିବେଚିତ। ପଦ୍ମଶ୍ରୀ ସମ୍ମାନ ପାଇଁ ତାଙ୍କ ନାମ ମନୋନୀତ ହୋଇଥିବା ଜାଣିବା ପରେ ସେ ଖୁସିବ୍ୟକ୍ତ କରିଛନ୍ତି। କୋଶଲୀ ଭାଷାରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ କାଳ ସେ ଗବେଷଣା, ରଚନା କରିଥିବାରୁ ଏହା ତାଙ୍କ ଭାଷା ଓ ସାହିତ୍ୟକୁ ସମ୍ମାନ ଏବଂ ସ୍ୱୀକୃତି ବୋଲି କହିଛନ୍ତି। ମୃତ୍ୟୁ ପୂର୍ବରୁ କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଭାଷାର ମାନ୍ୟତା ଦିଆଯିବା ହିଁ ତାଙ୍କର ଏକମାତ୍ର ଅଭିଳାଷ ବୋଲି ସେ କହିଛନ୍ତି।

-ନରସିଂହ ପ୍ରସାଦ ଗୁରୁ

## ରାଜ୍ୟବାସୀଙ୍କ ଭଲ ପାଇବାର ପ୍ରତିଫଳନ



ଜଣେ ପାରା ଆଥ୍‌ଲେଟକୁ ଜୀବନରେ ବହୁ ସଂଘର୍ଷ କରିବାକୁ ପଡ଼ିଥାଏ। ପ୍ରଦର୍ଶନ ମାଧ୍ୟମରେ ନିଜର ଦକ୍ଷତା ପ୍ରଦର୍ଶିତ କରିବାକୁ ହୁଏ। ଏଥିପାଇଁ ଜନସାଧାରଣଙ୍କର ସମର୍ଥନ ଆବଶ୍ୟକ ହୋଇଥାଏ। ମୋ କ୍ଷେତ୍ରରେ ତାହାହିଁ ଘଟିଛି। ରାଜ୍ୟବାସୀଙ୍କ ଭଲପାଇବା ଏବଂ ଅକୁଣ୍ଠ ସମର୍ଥନ ଯୋଗୁ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇପାରିଛି। ମୁଁ ବହୁତ ଖୁସି। ଆଗାମୀ ଦିନରେ ଏହା ମୋତେ ଆହୁରି ଅଧିକ ପରିଶ୍ରମ କରିବାକୁ ଉତ୍ସାହିତ କରିବ ବୋଲି ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ କହିଛନ୍ତି। ୨୦୧୯ରେ ଅର୍ଜୁନ, ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର, ୨୦୨୧ରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ଏବଂ ୨୦୨୨ରେ ପଦ୍ମଶ୍ରୀ ସମ୍ମାନ ମୋ ଜୀବନର ଗୋଟିଏ ଲେଖାଏ ସ୍ମରଣୀୟ ସ୍ମୃତି। ଏହା ବ୍ୟତୀତ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ମୋ ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କ ସହ ସାକ୍ଷାତ୍ ମଧ୍ୟ ସବୁଦିନ ମନେ ରହିବ। ମୋର ସ୍ୱପ୍ନ ସାର୍ଥକ ହୋଇଛି। ଚଳିତ ବର୍ଷ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତି ଦେଶ ତଥା ରାଜ୍ୟକୁ ଅଧିକ ଗର୍ବିତ କରିବାକୁ ଚାହେଁ ବୋଲି ସମ୍ପ୍ରତି ସ୍ପେନ୍‌ରେ ଟ୍ରେନିଂ ଜାରି ରଖିଥିବା ପ୍ରମୋଦ କହିଛନ୍ତି।

-ପ୍ରମୋଦ ଭଗତ

**ଗୁ**ରୁ ପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ପଦ୍ମଶ୍ରୀ ସମ୍ମାନ ମିଳିବ। ଗୁଜରାଟ କ୍ୟାଡରର ବରିଷ୍ଠ ଆଇଏଏସ୍ ଅଫିସର ତଥା ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁଙ୍କ କନିଷ୍ଠ ପୁତ୍ର ଗୁରୁ ପ୍ରସାଦ। ୨୦୨୧ରେ ମାତ୍ର ୫୯ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ଗୁଜରାଟରେ ନିଜର ପ୍ରଶାସନିକ ଦକ୍ଷତା ପ୍ରଦର୍ଶନ କରିଥିବା ଗୁରୁପ୍ରସାଦ ଅହମ୍ମଦାବାଦରେ 'ମଡେଲ ରୋଡ୍'ର ଶୁଭାରମ୍ଭ କରିଥିଲେ। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସ୍ୱର୍ଗତ ମହାପାତ୍ର ଦିଲ୍ଲୀରେ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ)ର ଅଧ୍ୟକ୍ଷ ବି ରହିଥିଲେ। ଭୁବନେଶ୍ୱରରେ ଜନ୍ମିତ ଗୁରୁପ୍ରସାଦ ବିଜେବି କଲେଜ ଏବଂ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ୨୦୨୦ ମାର୍ଚ୍ଚରେ ଦେଶରେ କରୋନାର ପ୍ରଥମ ଲହର ସମୟରେ କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗଠିତ କ୍ଷମତାସମ୍ପନ୍ନ ଗୋଷ୍ଠୀ-୨ର ଅଧ୍ୟକ୍ଷ ଭାବେ ଦେଶରେ ଅକ୍ସିଜେନ୍ ଯୋଗାଣକୁ କିଭଳି ସୁଚାରୁରୂପେ କାର୍ଯ୍ୟକାରୀ କରାଯିବ ସେ ନେଇ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଥିଲେ ଗୁରୁପ୍ରସାଦ।



- ଗୁରୁ ପ୍ରସାଦ ମହାପାତ୍ର

## ୨୯ରୁ ବଢ଼ିବ ଶୀତ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ଆସନ୍ତା ୩୧ ଯାଏ ରାଜ୍ୟରେ ପାଗ କୁହୁଡ଼ି ଓ ଶୀତୁଆ ରହିବ। ଆସନ୍ତା ୨୯ରେ ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ୨୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର ଏବଂ ବରଗଡ଼ ଜିଲାରେ ଶୀତ ଲହରି ପ୍ରବାହିତ ହେବ। ସେହିପରି ୩୦ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କଳାହାଣ୍ଡି ଏବଂ ବରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଥଣ୍ଡା ଅନୁଭୂତ ହେବ। ଜାନୁୟାରୀ ୩୧ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କଳାହାଣ୍ଡି ଏବଂ ବରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ମେଘ ମୁକ୍ତ ଆକାଶ ସହ ଓଡ଼ିଶାକୁ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଯୋଗୁ ପାରଦ ତଳମୁହାଁ ହେବ। ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପୂର୍ବାନୁମାନ କରିଛି। ଏହି ସମୟରେ କେତେକ ସ୍ଥାନରେ ଘନକୁହୁଡ଼ି ହେବାର ସମ୍ଭାବନା ରହିଛି।

ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣା ରୋକିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଲୋକଙ୍କୁ ସଚେତନ କରିବାକୁ ପୋଲିସ ଏବଂ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗୁରୁବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୧୦, କେନ୍ଦୁଝର ୧୦.୨, ସୁନ୍ଦରଗଡ଼ ୧୦.୫, କୋରାପୁଟ ୧୦.୫ ଏବଂ ଫୁଲବାଣୀରେ ୧୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ବିଏସ୍ଏଫ୍ ପକ୍ଷରୁ ଭଲିବଲ ଟୁର୍ଣ୍ଣାମେଣ୍ଟ

ମାଲକାନଗିରି,(ଡି.ଏନ୍.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବଡ଼ପଦର ପଞ୍ଚାୟତ ରେଖାପାଲି ଗ୍ରାମରେ ବିଏସ୍ଏଫ୍ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଆଇଜି ସଞ୍ଜୟ କୁମାର ସିଂଙ୍କ ତତ୍ତ୍ୱାବଧାନରେ ୮୮ ବାଟାଲିୟନର ଯବାନମାନେ ରେଖାପାଲି ଗ୍ରାମରେ ଯୁବକଙ୍କୁ ନେଇ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ କରିଥିଲେ। ଏଥିରେ ରେଖାପାଲି କଲୋନୀ, ରେଖାପାଲି, ପଲାସପଦର, କୁମାରଗୁଡ଼ା ଲାମ୍ବାସିଂ, ବନଗୁରୁ କଲୋନୀ,ତୋଟାପାଲି, ଆର୍ଏସ୍ସି-୧୨ ଗ୍ରାମର ଯୁବକମାନେ ଅଂଶଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଆର୍ଏସ୍ସି-୧୨ ଟିମ୍ ବିଜୟୀ ହୋଇଥିଲା। ଏହି ଅବସରରେ ଯବାନମାନେ ଗ୍ରାମବାସୀଙ୍କୁ ଷ୍ଟିଲ୍ ଥାଳି, ଭଲିବଲ୍, ନେଟ୍, ରେଡିଓ, ସୋଲାର ଲାଇଟ ଆଦି ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ।

## ସଂକ୍ଷେପରେ

### ମହିଳା ସ୍ୱାସ୍ଥ୍ୟକର୍ମୀ ସମ୍ମାନିତ
#### ଟିକାକରଣରେ ଉଲ୍ଲେଖନୀୟ ସଫଳତା

ଗୁଣପୁର,୨୭।୧(ଡି.ଏନ୍.ଏ.)- ଟୀକାକରଣରେ ଉଲ୍ଲେଖନୀୟ ସଫଳତା ପାଇଁ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ରେଗେଡ଼ା ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ସସ୍ମିତା ସେନାପତି ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ତାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନୀତ କରିଛନ୍ତି। ସସ୍ମିତା ୧୦ ହଜାରରୁ ଉର୍ଦ୍ଧ୍ୱ ୧ମ ଏବଂ ୨ୟ ଡୋଜ୍ କରୋନା ଟିକା ପ୍ରଦାନ କରି ଶତ ପ୍ରତିଶତ ସଫଳତା ପାଇଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରାୟଗଡ଼ାର ବାରିଖୋଲାସ୍ଥିତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ମଧ ସସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା। ପରିବାର କଲ୍ୟାଣ ବିଭାଗର ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀରାୟ ଏବଂ ଯକ୍ଷ୍ମା ବିଭାଗର ସହକାରୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶ୍ରବଣ ସାହୁକାର ଉପସ୍ଥିତ ରହି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମାନିତ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ହିମାଂଶୁ କୁମାର ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ୨ କରୋନା ଯୋଦ୍ଧା ସମ୍ମାନିତ

ଗୁଡ଼ାରି,୨୭।୧(ଡି.ଏନ୍.ଏ.)- ମହାମାରୀ କୋରନାର ପ୍ରତିଷେଧକ ଟୀକା ଜନସାଧାରଣଙ୍କୁ ଦେଇ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହେଡ୍କ୍ୱାର୍ଟରେ ସ୍ୱାସ୍ଥ୍ୟକର୍ମୀ ସସ୍ମିତା ଶତପଥୀ ଏବଂ ଗୁଡାରି ଏନ୍ଏସି ଅନ୍ତର୍ଗତ ସୌରା ସାହି ଅଙ୍ଗନୱାଡ଼ି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଶୈଳେନ୍ଦ୍ରୀ ଶବର ରାୟଗଡ଼ା ଜିଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଏହି ଦୁଇ କର୍ମଚାରୀଙ୍କୁ କରୋନା ଯୋଦ୍ଧାଭାବେ ସମ୍ମାନୀତ କରାଯାଇଛି। ଗୁଡାରି ବାସୀଙ୍କ ସହଯୋଗ, ସ୍ୱାସ୍ଥ୍ୟ ଅଧିକାରୀ ଅରୁପାନନ୍ଦ ବେହେରାଙ୍କ ସମେତ ଆଶା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଦୁଇ କର୍ମଚାରୀ କହିଛନ୍ତି।

### ସ୍ୱାଭିମାନ ଅଞ୍ଚଳରେ ଉଡ଼ିଲା ତ୍ରିରଙ୍ଗା

ଚିତ୍ରକୋଣ୍ଡା,୨୭।୧(ଡି.ଏନ୍.ଏ.)-ହଟିଛି ମାଓବାଦୀଙ୍କ ଭୟ। ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବ ଥାନାରେ ପାଳିତ ହୋଇଯାଇଛି ୭୩ତମ ସାଧାରଣତନ୍ତ୍ର ଦିବସ। ଓଡ଼ିଶା ପୋଲିସ ଓ ସୀମା ସୁରକ୍ଷା ବାହିନୀ ମିଳିତ ଆନୁକୂଲ୍ୟରେ ପାଳିତ ଏହି ଦିବସରେ ଥାନା ଅଧିକାରୀ ଅନିଲ ପରିଡ଼ା ପତାକା ଉତ୍ତୋଳନ କରିଥିଲେ। ସେହିପରି ପାପରମେଟେଲା ଥାନାରେ ଥାନା ଅଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଗୁରୁପ୍ରିୟା ସେତୁ ଉପରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସ୍ୱାଭିମାନ ଅଞ୍ଚଳର ଗୋରାସେତୁ, ଘନବେଡ଼ା, ହନ୍ତାଳଗୁଡ଼ା ଓ ହାଟଗୁଡ଼ା ବିଏସ୍ଏଫ୍ କ୍ୟାମ୍ପରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ଚିତ୍ରକୋଣ୍ଡା ଖେଳ ପଡ଼ିଆରେ ତହସିଲଦାର ଟି. ପଦ୍ମନାଭ ଦୋରା ପତାକା ଉତ୍ତୋଳନ କରିଥିଲେ। ଏଥିସହ ବ୍ଲକ କାର୍ଯ୍ୟାଳୟ, ଥାନା, ବନାଞ୍ଚଳ, ଚିତ୍ରକୋଣ୍ଡା ମାଟିବନ୍ଧ ପ୍ରକଳ୍ପ, କୋଷାଗାର, ଉପଖଣ୍ଡ ଚିକିତ୍ସାଳୟ, ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସମସ୍ତ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଷ୍ଠାନରେ କରୋନା କଟକଣା ମଧ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

### ୱାର୍ଡସଭ୍ୟ ନିର୍ବାଚନ ପାଇଁ ସାନି ବିଜ୍ଞପ୍ତି

ଗୁଣପୁର,୨୭।୧(ଡି.ଏନ୍.ଏ.)- ରାଜ୍ୟ ନିର୍ବାଚନ କମିଶନ ଖାଲି ଥିବା କିମ୍ବା ଆଦୌ ଦାଖଲ ହୋଇନଥିବା କିମ୍ବା ନାମାଙ୍କନ ପତ୍ର ଖାରଜ ହୋଇଥିବା ସ୍ଥାନରେ ପୁଣି ଥରେ ନିର୍ବାଚନ ପ୍ରକ୍ରିୟା କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ କାର୍ଯ୍ୟାଳୟଠାରେ ଗୁରୁବାର ବିଡିଓ ଶାନ୍ତିପ୍ରଭା ପ୍ରଧାନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିପାଇଁ ୨୯ ରୁ ୩୧ ପର୍ଯ୍ୟନ୍ତ ୩ ଦିନ ଧରି ନାମାଙ୍କନ ପତ୍ର ଦାଖଲ ହେବ। ଫେବୃୟାରୀ ୧ ରେ ଯାଞ୍ଚ ଏବଂ ୪ ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କାର୍ଯ୍ୟକ୍ରମ ହେବ। ଏହିକ୍ରମରେ ଗୁଣପୁର ବ୍ଲକର ୯ ପଞ୍ଚାୟତ ଯଥା ଭୀମପୁର, ଟିଟିମିରି, ଘାନାକ୍ରି, ବାଗଶଳା, ଶିରିଝୋଲି, ମରମା, ରେଗେଡ଼ା, କୁଲୁସିଂ ଏବଂ ଜଲତାରର ୨୫ ୱାର୍ଡ ପାଇଁ ସାନି ନାମାଙ୍କନ ପତ୍ର ଦାଖଲ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି।

### ପୂର୍ବତନ ପିଇଓ, ସରପଞ୍ଚ ଭିଜିଲାନ୍ସ କୋର୍ଟରେ ଦୋଷୀ

ନବରଙ୍ଗପୁର,୨୭।୧(ବି.ପ୍ର.)- ଭିଜିଲାନ୍ସ ମାମଲାରେ ନବରଙ୍ଗପୁର ଜିଲା କୋଷାଗୁମୁଡା ପଞ୍ଚାୟତ ପୂର୍ବତନ ପିଇଓ ଏବଂ ପୂର୍ବତନ ସରପଞ୍ଚ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୂର୍ବତନ ପିଇଓ (ଅବସରପ୍ରାପ୍ତ) ବୀରେନ୍ଦ୍ର ମାଝି ଏବଂ ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝିଙ୍କ ନାମରେ ସରକାରୀ ଅର୍ଥ ହେରଫେର୍ ଅଭିଯୋଗ ଥିଲା। କୋରାପୁଟ ଭିଜିଲାନ୍ସ ଥାନା କେସ୍ ନମ୍ବର ୨୧/୨୦୧୩ରେ ଏକ ମାମଲା ରୁଜୁ ହୋଇଥିଲା। ୪ ଲକ୍ଷ ୫୭ ହଜାର ୩୦୫ ଟଙ୍କାର ଖର୍ଚ୍ଚ କ୍ୟାଶ୍ବୁକରେ ମିଥ୍ୟା ଭାବେ ପ୍ରତିଫଳିତ କରି ଅପବ୍ୟବହାର କରିଥିବା ନେଇ ଅଭିଯୋଗ ଥିଲା। ଏହି ଘଟଣାରେ ଜୟପୁର ଭିଜିଲାନ୍ସ ସ୍ପେସିଆଲ ଜଜ୍ ଉଭୟ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ, ୨୦ ହଜାର ଟଙ୍କା ଲେଖାଏ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ କାରାଦଣ୍ଡ ବୋଲି ଗୁରୁବାର ଶୁଣାଣି ହୋଇଛି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏମ୍. ବାଲାଜି ରାଓ ମାମଲା ପରିଚାଳନା କରୁଥିଲେ।

# ମୂଲ୍ୟବୋଧର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ: ଜିଲାପାଳ

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

କୋରାପୁଟ/ଜୟପୁର,୨୭।୧(ସ୍ୱ.ପ୍ର.)

କୋଭିଡ୍ କଟକଣାରେ ଜିଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ସମାରୋହ ସ୍ଥାନୀୟ ପୋଲିସ ପଡ଼ିଆଠାରେ ବୁଧବାର ପାଳିତ ହୋଇଛି। ଜିଲାପାଳ ଅବଦଲ ଏମ୍. ଅଖତର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍ରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ସାମ୍ବିଧାନିକ ନୈତିକତା ଓ ଏହାର ମୂଲ୍ୟବୋଧର ସୁରକ୍ଷା ସମସ୍ତ ଭାରତୀୟଙ୍କ ଦାୟିତ୍ୱ ହେବା ଆବଶ୍ୟକ ବୋଲି ପ୍ରକାଶ କରି କୋରାପୁଟ ମାଟିର ଶହୀଦ ଲକ୍ଷ୍ମଣ ନାୟକଙ୍କ ସମେତ ଅନ୍ୟ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। କରୋନା କଟକଣା ଯୋଗୁ ପରେଡ୍ରେ କେବଳ ଜିଲା ପୋଲିସ , ଓଏସ୍ଏପି, ପ୍ରଥମ ଆଇଆର୍ବି, ୭ତମ ଆଇଆର୍ବି ସହ ୫ଟି ଦଳ ଭାଗ ନେଇଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ଆଗଧାଡ଼ିର କରୋନା ଯୋଦ୍ଧାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆଲୋକ ସଜ୍ଜା ପ୍ରତିଯୋଗିତାରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ପ୍ରଥମ ହୋଇଥିବା ବେଳେ ପ୍ରଥମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷଣ ବାହିନୀ ଦ୍ୱିତୀୟ, କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ପୋଲିସ ରିଜର୍ଭ ଇନ୍ସପେକ୍ଟର ସୁବାସ ଚନ୍ଦ୍ର ନାୟକ ପରେଡ୍ ପରିଚାଳନା କରିଥିଲେ । ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି,



ସାଧାରଣତନ୍ତ୍ର ଦିବସରେ ଜିଲାପାଳ ଜଣେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରୁଛନ୍ତି ।

ରାମେଶ୍ୱର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସଏ, ଉପଜିଲାପାଳ ଲଳିତ କୁମାର କହଁରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥପ୍ରସାଦ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡାସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ଜାତୀୟ ପତାକା ଉତୋଳନ କରିଥିଲେ। ଜନ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ, ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ଦଶହରା ପଡିଆଠାରେ ମଧ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଉପଜିଲାପାଳ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏଠାରେ କୋଭିଡ କଟକଣା ଯୋଗୁ ପରେଡ ହୋଇ ନ ଥିଲା। ଏସଡିପିଓ ଅରୂପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲିଆମ୍ମା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଉପସ୍ଥିତ ଥିଲେ। ସେହିପରି ଜିଲା କଂଗ୍ରେସ ଭବନ ଠାରେ ସାଧାରଣତନ୍ତ୍ର ଦିବସରେ ବିଧାୟକ ତାରା ପ୍ରସାଦ ବାହିନୀପତି ପତାକା ଉତ୍ତୋଳନ କରିଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, ନଗର ସଭାପତି ନରି ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ

ବୈପାରିଗୁଡ଼ା,୨୭।୧(ଡି.ଏନ୍.ଏ.)

ଗୁରୁବାର ବୈପାରିଗୁଡ଼ା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମହୁଲି ପଞ୍ଚାୟତ ଅନ୍ତର୍ଗତ ଲେଞ୍ଜା ଗ୍ରାମ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ହୋଇଥିବା ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ସ୍ଥାନୀୟ ଥାନା ଅଧିକାରୀ ଅଶ୍ୱିନ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢ଼ାଉ ବେଳେ ପ୍ରାୟ ୧୫ ଏକର ଜମିର ଗଞ୍ଜେଇ ଗଛ କାଟି ପୋଡ଼ାଯାଇଛି। ସୂଚନାଯୋଗ୍ୟ, ଦୁର୍ଗମ ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଚାଷ କରିବାକୁ ଗଞ୍ଜେଇ ମାଫିଆମାନେ ସ୍ଥାନୀୟ ଆଦିବାସୀଙ୍କୁ ଆର୍ଥିକ ସହାୟତା ଦେଇ ପ୍ରୋତ୍ସାହିତ କରୁଛନ୍ତି।

## ଭୁଶୁଡ଼ିଲା କୋଲାବର ଶାଖା କେନାଲ

ଜୟପୁର, ୨୭।୧(ନି.ପ୍ର.)

ଜୟପୁର ସହର ବଙ୍ଗଳାବାଡ-ସୌରାଗୁଡା ମଧରେ ଥିବା କୋଲାବର ଶାଖା କେନାଲ ଗୁରୁବାର ଭୁଷୁଡି ପଡଛି। ଫଳରେ କେନାଲର ପାଣି ଅନେକ ଚାଷଜମିରେ ମାଡିଯାଇଛି। କେନାଲ ମରାମତି ନ ହେଉଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି । ଏନେଇ ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି । ବିଭାଗ ତୁରନ୍ତ ଉକ୍ତ ଦୁର୍ବଳ କେନାଲକୁ ମରାମତି କରିବାକୁ ଦାବି ହେଉଛି।

## ନାବାଳିକା ଅପହରଣ ମାମଲାରେ ଜଣେ ଗିରଫ

ଜୟପୁର, ୨୭।୧(ନି.ପ୍ର.)

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଟାଉନଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ହେଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବୁର୍ଜା ଗ୍ରାମର ଫାଲଗୁନି ଡୁରୁକ (୧୯) । ସେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ନେଇ ଜୟପୁର ଟାଉନ ଥାନାରେ ଗତ ୪।୧୦।୨୧ରେ ଅଭିଯୋଗ ହୋଇଥିଲା। ସେହିଦିନ ଠାରୁ ଫାଲଗୁନି ଫେରାର ଥିଲେ।

## ସୁନାଚେନ୍ ଲୁଟ୍ ମାମଲା, ଜଣେ ଗିରଫ

ଜୟପୁର,୨୭।୧ (ନି.ପ୍ର.)-

ଜୟପୁର ସହର କାପୁ ସାହିରେ ଜଣେ ବୃଦ୍ଧଙ୍କୁ ତର୍ଷ୍ଟିପି ସୁନା ଚେନ୍ ଲୁଟ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛଇ । ସେହେଲେ ନୁଆସାହିର କେ. ପ୍ରବୀଣ । ଗତ ୧୬ରେ ସହରର କାପୁ ସାହିରେ ସୁରି ସରିୟା ରାଓ ଘରେ ଥିବା ବେଳେ ପ୍ରବୀଣ ଓ କୀର୍ତ୍ତନ ସୁରୁ ତାଙ୍କ ଘରେ ପଶି ସୁରିଙ୍କ ତଷ୍ଟି ଚିପି ସୁନା ଚେନ୍ ଲୁଟ କରି ନେଇଥିଲେ। ଘଟଣା ପରେ ମୁଖ୍ୟ ଅଭିଯୁକ୍ତ କୀର୍ତ୍ତନ ଙ୍କୁ ଗିରଫ କରି ପୋଲିସ ଲୁଟ୍ ସୁନାଚେନ୍କୁ ଉଦ୍ଧାର କରିଥିଲା। ଅନ୍ୟ ଅଭିଯୁକ୍ତ ପ୍ରବୀଣ ଫେରାର ଥିବା ବେଳେ ଗୁରୁବାର ଧରାପଡିଛନ୍ତି।

# ସରପଞ୍ଚ ପ୍ରାର୍ଥୀ ପ୍ରତ୍ୟାହାର ଫର୍ମରେ ଦସ୍ତଖତ ଜାଲିଆତି ଅଭିଯୋଗ

**ଚୂଡାନ୍ତ ତାଲିକାରେ ନାମ କଟିବାରୁ ଥାନାର ଦ୍ୱାରସ୍ଥ**

ଦଶମନ୍ତପୁର, ୨୭।୧ (ଡ଼ି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପାଇକଫୁଲବେଡ଼ା ପଞ୍ଚାୟତର ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ନାମରେ ଜାଲ ଦସ୍ତଖତ କରି ତାଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନିଆଯାଇଥିବା ଅଭିଯୋଗ ହୋଇଛି। ସେ ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ ମଧ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ବେଳେ ତାଙ୍କ ନାମ ଥିବା ଅଭିଯୋଗ କରିଛନ୍ତି ପାଇକଫୁଲବେଡ଼ା ଗ୍ରାମର ଈଶ୍ୱର ଗାଦବା। ଏନେଇ ସେ ଗୁରୁବାର ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେହି ଗ୍ରାମର ତଥା ପଞ୍ଚାୟତର କାର୍ଯ୍ୟରତ ନାଏବ ସରପଞ୍ଚ ମକର ଗଲରି, ମହିଳା ସରପଞ୍ଚଙ୍କ ସ୍ୱାମୀ ରମେଶ ଚନ୍ଦ୍ର ଖରା



ଈଶ୍ୱର ଗାଦବା

ଏବଂ ଗ୍ରାମର ଉମ୍ବରୁ ଗାଦାବା ପ୍ରମୁଖ ତାଙ୍କ ଅଜାଣତରେ ଜାଲ୍ ଦସ୍ତଖତ ମାରି ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଚୂଡାନ୍ତ ତାଲିକାରେ ତାଙ୍କ ନାମ ନ ଥିବାରୁ ସେ ପ୍ରଥମେ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଉମ୍ବରୁଧର ମଲିକଙ୍କୁ ସାକ୍ଷାତ କରି ପଚାରି ବୁଝିଥିଲେ। ତାଙ୍କ ନାମ ଚୂଡ଼ାନ୍ତ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଥିଲେ। ମାତ୍ର ବିଡ଼ିଓ ଦରଖାସ୍ତ ଗ୍ରହଣ ନ କରି ତାଙ୍କୁ ଫେରାଇ ଦେଇଥିଲେ ବୋଲି ଈଶ୍ୱର ଅଭିଯୋଗ କରିଛନ୍ତି। ପରେ ସେ ଘଟଣା ସମ୍ପର୍କରେ କୋରାପୁଟ ସଦର ଥାନାରେ ସମ୍ପୃକ୍ତ ୩ଜଣଙ୍କ ନାମରେ ଏତଲା ଦେଇଥିବା ଈଶ୍ୱର କହିଛନ୍ତି। ତାଙ୍କ ଦସ୍ତଖତ ଯାଞ୍ଚ କରାଯିବା ସହ ସିସି କ୍ୟାମେରା ଫୁଟେଜକୁ ଯାଞ୍ଚ କରିବାକୁ ଈଶ୍ୱର ଦାବି କରିଛନ୍ତି।

# ଦାଦନ ରୋକିବାକୁ ପ୍ରୟାସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନୂଆ ପ୍ରକଳ୍ପ ଶୁଭାରମ୍ଭ**

ଜୟପୁର,୨୭।୧ (ନି.ପ୍ର.)

ଜୟପୁରସ୍ଥିତ ଏମ୍ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏକ ନୂତନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଉପ ଜିଲାପାଳ ବେଦବର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ଅରୁଣ ବେହେରା, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ସଞ୍ଜୀବ ମହନ୍ତ, ଆତ୍ମା କୋରାପୁଟର ଡେପୁଟି ପ୍ରକଳ୍ପ ନିର୍ଦ୍ଦେଶକ ତାପସ ରାୟ, ପ୍ରାଣୀ ଚିକିତ୍ସକ ଆଲୋକ ମହାପାତ୍ର, ବିହନ ପଞ୍ଜୀକରଣ ଅଧିକାରୀ ପ୍ରଦିପ ଖରା, ବରଗଡର ପ୍ରାକ୍ତନ ଏମ୍ପି ପ୍ରଭାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଏମ. ଏମ. ହୁସେନ ଅଧ୍ୟକ୍ଷତା କରିଥିଲେ। କୋରାପୁଟ ଜିଲାର କୁନ୍ଦୁରା, ବୈପାରିଗୁଡା, ଜୟପୁର ଓ କୋରାପୁଟ ଜିଲାରୁ ୪୦ ଜଣ ଯୁବ ଚାଷୀ ଭାଗ ନେଇଥିଲେ । ବୈଜ୍ଞାନିକ ପ୍ରଶାନ୍ତ ପରିଡା ସ୍ୱାଗତ ସୂଚନା ସୁଚନା ଦେଇ ଥିଲେ। ଏହି ପ୍ରକଳ୍ପ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଣାଳୟ ସହାୟତାରେ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହା ଏକ କୃଷି କ୍ଷେତ୍ରରେ ଦକ୍ଷତା ବୃଦ୍ଧିଭିତ୍ତିକ ପ୍ରକଳ୍ପ। ଜିଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ଯୁବତୀଯୁବକ ଯେଉଁମାନେ କୃଷି ଠାରୁ ଦୁରେଇ ଯାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ସେମାନଙ୍କୁ ଦକ୍ଷତାଭିତ୍ତିକ ତାଲିମ ଦେଇ କୃଷି କ୍ଷେତ୍ରକୁ ଫେରାଇ ଆଣିବା ଏହି ପ୍ରକଳ୍ପର ଲକ୍ଷ୍ୟ ବୋଲି ବୈଜ୍ଞାନିକ ପରିଡା ପ୍ରକାଶ କରିଥିଲେ। ବିଶେଷ କରି ଘର ବାଡିରେ ଦେଶୀ କୁକୁଡା ଚାଷ, ଉନ୍ନତ ପ୍ରାଣାଳୀରେ ମାଛ ଚାଷ ଦିଗରେ ସେମାନଙ୍କୁ ସ୍ୱାଭଲମ୍ବୀ କରାଯିବ। ଆଦିବାସୀ ଯୁବତୀଯୁବକମାନେ ଅନୁଷ୍ଠାନରେ ରହି ଆବାସିକ ତାଲିମ ନେବେ । ପରେ ସେମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯିବ। କାର୍ଯ୍ୟକ୍ରମରେ ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା ସହଯୋଗ କରିଥିଲେ।

# ମାଲକାନଗିରି: କୋଭିଡ୍ କଟକଣାରେ ପାଳନ ହେଲା ସାଧାରଣତନ୍ତ୍ର ଦିବସ

ମାଲକାନଗିରି,୨୭।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ବୁଧବାର କୋଭିଡ୍ ନିୟମ ଅନୁସାରେ ସାଧାରଣତନ୍ତ୍ର ଦିବସ ଡିଏନ୍କେ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍ରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିଶାଲ ସିଂ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଡିଆର୍ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁଙ୍କ




ପତାକା ଉତ୍ତୋଳନ ପରେ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି ।

ସମେତ ଅନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳ ସାଢେ ୭ଟାରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ଜିଲାର କୋଭିଡ୍ ଯୋଦ୍ଧା, ଉତ୍ତମ କାର୍ଯ୍ୟ ସମ୍ପାଦନ କରିଥିବା ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ୬୦ ବର୍ଷ ହେଲା ରହିଲୁଣି, ଜମି ଛାଡ଼ିବୁନି

ମାଲକାନଗିରି,୨୭।୧, (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚଲାଣଗୁଡ଼ା ପଞ୍ଚାୟତ ଟିଟିବେରି ଗ୍ରାମବାସୀ ସେମାନଙ୍କ ଜମି ସମସ୍ୟାକୁ ନେଇ ମାଲକାନଗିରି ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଦେଇଛନ୍ତି। ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସେମାନଙ୍କ ପୂର୍ବ ପୁରୁଷଙ୍କ ଅମଳରୁ ଟିଟିବେରି ଗ୍ରାମରେ ଜଙ୍ଗଲ ସଫାକରି ସେଠାରେ ଘରଦ୍ୱାର ସହ ଚାଷ କାମକରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ବର୍ତ୍ତମାନ ଚଲାଣଗୁଡ଼ା ରାଜସ୍ୱ ନିରୀକ୍ଷକ ଉକ୍ତ ସ୍ଥାନ ମାପଚୁପ କରି ଯାଇଥିଲେ। ଏହି ସ୍ଥାନ ଅନ୍ୟ କୌଣସି କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ଜାଣିବାକୁ ପାଇବାରୁ ସେମାନେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଜମିହୀନ ହୋଇଥିବାରୁ ଏବଂ ପୂର୍ବପୁରୁଷରୁ ଦୀର୍ଘବର୍ଷ ହେଲା ଏଠାରେ ବସବାସ କରି ଆସୁଥିବାରୁ ଉକ୍ତ ଜମିକୁ କଦାପି ଛାଡ଼ିବେ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଟିଟିବେରି ଗ୍ରାମର ଦେବା ମାଡ଼ି, ଉଙ୍ଗା ମାଡ଼ି, ଜଗା ମାଡ଼ି, ଶୁକ୍ରା ମାଡକାମି, ରାମା ବାଞ୍ଚାମିଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମଇଦାନରେ ୨୯୭ ପ୍ରାର୍ଥୀ

ମାଲକାନଗିରି, ୨୭।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ୧୨ଟି ପଞ୍ଚାୟତରେ ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ ନାମାଙ୍କନପତ୍ର ଦାଖଲ କରିଥିବା ୩୨୪ ପ୍ରାର୍ଥୀଙ୍କ ମଧ୍ୟରୁ ୨୭ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ନିର୍ବାଚନ ମଇଦାନରେ ଅଛନ୍ତି ୨୯୭। ସେମାନଙ୍କ ମଧ୍ୟରେ ୭ ସରପଞ୍ଚ ପ୍ରାର୍ଥୀ ଏବଂ ୬ଜଣ ସମିତିସଭ୍ୟ ପ୍ରାର୍ଥୀ ଥିବା ଜଣାପଡ଼ିଛି। ବ୍ଲକ ନିର୍ବାଚନ ଅଧିକାରୀ ପ୍ରାର୍ଥୀମାନଙ୍କ ଚିହ୍ନ ଘୋଷଣା କରିବା ପରେ ସମସ୍ତେ ଏବେ ପ୍ରଚାର ଆରମ୍ଭ କରିଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ଯେପରି ପ୍ରାର୍ଥୀମାନେ ଗାଡ଼ିମୋଟରରେ ବୁଲି ପ୍ରଚାର କରୁଥିଲେ ଏବେ ସେସବୁ ଦେଖିବାକୁ ମିଳୁନାହିଁ।

# କୋରାପୁଟ ୨୯ ଜୋନ୍ରେ ୧୧୪ ପ୍ରାର୍ଥୀ

କୋରାପୁଟ,୨୭।୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ୨୯ ଜିଲା ପରିଷଦ ଜୋନର ଚୂଡାନ୍ତ ପ୍ରାର୍ଥୀ ତାଲିକା ଅନୁଯାୟୀ ଜିଲାର ୧୪ଟି ବ୍ଲକରେ ଥିବା ୨୯ ଜୋନରେ ୧୧୪ ଜଣ ପ୍ରାର୍ଥୀ ରହଛନ୍ତି। ବୈପାରିଗୁଡା ଜିଲା ପରିଷଦ ଜୋନ-୧ରେ ୬ ଜଣ, ଜୋନ-୨ରେ ୩ ପ୍ରାର୍ଥୀ ରହିଛନ୍ତି। ବୋରିଗୁମ୍ମା ଜୋନ-୧ରେ ୭, ଜୋନ୍-୨ରେ ୫, ଜୋନ୍-୩ରେ ୫, କୋଟପାଡ ଜୋନ-୧ରେ ୩ ପ୍ରାର୍ଥୀ ରହିଥିବାବେଳେ ଜୋନ- ୨ରେ ୪ ରହିଛନ୍ତି। କୁନ୍ଦୁରା ବ୍ଲକର ଜୋନ-୧ରେ ୬ ଜଣ, ଜୋନ୍-୨ରେ ୩, ଜୟପୁର ଜୋନ୍-୧ରେ ୪, ଜୋନ୍-୨ରେ ୪, ଜୋନ- ୩ରେ ୪, ବନ୍ଧୁଗାଁ ଜୋନ-୧ରେ ୪ ଜଣ, ଜୋନ୍-୨ରେ ୪, ଦଶମନ୍ତପୁର ଜୋନ-୧ରେ ୩ ଜଣ, ଜୋନ୍- ୨ରେ ୩, ନନ୍ଦପୁର ଜୋନ-୧ରେ ୩ ଜଣ,ଜୋନ-୨ରେ ୩, ସେମିଳିଗୁଡା ଜୋନ-୧ରେ ୪ ଜଣ, ଜୋନ-୨ରେ ୩, ଲମତାପୁଟ ଜୋନ-୧ରେ ୩ ଜଣ, ଜୋନ-୨ରେ ୩, କୋରାପୁଟ ବ୍ଲକ ଜୋନ-୧ରେ ୩ ଜଣ, ଜୋନ-୨ରେ ୭, ପଟ୍ଟାଙ୍ଗି ଜୋନ-୧ରେ ୨ ଜଣ, ଜୋନ-୨ରେ ୩ ଜଣ ପ୍ରାର୍ଥୀ ରହିଛନ୍ତି। ଲକ୍ଷ୍ମୀପୁର ଜୋନ-୧ରେ ୪ ଜଣ, ଜୋନ-୨ରେ ଜଣ, ନାରାୟଣପାଟଣା ବ୍ଲକର ଏକମାତ୍ର ଜୋନ ପାଇଁ ସ୍ୱାଧୀନ ପ୍ରାର୍ଥୀ ନାଚିକା ଲିଙ୍ଗାଙ୍କ ସମେତ ୪ ଜଣ ପ୍ରାର୍ଥୀ ଅଛନ୍ତି।

# କାନ୍ଥ ବାଡ଼ରେ ଲେଖାହେଲାଣି ନିର୍ବାଚନୀ ବାର୍ତ୍ତା

- ଭୋଟରଙ୍କୁ ଭେଟୁଛନ୍ତି ପ୍ରାର୍ଥୀ
- ଜମୁଛି ପ୍ରଚାର

ଉମରକୋଟ, ୨୭।୧(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ପ୍ରତ୍ୟାହାର ପରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ବିଭିନ୍ନ ପଦପଦବୀ ପାଇଁ ମଇଦାନରେ ୯ ଜିଲା ପରିଷଦ, ୮୧ ସମିତି ସଭ୍ୟ ଏବଂ ୮୮ ସରପଞ୍ଚ ପ୍ରାର୍ଥୀ ରହିଛନ୍ତି। ସମସ୍ତଙ୍କର ନିଜର ନିର୍ବାଚନୀ ଚିହ୍ନ ରହିଛି। ଗୁରୁବାରରୁ ଆରମ୍ଭ ହୋଇଛି ପ୍ରଚାର। ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। କାନ୍ଥବାଡ଼ରେ ଲେଖା ମଧ ଆରମ୍ଭ ହେଲାଣି। ତେବେ ରାଜନୈତିକ ଦଳଗୁଡିକ ସେମାନଙ୍କ ଦଳୀୟ ଏବଂ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ସାମାଜିକ ଗଣମାଧ୍ୟମ(ଫେସ୍ବୁକ୍, ହ୍ୱାଟ୍ସଆପ୍)ରେ ପ୍ରଚାର ଜୋର କଲେଣି। ଉମରକୋଟ ବ୍ଲକରେ ଶାସକ ବିଜେଡିର ପ୍ରଚାର ମଙ୍ଗ ଏମ୍ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ୍ ବିଜେଡି ସଭାପତି ମନୋଜ ଧଳ, ଅଜିତ ପ୍ରଧାନ, ପ୍ରମୋଦ ପାଢ଼ୀ ପ୍ରମୁଖଙ୍କ ହାତରେ। ଗୁରୁବାର ବିଜେଡି ପକ୍ଷରୁ ଶିଙ୍ଗସାରି, ବେନରା, ସୁନାବେଡ଼ା ପଞ୍ଚାୟତରେ ପ୍ରଚାର କରାଯାଇଛି। ସେହିପରି ଭାଜପା ପାଇଁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପି.ଚନ୍ଦ୍ର ରାଓ, ଦେବାଶିଷ ଦାସ ପ୍ରମୁଖ ପ୍ରଚାର ମଙ୍ଗ ଧରିଛନ୍ତି।

କୁର୍ସୀ ଓ ବୁର୍ଜାରେ ଭାଜପା ପ୍ରଚାର କରିଛି। କଂଗ୍ରେସର ବାବୁଲା ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଶଙ୍କର ଦେ, ମୁନା ପାଢ଼ୀ, ଟୁଲୁ ସାହୁ ପ୍ରମୁଖ ଭାମିନି, ଚିକଲପଦର ଓ ବୁର୍ଜା ଆଦି ଅଞ୍ଚଳରେ ପ୍ରଚାର ଜୋର୍ଦାର କରିଛନ୍ତି। କଂଗ୍ରେସର ଆଗଧାଡ଼ିର ନେତାମାନେ ପୂର୍ବତନ ଏମ୍ପି ପ୍ରଦୀପ ମାଝିଙ୍କ ସହ ବିଜେଡିରେ ମିଶିବା ପରେ ଦଳ ନେତା ବିହୀନ ହେଲା ବୋଲି ଭ୍ରମ ସୃଷ୍ଟି ହୋଇଥିଲା। କିନ୍ତୁ ତାହା ଚଳିତ ନିର୍ବାଚନରେ ଭୁଲ୍ ବୋଲି ପ୍ରମାଣିତ ହେବ ବୋଲି ଜିଲା ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗତ ନିର୍ବାଚନରେ ୩ ଟି ଆସନ ବିଶିଷ୍ଟ ଜିଲା ପରିଷଦକୁ କଂଗ୍ରେସ, ବିଜେଡି ଓ ଭାଜପା ଗୋଟିଏ ଲେଖାଏ ଆସନ ହତେଇଥିଲେ। ତେବେ ଚଳିତ ନିର୍ବାଚନରେ କିଏ ଜିତିବ କିଏ ହାରିବ ତାହାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି।

# ଅର୍ଥ କାରବାର ଅଭିଯୋଗ ଆଣିଲେ ରୀନାଙ୍କ ଭାଇ

**କାଲିମେଲା ଜୋନ୍-୨ ଜିଲା ପରିଷଦ ପ୍ରାର୍ଥୀ ନିଖୋଜ ଘଟଣା**

କାଲିମେଲା,୨୭।୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଜିଲା ପରିଷଦ ଜୋନ୍-୨ରେ ଭାଜପାର ଜିଲା ପରିଷଦ ପ୍ରାର୍ଥୀ ରୀନ କବାସୀ ନିଖୋଜ ଘଟଣା ନାଟକୀୟ ମୋଡ ନେଇଛି। ଡୁମ୍ବାଗୁଡା ଗ୍ରାମର ରୀନାଙ୍କ ଭାଇ ଭୀମା କବାସୀ ଏନେଇ ମୁହଁ ଖୋଲିଛନ୍ତି। ତାଙ୍କ ଭଉଣୀ ରୀନା ନିଖୋଜ ହେବା ପଛରେ ବିପୁଳ ଅର୍ଥ କାରବାର ହେଇଥିବା ନେଇ ସେ ଅଭିଯୋଗ କରିଛନ୍ତି। କାଲିମେଲା ଥାନାରେ କାର୍ଯ୍ୟରତ ହୋମଗାର୍ଡ ସୁଧୀର ସ୍ୱାଇଁ ରୀନାଙ୍କ ଘରକୁ ଯାଇ ଅର୍ଥ ବଦଳରେ ନାମାଙ୍କପତ୍ର ପ୍ରତ୍ୟାହାର କରିବାକୁ ରୀନାଙ୍କୁ ନେଇଯାଇଥଲେ ବୋଲି ଭୀମା ଅଭିଯୋଗରେ କହିଛନ୍ତି। ଏହାକୁ ଭାଜପା ସହଜରେ ଗ୍ରହଣ କରିପାରି ନାହିଁ। ସୁଧୀର ଶାଶକ ଦଳର ପ୍ରତିନିଧି ହୋଇ ରୀନାଙ୍କୁ ନିଖୋଜ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଭାଜପା ଦାବି କରିଛି। ଏନେଇ କାଲିମେଲା ମଣ୍ଡଳ ଭାଜପା ସଭାପତି ରତ୍ନାକର ପାଣିଗ୍ରାହୀ ଗତ ୨ ଦିନ ତଳେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ଜିଲା ପୋଲିସ ରୀନା ସୁରକ୍ଷିତ ଥିବା ନେଇ ପ୍ରେସ୍ ନୋଟ ମାଧ୍ୟମରେ ଏସ୍ପି ସୂଚନା ଦେଇଥିବା ବେଳେ ରୀନା କେଉଁଠି ଅଛନ୍ତି ସେନେଇ ସୂଚନା ଦେଇ ନ ଥିଲେ। ତେବେ ଏହାର ୨୪ ଘଣ୍ଟା ନ ପୂରୁଣୁ ରୀନାଙ୍କ ଭାଇ ଭୀମା ତାଙ୍କ ଭଉଣୀ ରୀନା ନିଖୋଜ ହେବା ପଛରେ ବିପୁଳ ଅର୍ଥ କାରବାର ହୋଇଥିବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ସୁଧୀର ଆମ ଘରକୁ ଆସି ନଗଦ କିଛି ଟଙ୍କା ଦେବା ସହ ୧୦ ଲକ୍ଷ ଟାଙ୍କର ବ୍ଲାଙ୍କ ଚେକ୍ ଦେଇ ତାଙ୍କ ଭଉଣୀଙ୍କୁ ସାଥିରେ ନେଇଯାଇଥିଲେ। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଇଥିବା ଦର୍ଶାଇ କାଲିମେଲା ଜୋନ-୨ରେ ନିର୍ବାଚନ ସ୍ଥଗିତ ରଖିବାକୁ ଭାଜପା ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାଲିମେଲା ମଣ୍ଡଳ ଭାଜପା ସଭାପତି ରତ୍ନାକର ପାଣିଗ୍ରାହୀ, ଉତମ ରାୟ, ସାଧାରଣ ସମ୍ପାଦକ ବିସିକେଶନ ଦାସ, ନରହରି ପ୍ରଧାନ ଉପସ୍ଥିତ ଥିଲେ । ଏ ନେଇ ହୋମଗାର୍ଡ ସୁଧୀରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ରୀନା କବାସି ନିଖୋଜ ମାମଲା: ବିଜେଡି-ଭାଜପା ଦୋଷ ଲଦାଲଦି

ମାଲକାନଗିରି, ୨୭।୧( ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକର ଭାଜପା ପ୍ରାର୍ଥୀ ରୀନା କବାସି ନାମାଙ୍କନପତ୍ର ଦାଖଲ ପରେ ନିଖୋଜ ହୋଇଯିବା ଘଟଣାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି। ବିଜେଡି ୧୦ ଲକ୍ଷ ଟଙ୍କାର ଅର୍ଥ ପ୍ରଲୋଭନ ଦେଖାଇ ରୀନାଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଇଥିବା ଅଭିଯୋଗ କରିଛି ବୋଲି ଭାଜପା ଅଭିଯୋଗ କରିଛି। ତେବେ ଭାଜପାର ଏପରି ଅଭିଯୋଗକୁ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ବିଜେଡି ଖଣ୍ଡନ କରିଛି। ରୀନା ନିଜ ଇଚ୍ଛାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ବିଜେଡିର



ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଲୋକପ୍ରିୟତାକୁ ନେଇ ଭାଜପା ସହିପାରୁନାହିଁ। ୧୦ ଲକ୍ଷ ଟଙ୍କାରେ ଆମେ ସବୁତକ ୧୫ଟି ଆସନ ଜିତିଯିବୁ। ଏପରି କ୍ଷେତ୍ରରେ ଟଙ୍କା କାହିଁକି ଦେବୁ ବୋଲି ପ୍ରଶ୍ନ ଉଠାଇଛନ୍ତି ବିଜେଡି ଜିଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା। ନିର୍ବାଚନ ଆରମ୍ଭରୁ ଦୁଇଦଳ ମଧ୍ୟରେ ଏପରି ପରସ୍ପରକୁ ଦୋଷାରୋପ ଅନ୍ୟ ଦଳକୁ ଫାଇଦା ଦେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ରୀନା ନିଖୋଜ ହେବା ପରେ ଭାଜପା ପକ୍ଷରୁ ଥାନାରେ ଏତଲା ହୋଇଥିଲା। ପୋଲିସ ତଦନ୍ତ ଆରମ୍ଭ କରି ତାଙ୍କୁ ଖୋଜାଖୋଜି କରି ଆଣିଥିଲା। ତେବେ ସେ ନିଜ ଇଚ୍ଛାରେ ଆତ୍ମଗୋପନ କରିଥିଲେ ବୋଲି ମାଲକାନଗିରି ପୋଲିସ ନିକଟରେ ପ୍ରକାଶ କରିଥିଲେ।

**ହ୍ରାସ ପାଉଛି ସୁନା, ରୁପା ଦର**

ଗତ କିଛିଦିନର ସ୍ଥିରତା ପରେ ସୁନା ଓ ରୁପା ଦର ହ୍ରାସ ପାଉଛି। ଗୁରୁବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସୁନାର ମୂଲ୍ୟ ୭୩୧ ଟଙ୍କା ହ୍ରାସ ପାଇଥିବା ବେଳେ ରୁପା ୧୭୯୧ ଟଙ୍କା ହ୍ରାସ ପାଇଛି। ଫଳରେ ପ୍ରତି ୧୦ଗ୍ରାମ ସୁନାର ଦାମ ଗୁରୁବାର ୪୮,୧୧୨ ଟଙ୍କାରେ କାରବାର ହେଉଥିବା ବେଳେ ରୁପାର ଦାମ କିଲୋ ପିଛା ୬୨,୨୮୦ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ପିଛା ୪୫ ହଜାର ୫୦୦ ଟଙ୍କାରେ କାରବାର ହେଉଛି। ସେହିଭଳି ୨୪ କ୍ୟାରେଟ୍ ସୁନାର ଦାମ ୧୦ ଗ୍ରାମ ପ୍ରତି ୪୯, ୮୩୦ ଟଙ୍କାରେ ବିକ୍ରି କରାଯାଉଛି ଅନ୍ୟପଟରେ ରୁପା ଦର ମଧ୍ୟ କିଲୋ ପିଛା ୬୩, ୭୦୦ ଟଙ୍କାରେ ବିକ୍ରି କରାଯାଉଛି।

**ସଂକ୍ଷେପରେ**

## ରତ୍ନ, ଅଳଙ୍କାର ରପ୍ତାନିରେ ୭୧% ବୃଦ୍ଧି

**ନୂଆଦିଲ୍ଲୀ,୨୭।୧:** ଚଳିତ ବର୍ଷ ବଜେଟ ଉପସ୍ଥାପନର କିଛିଦିନ ପୂର୍ବରୁ ଭାରତର ରପ୍ତାନି କ୍ଷେତ୍ରରୁ ଏକ ଭଲ ଖବର ଆସିଛି। ୨୦୨୧ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ରତ୍ନ ଏବଂ ଅଳଙ୍କାର ରପ୍ତାନିରେ ୭୧% ବୃଦ୍ଧି ଘଟି ୨୮.୯ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୦ରେ ଏହି ସମାନ ଅବଧି ମଧ୍ୟରେ ଏହା ୧୬.୯ ବିଲିୟନ ରହିଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି ତଥ୍ୟ ଅନୁସାରେ, ଡିସେମ୍ବର ୨୦୨୧ରେ ରପ୍ତାନି ୧୬.୩୮% ବୃଦ୍ଧି ଘଟି ୨.୯୯ ବିଲିୟନ ଡଲାରରେ ପହଞ୍ଚିଛି। ଏହା ୨୦୨୦ ଡିସେମ୍ବରରେ ୨.୫୭ ବିଲିୟନ ଡଲାର ଥିଲା। ଏ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନାନୁସାରେ, ଚଳତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୨୮.୯ ବିଲିୟନ ଡଲାରର ରତ୍ନ ଏବଂ ଅଳଙ୍କାର ରପ୍ତାନିର ଲକ୍ଷ୍ୟ ହାସଲ କରିସାରିଛି। ଏହା ଗତ ଆର୍ଥିକ ବର୍ଷ (ଏପ୍ରିଲ ୨୦୨୦ ରୁ ମାର୍ଚ୍ଚ ୨୦୨୧) ର ୨୬.୦୨ ବିଲିୟନ ଡଲାର ରପ୍ତାନିକୁ ପାର କରିସାରିଛି।

## ମହିନ୍ଦ୍ରାର ସିଏସ୍ଆର୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୭।୧:** ଦେଶର ଅଗ୍ରଣୀ ଅଣ ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଫାଇନାନ୍ସିଆଲ ସର୍ଭିସେସ୍ ପକ୍ଷରୁ ନିକଟରେ ସ୍ୱେଚ୍ଛାସେବୀ ସଙ୍ଗଠନ ପରିବର୍ତ୍ତନକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। କୋଭିଡ୍ ରିଲିଫ୍ ପ୍ରକଳ୍ପ ଓ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ଏକ ମହିନ୍ଦ୍ରା ସୁପ୍ରୋ ଆମ୍ବୁଲାନ୍ସ ଦେଇଛି। ତେବେ ମହିନ୍ଦ୍ରା ଫାଇନାନ୍ସ କମ୍ପାନୀ ଦେଇଥିବା ଆମ୍ବୁଲାନ୍ସ ଜରୁରୀ ଚିକିତ୍ସା ପାଇଁ ଆବଶ୍ୟକ କରୁଥିବା ସମ୍ବେଦନଶୀଳ ବର୍ଗ ନିମନ୍ତେ ସହାୟକ ହେବ। ଆପାତ୍‌କାଳୀନ ପରିସ୍ଥିତିରେ ହସ୍ପିଟାଲରେ ପହଞ୍ଚାଇ ଶାରୀରିକ,ମାନସିକ ଓ ଆର୍ଥିକ ଚାପ ଦୂର କରିପାରିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଦୀପଙ୍କର ବର୍ମା ସର୍କଲ ହେଡ୍ ଫାର୍ମଇକ୍ୟୁପମେଣ୍ଟ ଲୋନସ୍, ମହିନ୍ଦ୍ରା ଫାଇନାନ୍ସ ଆମ୍ବୁଲାନ୍ସ ସେବାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିବା ସହ ଏହାର ଚାବି 'ପରିବର୍ତ୍ତନ' ସଂସ୍ଥାକୁ ପ୍ରଦାନ କରିଥିଲେ।

# ଇଭିରେ ୨୬ବିଲିୟନ ଡଲାର ନିବେଶ କରିବ ରେନୋ-ନିସାନ




**ନୂଆଦିଲ୍ଲୀ,୨୭।୧**

ଫ୍ରାନ୍ସ-ଜାପାନ ଅଟୋ ଆଲାଏନ୍ସ ରେନୋ ଏବଂ ନିସାନ ଭଳି ପ୍ରମୁଖ ଅଟୋଶିଳ୍ପ ଆସନ୍ତା ୫ବର୍ଷ ମଧ୍ୟରେ ୨୩ ବିଲିୟନ ୟୁରୋ (୨୬ ବିଲିୟନ ଡଲାର) ବିନିଯୋଗ କରିବାକୁ ଯୋଜନା ରଖିଛନ୍ତି ବୋଲି ଗୁରୁବାର ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀ କହିଛନ୍ତି। ରେନୋ, ନିସାନ ୨୦୩୦ ସୁଦ୍ଧା ୩୫ ଇଭିର ଏକ ଲାଇନ ଅପ୍ ନିର୍ମାଣ ପାଇଁ ୨୬ ବିଲିୟନ ଡଲାର ବିନିଯୋଗ କରିବେ ବୋଲି କୁହାଯାଇଛି। କ୍ଲିନର ଡ୍ରାଇଭିଂ ଯୁଗରେ ପ୍ରତିଯୋଗିତା ବଜାୟ ରଖିବା ପାଇଁ କମ୍ପାନୀଗୁଡିକ ଏହି ବିନିଯୋଗ ଯୋଜନା ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି। ସେହିଭଳି ଦୀର୍ଘ ୨ଦଶନ୍ଧିର ପୁରୁଣା ମିଳିତ ମଞ୍ଚରେ ମିତ୍‌ସୁବିଶି ମୋଟର୍ସ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ଫଳରେ ଏହା ବୈଦ୍ୟୁତିକ ଯାନ (ଇଭି) ପାଇଁ ସାଧାରଣ ପ୍ଲାଟଫର୍ମ ସଂଖ୍ୟାକୁ ୪ରୁ ୫କୁ ବୃଦ୍ଧି କରିବ ବୋଲି କୁହାଯାଇଛି। ୨୦୩୦ ସୁଦ୍ଧା ସେମାନେ ୩୫ ଟି ଯାନର ମିଳିତ ଇଭି ଲାଇନ୍ ଅପ୍ ନିର୍ମାଣ କରିବେ ବୋଲି କମ୍ପାନୀଗୁଡିକ ମତବ୍ୟକ୍ତ କରିଛନ୍ତି। ଏହି ମିଳିତ ମଞ୍ଚ ବିଶ୍ୱ ବଜାରକୁ ଲକ୍ଷ୍ୟକରି ୨୦୩୦ ସୁଦ୍ଧା ଖର୍ଚ୍ଚ ହ୍ରାସ କରିବା ଏବଂ ୩୫ଟି ନୂତନ ବୈଦ୍ୟୁତିକ ଯାନ ଉତ୍ପାଦନ ପାଇଁ ଆବଶ୍ୟକ ଗବେଷଣା, ଅଟୋପାର୍ଟସ୍ ଏବଂ ଟେକ୍ନୋଲୋଜି ଭଳି ପ୍ରମୁଖ ଅଂଶୀଦାର କରିବ। ଏହି ଯାନଗୁଡିକ ପାଞ୍ଚଟି ସାଧାରଣ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏ ବ୍ୟବହାର କରିବ, ଯେଉଁଥିରେ ମୁଖ୍ୟ ଯାନଗୁଡ଼ିକ ଉପରେ ନିର୍ମିତ, ଏହି ଇଲେକ୍ଟ୍ରିକ୍ ଯାନ ପାଇଁ ନିସାନ ମୋଟର କମ୍ପାନୀ ପରବର୍ତ୍ତୀ ପିଢ଼ିର ବ୍ୟାଟେରି ବିକାଶରେ ନେତୃତ୍ୱ ନେବ। ରେନୋଲ୍ଟ ଲକ୍ଷ ଲକ୍ଷ ଯାନକୁ ସଂଯୋଗ କରିବା ଏବଂ ଡିଜିଟାଲ ସେବା ଓ ବୈଶିଷ୍ଟ୍ୟ ଯୋଗାଇବା ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ସଫ୍ଟୱେରର ବିକାଶର ନେତୃତ୍ୱ ନେବ। ନିକଟରେ ମଞ୍ଚର ଅଧ୍ୟକ୍ଷ ଜାନ-ଡୋମିନିକ୍ ସେନାର୍ଡ ମତବ୍ୟକ୍ତ କରିଛନ୍ତି, ସମଗ୍ର ବିଶ୍ୱରେ ଅଟୋମେକର୍ସମାନେ ଖର୍ଚ୍ଚ କମ୍ କରିବା ଏବଂ ମିଳିତ ସହଯୋଗ କରିବାକୁ କମ୍ପାନୀଗୁଡ଼ିକ ଚେଷ୍ଟା କରୁଛନ୍ତି। କୋଭିଡ୍ ଯୋଗୁ ବିଭିନ୍ନ ସମସ୍ୟା ଓ ଯୋଗାଣ ଭଳି ଘଟଣା, ଯାହା ଉତ୍ପାଦନକୁ ହ୍ରାସ କରୁଛି। ଜଳବାୟୁ ପରିବର୍ତ୍ତନକୁ ନେଇ ବର୍ତ୍ତମାନ ଚିନ୍ତା ବଢ଼ୁଛି। ପୂର୍ବ ଅପେକ୍ଷା ଏହା ସମନ୍ୱୟକୁ ଅଧିକ ଜରୁରୀ କରିଦେଇଛି। ଉପାଦାନ, ଉତ୍ପାଦନ ଏବଂ ଅନୁସନ୍ଧାନ ଭଳି ସୁବିଧା ରେନୋଲ୍ଟ-ନିସାନ-ମିତ୍‌ସୁବିଶି ମିଳିତ ମଞ୍ଚ ପାଇଁ ଲାଭଦାୟକ ହେବ ବୋଲି ନିସାନ ମୁଖ୍ୟ କାର୍ଯ୍ୟନିର୍ବାହୀ ମାକୋଟୋ ଉଚିଡା କହିଛନ୍ତି।

## ଟାଟା ଟି ପ୍ରିମିୟମ ପକ୍ଷରୁ 'ଦେଶ୍ କି ଖାଙ୍କ' ଅଭିଯାନ

**ଭୁବନେଶ୍ୱର,୨୭।୧**



ସାରା ଦେଶ ୭୩ତମ ଗଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ଟାଟା ଟି ପ୍ରିମିୟମ ପକ୍ଷରୁ ଦେଶ୍ କି ଖାଙ୍କ (ପ୍ରଜ୍ଞାପନ ମେଡ୍) ଅଭିଯାନ ଜରିଆରେ ଭାରତର ସ୍ୱତନ୍ତ୍ର ବିବିଧତାର ଉତ୍ସବ ପାଳନ କରାଯାଇଛି। ରାଜ୍ୟ ସ୍ୱତନ୍ତ୍ର ଫ୍ୟାକକୁ ଅନୁପ୍ରାଣିତ ହୋଇ ପ୍ରତି ପ୍ରଜ୍ଞାପନ ମେଡ୍‌କୁ ସେହି ଅଞ୍ଚଳର ଗୌରବର ପରିଚିତ ଉପାଦାନ, ପରମ୍ପରା ଓ ସଂସ୍କୃତି ଆଦିର ପ୍ରତିଫଳନ ଭାବେ ମେଡ୍‌ର ପ୍ରସ୍ତୁତ କରାଯାଇଛି। ଗଣତନ୍ତ୍ର ଦିବସ ଅବସରରେ କମ୍ପାନୀର ଏହି ଅଭିଯାନ ହେଉଛି ବିବିଧ ଉପାଦାନର ମିଶ୍ରଣ ପ୍ରତି ଏକ ସମର୍ପଣ, ଯାହା ଜରିଆରେ ଦେଶକୁ ଏକ ସ୍ୱତନ୍ତ୍ର ପରିକଳ୍ପନା କରିପାରିଛି। ଦିଲ୍ଲୀଠାରୁ ଦମ୍‌ଦାର ଭାବ ରଖିଥିବା ଉତ୍ତରପ୍ରଦେଶ, ମାନବିକତା ପାଇଁ ପରିଚିତ ବଡ଼ ହୃଦୟର ଅଧିକାରୀ ପଞ୍ଜାବ ଠାରୁ ଆରମ୍ଭକରି ହରିୟାଣା, ସ୍ୱାଦଭରା ବିହାର ଯାହା ନିଜର ସମୃଦ୍ଧ ଇତିହାସ ପାଇଁ ଜଣାଶୁଣା ଓ ପଶ୍ଚିମବଙ୍ଗର ରସଭରା ଚରିତ୍ର, ସଂକଳ୍ପବଦ୍ଧ ଓଡ଼ିଶା ଓ ସର୍ବଗୁଣସମ୍ପନ୍ନ ମହାରାଷ୍ଟ୍ର ପର୍ଯ୍ୟନ୍ତ ବ୍ୟାପି ରହିଛି। ଏହି ଅଭିଯାନ ଜରିଆରେ ଟାଟା ଟି ପ୍ରିମିୟମ ବିଭିନ୍ନ ଅଞ୍ଚଳର ଲୁକ୍କାୟିତ ଭାବକୁ ଧରି ରଖିଛି। ଏ ସମ୍ପର୍କରେ ଟାଟା କନ୍‌ଜ୍ୟୁମର ପ୍ରଡକ୍ଟସ୍‌ର ସଭାପତି, ପ୍ୟାକେଜ୍ଡ ବେଭେରେଜେସ୍ (ଭାରତ ଓ ଦକ୍ଷିଣ ଏସିଆ) ପୁନିତ ଦାସ କହିଛନ୍ତି, ସର୍ବଦା ସ୍ଥାନୀୟ ସ୍ୱାଦକୁ ଅଗ୍ରାଧିକାର ଦେବା ହେଉଛି ଟାଟା ଟି ପ୍ରିମିୟମର ବିଶେଷତା। ସାରା ଭାରତର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଗ୍ରାହକମାନଙ୍କ ସ୍ୱାଦର ଅଗ୍ରାଧିକାର ଅନୁସାରେ ଆମେ ସ୍ୱତନ୍ତ୍ର ମିଶ୍ରଣ ପ୍ରଦାନ କରୁଛୁ। ବିଭିନ୍ନ ରାଜ୍ୟର ସ୍ଥାନୀୟ ପରମ୍ପରା ଅନୁସାରେ ସ୍ୱତନ୍ତ୍ର ରାଜ୍ୟଭିତ୍ତିକ ପ୍ୟାକେଜିଂ ଓ ଯୋଗାଯୋଗ ସହ ଭାରତର ସମୃଦ୍ଧ ବିବିଧତାକୁ ପାଳନ କରୁଛି।

# ହିରୋ ଏକ୍ସ ପ୍ଲସ୍ ୨୦୦ ୪ଭାଲ୍‌ଭେର ବୁକିଂ ଆରମ୍ଭ

**ନୂଆଦିଲ୍ଲୀ,୨୭।୧**

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ ସଂସ୍ଥା ହିରୋ ମୋଟୋକର୍ପ ଏହାର ନବୀନତମ ମଟର ସାଇକେଲ ଏକ୍ସ ପ୍ଲସ୍ ୨୦୦ ୪ ଭାଲ୍‌ଭେର ଅନ୍‌ଲାଇନ ବୁକିଂ ଆରମ୍ଭ ସମ୍ପର୍କରେ ନିକଟରେ ଘୋଷଣା କରିଛି। ଏହାର ପ୍ରଥମ ପର୍ଯ୍ୟାୟ ଉତ୍ପାଦ ସମ୍ପୂର୍ଣ୍ଣ ବିକ୍ରି ହୋଇଯିବା ପରେ କମ୍ପାନୀ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବୁକିଂ ଗ୍ରହଣ ଆରମ୍ଭ କରିଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ମୁଖ୍ୟ (ବିକ୍ରୟ ଏବଂ ବିକ୍ରୟ ପରବର୍ତ୍ତୀ) ନବୀନ ଚୌହାନ କହିଥିଲେ, ଏକ ଅଦ୍ୱିତୀୟ ଅଭିଜ୍ଞତା ପ୍ରଦାନ କରୁଥିବା ଯାନ ପାଇଁ ସର୍ବଦା ଜଣାଶୁଣା ହିରୋ ଏକ୍ସ ପ୍ଲସ୍ ୨୦୦ ଅସାଧାରଣ ପ୍ରଯୁକ୍ତିବିଦ୍ୟା, ଏକ ଆଧୁନିକ ଡିଜାଇନ ଏବଂ ଏକ ଭିନ୍ନ ଆବେଦନ ଦ୍ୱାରା ସମର୍ଥିତ ଆମ ଗ୍ରାହକଙ୍କ ପାଖରୁ ଏକ୍ସ ପ୍ଲସ୍୨୦୦ ୪ ଭାଲ୍‌ଭେ ପାଇଥିବା ଅତ୍ୟଧିକ ସକାରାତ୍ମକ ପ୍ରତିକ୍ରିୟା ଏବଂ ବ୍ୟାପକ ଗ୍ରହଣୀୟତା ପାଇ ଆମେ ଅତ୍ୟନ୍ତ ଆନନ୍ଦିତ। ପ୍ରଥମ ପର୍ଯ୍ୟାୟର ତତ୍‌କ୍ଷଣାତ ବିକ୍ରୟ ହେବା ପ୍ରିମିୟମ ମଟରସାଇକେଲର ଚାହିଦା ଏବଂ ହିରୋ ବ୍ରାଣ୍ଡ ଉପରେ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ପ୍ରଦର୍ଶିତ କରିଛି। ଅନ୍‌ଲାଇନ ବୁକିଂର ଅନ୍ୟ ଏକ ପର୍ଯ୍ୟାୟର ଆରମ୍ଭ ସହିତ ଆମେ ଦେଶରେ ଏକ୍ସ ପ୍ଲସ୍ ୨୦୦ ୪ ଭାଲ୍‌ଭେର କ୍ରମାଗତ ବର୍ଦ୍ଧମାନର ଚାହିଦା ପୂରଣ କରିବାକୁ ଆଶା କରୁଛୁ। ଏହାର ଅନ୍ ରୋଡ୍ ଅଫ୍ ରୋଡ୍ ପ୍ରସ୍ତୁତି ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ବିଶିଷ୍ଟ ଷ୍ଟାଇଲ ସହିତ ଏକ୍ସ ପ୍ଲସ୍ ଭାରତର ପ୍ରଥମ ୨୦୦ସିସି ଦୁଃସାହସିକ ମଟରସାଇକେଲ ଏପ୍ରିଲ୨୦୧୯ରେ ଆରମ୍ଭ ହେବ। ଦିନଠାରୁ ସାରା ବିଶ୍ୱର ଯୁବକମାନଙ୍କୁ ଆକର୍ଷିତ କରି ରଖିଛି। ଏକ୍ସ ପ୍ଲସ୍ ୨୦୦କୁ ଭାରତୀୟ ଦୁଇ ଚକିଆ ଉଦ୍ୟୋଗରେ ସବୁଠାରୁ ସମ୍ମାନଜନକ ପୁରସ୍କାର ଭାରତୀୟ ମଟରସାଇକେଲ ଅଫ୍ ଦି ଇୟର-୨୦୨୦ ଭାବରେ ନାମିତ କରାଯାଇଥିଲା।




## ସେନ୍‌ସେକ୍ସ ୫୮୧ ପଏଣ୍ଟ ହ୍ରାସ

**ମୁମ୍ବାଇ,୨୭।୧**

ବିଗତ ଏକ ମାସ ଧରି ଶେୟାର ବଜାରର ଫଳାଫଳ ଲୁଚକାଳି ଖେଳୁଛି। ଫଳରେ ଏହାର ନିବେଶକମାନେ କୋଟି କୋଟି ଟଙ୍କାର କ୍ଷତି ସହୁଛନ୍ତି। ଲଗାତର ୫ ଦିନ ଶେୟାର ବଜାର ତଳମୁହାଁ ରହିଲା ପରେ କ୍ରମାଗତ ୨ଦିନ ଭଲ କାରବାର କରିଥିଲା। ଗଣତନ୍ତ୍ର ଦିବସ ଉତ୍ସବର ରଙ୍ଗକୁ ଗୁରୁବାରର ବଜାର ବେଞ୍ଚମାର୍କ ୧% ହ୍ରାସ ହେବା ଦ୍ୱାରା ନିବେଶକଙ୍କ ଉତ୍ସାହ କମିଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୧ ପଏଣ୍ଟ ହ୍ରାସ ପାଇ ୫୭,୨୭୭ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟିରେ ୧୬୮ ପଏଣ୍ଟ ହ୍ରାସ ଘଟି ୧୭,୧୧୦ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୫୮୧.୨୧ ପଏଣ୍ଟ କମି ୫୭,୨୭୬.୯୪ ଅଙ୍କରେ ରହିଥିବାବେଳେ ନିଫ୍ଟି ୧୬୭.୮୦ ପଏଣ୍ଟ ଖସି ୧୭,୧୧୦.୧୫ ଅଙ୍କରେ କାରବାର ବନ୍ଦ ହୋଇଛି।

## ଗ୍ରୀନ୍ ଟେକ୍ନୋଲୋଜି ବର୍ଗରେ ବେଦାନ୍ତକୁ ସ୍ୱର୍ଣ୍ଣ ପୁରସ୍କାର



**ଭୁବନେଶ୍ୱର,୨୭।୧**

ବେଦାନ୍ତ ଆଲୁମିନିୟମ ଓ ଷ୍ଟାର୍ଟ ଅପ୍ ୟୁନିଟ ରୁନୟା ରିଫାଇନିଂକୁ ଚଳିତ ବର୍ଷର ପୁନଃ ଚକ୍ରଣ କିମ୍ବା ସାମଗ୍ରୀ ପୁନରୁଦ୍ଧାର ବର୍ଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି 'ଗ୍ରୀନର ଟୁମୋରୋ ଆୱାର୍ଡସ-୨୦୨୨ ପାଇଁ (ବିଜ୍‌ନେସ୍ ୱାର୍ଲଡ) .ବିଡବ୍ଲ୍ୟୁ ଠାରେ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଛି। ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡ଼ା (ଓଡ଼ିଶା) ଏବଂ ବାଲ୍‌କୋ(ଛତିଶଗଡ଼)ଠାରେ ଥିବା ସ୍ମେଲ୍‌ଟର ପ୍ଲାଣ୍ଟରେ ଦେଶର ଅଧାରୁ ଅଧିକ ଆଲୁମିନିୟମ ଉତ୍ପାଦନ (୧.୯୭ ନିୟୁତ ମେଟ୍ରିକ ଟନ୍) କରିଥାଏ। ସମୁଦାୟ ପରିମାଣର ପ୍ରାୟ ୧.୫% ଆଲୁମିନିୟମ ଡ୍ରସ୍ ଆକାରରେ ନଷ୍ଟ ହେଉଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବିଜ୍‌ନେସ) ରାହୁଲ ଶର୍ମା କହିଛନ୍ତି, ବେଦାନ୍ତ ଆଲୁମିନିୟମଠାରେ ଆମର କାର୍ଯ୍ୟକୁ ସ୍ଥାୟୀ କରିବା, ସର୍କୁଲାର ଅର୍ଥ ବ୍ୟବସ୍ଥା ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଆମେ ଲିଡିଂ-ଏଜ୍ ଗ୍ରୀନ୍ ବୈଷୟିକକୁ ଉତ୍ତୋଳନ ଏବଂ ଗ୍ରହଣ କରିବାକୁ ଆଗ୍ରହୀ।

# ପଞ୍ଜାବ କେଶରୀ

## ଲାଲା ଲଜପତ ରାୟ



**ଦେ**ଶର ସ୍ୱାଧୀନତା ସଂଗ୍ରାମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଲାଲା ଲଜପତ ରାୟ। ସେ ପଞ୍ଜାବ କେଶରୀ ଭାବେ ବେଶ୍ ଜଣାଶୁଣା ଥିଲେ। ୧୮୬୫ ଜାନୁୟାରୀ ୨୮ରେ ସେ ପଞ୍ଜାବର ଲୁଧିୟାନା ଜିଲାର ଧୁଦିକାଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମୁନ୍‌ସୀ ରାଧା କ୍ରିଷ୍ଣ ଅଗ୍ରୱାଲ ଏବଂ ମାତା ଗୁଲାବ ଦେବୀ ଥିଲେ। ପିତା ସରକାରୀ ସ୍କୁଲରେ ଉର୍ଦ୍ଦୁ ଏବଂ ପାର୍ସୀ ପଢ଼ାଉଥିଲେ। ଲଜପତଙ୍କ ଜୀବନର ଅଧିକ ସମୟ ଜାଗରାଓଁରେ ବିତିଥିଲା। ସ୍ଥାନୀୟ ଆର୍.କେ. ହାଇସ୍କୁଲରେ ସେ ଅଧ୍ୟୟନ କରିଥିଲେ। ୧୮୭୦ରେ ପିତାଙ୍କର ରେୱାରୀକୁ ସ୍ଥାନାନ୍ତର ହୋଇଥିଲା। ୧୮୯୪ରେ ଲଜପତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ଲକ୍ଷ୍ମୀ ଇନ୍‌ସ୍ୟୁରାନ୍ସ କମ୍ପାନୀ ସହିତ ଜଡ଼ିତ ଥିଲେ। ଭାରତୀୟ ସାମ୍ବିଧାନିକ ସଂସ୍କାର ପାଇଁ ବ୍ରିଟେନ ଦ୍ୱାରା ଗଠିତ ସାଇମନ କମିଶନଙ୍କ ବିରୋଧରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବା ସମୟରେ ପୋଲିସର ଲାଠିମାଡ଼ରେ ସେ ଗୁରୁତର ଆହତ ହୋଇଥିଲେ। ଏହାର କିଛି ସପ୍ତାହ ପରେ ତାଙ୍କର ମୃତ୍ୟୁ ୧୯୨୮ ନଭେମ୍ବର ୧୭ରେ ଘଟିଥିଲା। ପ୍ରତିବର୍ଷ ଜାନୁୟାରୀ ୨୮ରେ ତାଙ୍କର ଜୟନ୍ତୀ ପାଳିତ ହୋଇଥାଏ। ତାଙ୍କର ଦେଶପ୍ରେମ ଭାବନା ଯୁଗଯୁଗ ଧରି ଭାରତୀୟ ସମାଜକୁ ପ୍ରେରଣା ପ୍ରଦାନ କରୁଥିବ।

**ଫୁର୍‌ସତ୍**

# ସୁରଜଙ୍କ ହାତ ଧରିଲେ ମୌନୀ

**ପଣଜୀ:** ବଲିଉଡ୍ ଏବଂ ଟଲିଉଡ୍ ଅଭିନେତ୍ରୀ ତଥା ନାଗିନ ଫେମ୍ ମୌନୀ ରୟ ତାଙ୍କ ବୟଫ୍ରେଣ୍ଡ ସୁରଜ ନାମ୍ବିଆରଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଗୋଆରେ ପ୍ରଥମେ ତାଙ୍କ ମେହେନ୍ଦୀ, ସଙ୍ଗୀତ ପରେ ବିବାହ ସମ୍ପନ୍ନ ହୋଇଛି। ଦୁହିଁଙ୍କ ବିବାହ ୨ ଥର କରାଯାଇଛି। ବି-ଟାଉନ ସୂଚନା ମୁତାବକ, ୩୬ ବର୍ଷୀୟା ମୌନୀ ବଙ୍ଗାଳୀ ହୋଇଥିବାବେଳେ ତାଙ୍କ ସ୍ୱାମୀ ତଥା ସୁରଜ ଦକ୍ଷିଣ ଭାରତର ବାସିନ୍ଦା। ତେଣୁ ନିଜ ସଂସ୍କୃତିକୁ ସମ୍ମାନ ଦେଇ ଦୁହିଁଙ୍କ ମଧ୍ୟରେ ୨ଥର ବିବାହ ସମ୍ପନ୍ନ ହୋଇଛି। ପ୍ରଥମେ ବଙ୍ଗଳୀ ଏବଂ ପରେ ମାଲୟଲମ୍ ରୀତିନୀତିରେ ବାହାଘର ହୋଇଛି। ମୌନୀ ଓ ସୁରଜ ଉଭୟ ବଙ୍ଗଳା ଏବଂ ଦକ୍ଷିଣ ଭାରତୀୟ ପ୍ରଥା ଅନୁସାରେ ବିବାହ କରିବାକୁ ପୂର୍ବରୁ ଇଚ୍ଛା କରିଥିଲେ। ବିବାହ ମଣ୍ଡପରେ ମୌନୀ ଏକ ଧଳା ଓ ଲାଲ୍ ରଙ୍ଗର ଶାଢିରେ ନଜର ଆସିଛନ୍ତି। ବିବାହରେ ଯୋଗ ଦେଇଥିବା ଅଭିନେତ୍ରୀ ମନ୍ଦିରା ବେଦୀ ବାହାଘର ବେଳର ଫଟୋ ଶେୟାର କରିଛନ୍ତି। ଦୁହେଁ ୨୦୧୯ରୁ ପରସ୍ପରକୁ ଡେଟ୍ କରୁଥିଲେ। ମୌନୀ ନିଜ ଅଭିନୟ କ୍ୟାରିୟର ଟିଭିରୁ ହିଁ ଆରମ୍ଭ କରିଥିଲେ। ସେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ କାମ କରିଥିବାବେଳେ ସୁରଜ ଦୁବାଇର ଜଣେ ବ୍ୟାଙ୍କର ଏବଂ ବିଜନେସ୍ ମ୍ୟାନ।



# ନେଟ୍‌ଫ୍ଲିକ୍ସରେ ମାଧୁରୀଙ୍କ 'ଦ ଫେମ୍ ଗେମ୍'



**ମୁମ୍ବାଇ:** ମାଧୁରୀ ଦୀକ୍ଷିତ ଏବେ ଡିଜିଟାଲ ଦୁନିଆରେ ପାଦ ଦେଇଛନ୍ତି। ତାଙ୍କ ୱେବ୍ ସିରିଜ 'ଦ ଫେମ୍ ଗେମ୍'ର ପୋଷ୍ଟର ରିଲିଜ ହୋଇଛି। ଏଥିରେ ମାଧୁରୀ ଅନାମିକା ଆନନ୍ଦଙ୍କ ଭୂମିକାରେ ନଜର ଆସିବେ। ଏହାର ନିର୍ମାତା କରନ ଜୋହର ୱେବ୍ ସିରିଜର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଫାଇଣ୍ଡିଂ ଅନାମିକାରୁ ଏହାର ନାମ ବଦଳାଯାଇ 'ଦ ଫେମ୍ ଗେମ୍' ନାମ ଦିଆଯାଇଛି। ୱେବ୍ ସିରିଜ୍‌ଟି ୨୫ ଫେବୃୟାରୀରେ ନେଟ୍‌ଫ୍ଲିକ୍ସରେ ଆସିବ।

**ବିବାହ ଶୁଭେଚ୍ଛା**



**ସରୋଜ ସହିତ ମିଲି**
ବୁଗୁବୁଗା, ଅତାବିରା, ବରଗଡ଼
ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ଲିପ୍‌ସା, ଆଲିସା, ସୋନାଲିସା, ରୋଜାଲିସା, ଅଭିଲିପ୍‌ସା, ଅଭିଳାଷା, ଅଭିଜିତ୍, ସତ୍ୟଜିତ୍ ଓ ଖମାରୀ ପରିବାରବର୍ଗ
D-22959

**CLASSIFIED DISPLAY**
ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

for Booking Contact: 0674-2580385, 8637280816, 7894447167, 9338226625

# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




**✓ଶଙ୍କର ମିଶ୍ର**
ଶ୍ରୀରାମଚନ୍ଦ୍ରପୁର ଶାସନ, ସାକ୍ଷୀଗୋପାଳ
ଆବିର୍ଭାବ : ୦୯.୦୭.୧୯୨୫
ତିରୋଧାନ : ୧୯.୦୧.୨୦୨୨
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପତ୍ନୀ- ମୀନା ମିଶ୍ର, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣ ନାତି, ଅଣ ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୬୭୬୪୨

**ଦ୍ୱାଦଶାହ ଉପଲକ୍ଷେ**



**✓ବସୁନ୍ଧରା ତ୍ରିପାଠୀ**
ଅମ୍ରିତା ପ୍ୟାଲେସ, ସତ୍ୟନଗର, ଭୁବନେଶ୍ୱର
ଅବିର୍ଭାବ: ୨୨.୦୮.୧୯୩୫
ତିରୋଧାନ: ୧୭.୦୧.୨୦୨୨
ବୋଉ ତୁମର ସ୍ନେହ, ଅନୁଶାସନ, ଭଲପାଇବା ଆମ୍ଭମାନଙ୍କ ପାଇଁ ସଦା ସର୍ବଦା ସ୍ମରଣୀୟ ହୋଇ ରହିବ ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ
ହତଭାଗ୍ୟ ପୁତ୍ର, ପୁତ୍ରବଧୂ, କନ୍ୟାମାନେ
ବେଙ୍କି, ବୁଲ୍ଲା, ବୁଲ୍ଲ, ବୁବୁ, ବାବୁଲି, ବିନ୍ଦୁ
କାଳିଚରଣ, ଜୀବନ ଏବଂ ନାତି ନାତୁଣୀମାନେ
ଧ-୨୨୯୬୦

**୧୩ତମ ଶ୍ରାଦ୍ଧବାର୍ଷିକୀ**



**✓ଡାକ୍ତର ବ୍ରହ୍ମାନନ୍ଦ ସାବତ**
ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ
ଆବିର୍ଭାବ : ୧୯୪୧ ଫେବୃୟାରୀ ୨୧ ତାରିଖ (ଗୁରୁବାର)
ତିରୋଧାନ : ୨୦୦୯ ଜାନୁଆରୀ ୨୮ ତାରିଖ (ବୁଧବାର)
ତୁମର ଅତୁଟ ସ୍ନେହ, ପ୍ରେମ, ଧର୍ମନିଷ୍ଠା, ସେବାପରାୟଣତା ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତୁମେ ଚିରଦିନ ଆମ ପାଖରେ ଅମର ହୋଇ ରହିଅଛ ଓ ରହିଥିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଚିରଦିନ ସଦ୍‌ଗତି ଓ ଶାନ୍ତି ଦିଅନ୍ତୁ । ଏତିକି ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ ।
ଚିରଦୁଃଖୀ ତୁମର ସ୍ତ୍ରୀ ଓ ପିଲାମାନେ
ଧ-୭୧୦୧୨

**ଦଶାହ ଉପଲକ୍ଷେ**



**✓ ଜୟନ୍ତୀ ମହାପାତ୍ର**
ଆବିର୍ଭାବ: ୧୩.୧୦.୧୯୩୮
ତିରୋଧାନ: ୧୯.୦୧.୨୦୨୨
(ମାଘ କୃଷ୍ଣପକ୍ଷ ଦ୍ୱିତୀୟା)
ବୋଉ, ତୋ ମମତାର ବିକଳ୍ପ ନାହିଁ। ତୁ ଆକାଶଠୁ ବିଶାଳ। ଧରିତ୍ରୀ ଠାରୁ ମହାନ। ତୁ ପ୍ରତି ମୁହୂର୍ତ୍ତରେ ଆମ ଚିନ୍ତା, ଚେତନାକୁ ଘେରି ରହୁଥିଲୁ, ଆମକୁ ଦେଉଥିଲୁ ପ୍ରେରଣା। ଆଜି ତୋ ଆବର୍ତ୍ତମାନରେ ଆମେ ସବୁ ଯେମିତି ସାହାଶୂନ୍ୟ ହୋଇଯାଇଛୁ। ତୁ ଆମକୁ ତୋ ସ୍ନେହର ପଣତରେ ଘୋଡାଇ ରଖିଥା। ତୋ ଆତ୍ମାର ସଦ୍‌ଗତି କାମନା କରୁଛୁ।
॥ ଇତି ॥
ଶୋକସନ୍ତପ୍ତ
ପୁଅ, ଝିଅ ଓ ପରିବାର
ଧ-୭୦୯୯୧

## ସୁରକ୍ଷା ହିଁ ସର୍ବୋତ୍ତମ ଅଭ୍ୟାସ

**ଡାଟା ଗୋପନୀୟତା ଦିବସ**

**ପୃ**ଥିବୀରେ ପ୍ରଯୁକ୍ତି ବିଦ୍ୟାର ବିକାଶ ଧାରା ଜାରି ରହିଛି। ତେବେ ଏହା ସହିତ ହ୍ୟାକରମାନଙ୍କର ସାଇବର କ୍ରାଇମ୍ ମଧ୍ୟ ଏକ ସଙ୍କଟ ସୃଷ୍ଟି କରିଛି। ତେବେ ଏକ୍ଷେତ୍ରରେ ସୁରକ୍ଷାକୁ ହିଁ ସର୍ବୋତ୍ତମ ଅଭ୍ୟାସ ଭାବେ ଗ୍ରହଣ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ୟୁଜରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୨୮ରେ ଡାଟା ଗୋପନୀୟତା ଦିବସ ପାଳନ କରାଯାଇଥାଏ। ଏହି ଦିବସ ପୃଥିବୀର ବିଭିନ୍ନ ଦେଶରେ ପାଳିତ ହୋଇଥାଏ। ସୂଚନାର ଗୋପନୀୟତା ରକ୍ଷା କରିବାର ଗୁରୁତ୍ୱ ବିଷୟରେ ବିଶେଷ ଭାବରେ ସୋସିଆଲ ନେଟୱର୍କିଂ ପ୍ରସଙ୍ଗରେ ଏହି ଦିବସ ପାଳନ ଅବସରରେ ଅଧିକ ଧ୍ୟାନ ଦିଆଯାଇଥାଏ। ସଚେତନତା ଅନ୍ତର୍ଗତ ବ୍ୟକ୍ତିଗତ ଚିହ୍ନଟଯୋଗ୍ୟ ସୂଚନା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ଡାଟା ଗୋପନୀୟତା ପାଇଁ ୨୦୦୭ ଜାନୁୟାରୀ ୨୮ଠାରୁ ଏହି ଦିବସ ପାଳନ କରାଯାଉଛି। ତେବେ ଦୁଇ ବର୍ଷ ପରେ, ୨୬ ଜାନୁୟାରୀ ୨୦୦୯ରେ, ଆମେରିକା ସଂସଦରେ ବିଧିବଦ୍ଧ ଭାବେ ଏକ ପ୍ରସ୍ତାବ ପାରିତ ହୋଇ ଏହି ଦିବସକୁ ୨୮ ଜାନୁୟାରୀରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୦ ଏବଂ ୨୦୧୧ରେ ଆମେରିକାର ସିନେଟ ମଧ୍ୟ ଡାଟା ଗୋପନୀୟତା ଦିବସକୁ ସ୍ୱୀକୃତି ଦେଇଥିଲା ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ
8882703236
9717049785

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**HINDUSTAN FINANCE LIMITED**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କୋଭିଡ୍-୧୯ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୨ ଡାକାର ରାଲି ଏଥର ସାଉଦି ଆରବରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଅମାଉରୀ ସ୍ପୋର୍ଟ୍ସ ଅର୍ଗାନାଇଜେଶନ (ଏଏସ୍ଓ) ଦ୍ୱାରା ଆୟୋଜିତ ରାଲିର ଏହି ୪୪ତମ ସଂସ୍କରଣରେ ଗତ ଜାନୁୟାରୀ ୧ରୁ ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହୋଇଛି। ସାଣ୍ଡ, ରକ୍, ଡର୍ଟ ଓ ଟରମାକ ସର୍ଫେସ ଉପରେ ୧୨ଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିବା ଏହି ରାଲିରେ କାତାରର ନାସିର ଅଲ-ଆତିହା କାର, ବ୍ରିଟେନର ସାମ ସଦରଲାଣ୍ଡ ବାଇକ୍, ଫ୍ରାନ୍ସର ଆଲେକ୍‌ଜାଣ୍ଡର ଗିରୋଡ କ୍ୱାଡ, ରୁଷିଆର ଡିମିଟ୍ରି ସୋଟନିକୋଭ ଟ୍ରକ୍ ୱିନର ବିବେଚିତ ହୋଇଛନ୍ତି। ନାସିର ଚତୁର୍ଥଥର ପାଇଁ ଡାକାର ରାଲି ଟାଇଟଲ ଜିତିଛନ୍ତି...**

# ଡାକାର ରାଲି ୨୦୨୨



ଡାକାର ରାଲି ଏକ ଅଫ୍ ରୋଡ ସାହସିକ ତଥା ବିପଜ୍ଜନକ ରେସିଂ ଇଭେଣ୍ଟ। ରାଇଡରମାନେ ବିଭିନ୍ନ ଗାଡି ଅର୍ଥାତ୍ ଅଫ ରୋଡ ଭେଇକଲ୍ସ ଓ ମୋଟର ସାଇକେଲରେ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥାନ୍ତି। ଏହା ପାରମ୍ପିକ ରାସ୍ତା ଉପରେ ଆୟୋଜିତ ନ ହୋଇ ଅଫ୍ ରୋଡ ବା ବିଭିନ୍ନ ଭୂରୂପ ଉପରେ ଆୟୋଜିତ ହୋଇଥାଏ। ତେଣୁ ଏହି ରେସ୍‌ରେ ଡ୍ରାଇଭର ତଥା ରାଇଡରମାନେ ଏକାଧିକ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାନ୍ତି। ୧୨ଟି ପର୍ଯ୍ୟାୟରେ ଏହି ରାଲି ଏଥର ସବୁଥର ଭଳି ଆୟୋଜିତ ହୋଇଛି। ଏଥର ଏହି ଇଭେଣ୍ଟର ୪୪ତମ ସଂସ୍କରଣ ସାଉଦି ଆରବରେ ଅନୁଷ୍ଠିତ ହୋଇଛି। ଏହି ରାଲି ଏଥର ହେଲ୍‌ରୁ ଗତ ଜାନୁୟାରୀ ୧ରୁ ଆରମ୍ଭ ହୋଇ ଜେଦାଠାରେ ୧୪ ତାରିଖରେ ଶେଷ ହୋଇଥିଲା। ଟୁର ଡି ଫ୍ରାନ୍ସ ଓ ଅନ୍ୟ ହାଇପ୍ରୋଫାଇଲ ସାଇକେଲ ରେସ୍ ଆୟୋଜନ କରୁଥିବା ଫ୍ରାନ୍ସର ଏକ ମିଡିଆ ଗ୍ରୁପ୍ ଆମାଉରୀ ସ୍ପୋର୍ଟ୍ସ ଅର୍ଗାନାଇଜେଶନ (ଏଏସ୍ଓ) ଏହି ରାଲିକୁ ମଧ୍ୟ ଆୟୋଜନ କରିଥାଏ। ପୂର୍ବରୁ ଏହି ରାଲି ୧୯୭୯ରୁ ୨୦୦୭ ମଧ୍ୟରେ ୟୁରୋପ ଓ ଆଫ୍ରିକା ମହାଦେଶରେ ଆୟୋଜିତ ହୋଇଥିଲା। ଏହାପରେ ୨୦୦୯ରୁ ୨୦୧୯ ମଧ୍ୟରେ ଏହା ଦକ୍ଷିଣ ଆମେରିକାରେ ଆୟୋଜିତ ହୋଇଥିଲା। ୨୦୨୦ରୁ ୨୦୨୨ ମଧ୍ୟରେ ଏହା ସାଉଦି ଆରବରେ ଆୟୋଜିତ ହୋଇଛି। ୨୦୨୩ରୁ ଆଗକୁ ଏହା ମଧ୍ୟପ୍ରାଚ୍ୟରେ ଆୟୋଜିତ ହେବ। ୧୯୭୯ରେ ପ୍ରଥମଥର ପାଇଁ ଏଭଳି ରାଲି ଆୟୋଜିତ ହୋଇଥିଲା। ଏହି ବର୍ଷ ଡାକର ରାଲି ପ୍ରଥମେ ପ୍ୟାରିସରୁ ଆରମ୍ଭ ହୋଇ ସାହାରା ଦେଇ ସେନେଗାଲ ରାଜଧାନୀରେ ଶେଷ ହୋଇଥିଲା। ତେବେ ଏହା ସୁରକ୍ଷା ଓ ନିରାପତ୍ତା କାରଣରୁ ସାଉଦି ଆରବକୁ ସ୍ଥାନାନ୍ତର ହୋଇଥିଲା।

ବିଭିନ୍ନ ଗାଡି ଓ ବର୍ଗକୁ ଆଧାରିତ କରି ଡାକାର ରାଲିର ବିଭିନ୍ନ ରେସ୍‌ମାନ ଆୟୋଜିତ ହୋଇଥାଏ। କାର, ମୋଟର ବାଇକ, କ୍ୱାଡ୍, ଟ୍ରକ୍, ୟୁଟିଭି, କ୍ଲାସିକକୁ ନେଇ ଏହି ରାଲି ଆୟୋଜିତ ହୋଇଥାଏ ଓ ଏହାର ବିଭିନ୍ନ ବିଜେତାମାନେ ପୁରସ୍କୃତ ହୋଇଥାନ୍ତି। ଏଥର ମଧ୍ୟ ଏହି ବିଭାଗରେ ରେସ୍ ଆୟୋଜିତ ହୋଇଛି। ଏହି ରାଲିର ରୁଟ୍ ଦୈର୍ଘ୍ୟ ମୋଟ ୪,୦୦୦ କି.ମି. ରହିଛି। ଚଳିତବର୍ଷ ଏହି ରୁଟ୍ ଏମ୍ପଟି କ୍ୱାର୍ଟର ସାମିଲ ନ ଥିଲା।

ଏହି ରାଲି ଅବସରରେ ଏକାଧିକ ଅଘଟଣ ଘଟିଥିଲା। ବାଇକ୍ ରାଲିରେ ଏଥର ବ୍ରିଟେନ ରାଇଡର ସାମ ସଦରଲାଣ୍ଡ ୩୮.୪୭.୩୦ ସମୟ ନେଇ ବିଜେତା ଘୋଷିତ ହୋଇଥିଲେ। ସେ ଗ୍ୟାସ ଗ୍ୟାସ୍ ୪୫୦ ରାଲି ଫ୍ୟାକ୍ଟ୍ରି ରପ୍ଲିକା ବାଇକ୍ ରାଇଡ କରି ଚାମ୍ପିୟନ ହୋଇଥିଲେ। ସେହିପରି କ୍ୱାଡ୍ ରାଲିରେ ଫ୍ରାନ୍ସର ଆଲେକ୍‌ଜାଣ୍ଡର ଗିରୋଡ ୟାମା ୟାଇଏଫ୍‌ଜେଡ ୭୦୦ ରାଇଡ୍ କରି ୫୦.୦୦.୦୧ ସମୟ ନେଇ ଚାମ୍ପିୟନ ହୋଇଥିଲେ। ଟ୍ରକ ରାଲିରେ ରୁଷିଆର ଡିମିଟ୍ରି ସୋଟନିକୋଭ ନିଜ କୋ ଡ୍ରାଇଭର ରୁଷ୍ଲାନ ଅଖମାଡିଭଙ୍କ ସହ ଶୀର୍ଷ ସ୍ଥାନରେ ଟାଇଟଲ ହାସଲ କରିଥିଲେ। ରାଲିର ସବୁଠାରୁ ସମ୍ମାନଜନକ ରେସ୍ କାର ରାଲିରେ କାତାର ଡ୍ରାଇଭର ନାସିର-ଅଲ- ଆତିହା ଓ ତାଙ୍କ କୋ ଡ୍ରାଇଭର ଫ୍ରାନ୍ସର ମାଥ୍ୟୁ ବାଉମେଲ ୩୮. ୩୩.୦୩ ସମୟ ନେଇ ଚାମ୍ପିୟନ ହୋଇଥିଲେ।

ଏଥିସହ ୫୧ ବର୍ଷୀୟ ନାସିର ଚତୁର୍ଥ ଥର ପାଇଁ ଡାକର କାର ରାଲି ଟାଇଟଲ ହାସଲ କରିଛନ୍ତି। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସ୍କିଟ୍ ଶୁଟିଂରେ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ବରୁ ସେ ୨୦୧୧, ୨୦୧୫, ୨୦୧୯ରେ ମଧ୍ୟ ଟାଇଟଲ ହାସଲ କରିଥିଲେ। ନାସିର କାତାର ରାଜଧାନୀ ଦୋହାରେ ୧୯୭୦ ଡିସେମ୍ବର ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ୫ ଫୁଟ ୧୦ ଇଞ୍ଚ୍ ଓ ୮୨ କେ.ଜି. ଓଜନ ବିଶିଷ୍ଟ ନାସିର ଏଥର ଚମତ୍କାର ପ୍ରଦର୍ଶନ କରିଥିଲେ। ରାଲି, ରାଲି ରେଡ ଓ ଶୁଟିଂରେ ସେ ନିଜର ପରାକାଷ୍ଠା ପ୍ରମାଣିତ କରିଛନ୍ତି। ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆର ଏକମାତ୍ର ଡ୍ରାଇଭର ଭାବେ ସେ ୪ଥର ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ସାଧାରଣତଃ ଏହି ରାଲିରେ ପାଶ୍ଚାତ୍ୟ ଡ୍ରାଇଭରମାନଙ୍କ ଆଧିପତ୍ୟ ଦେଖିବାକୁ ମିଳିଥାଏ। ସେ ମଧ୍ୟ ପୂର୍ବରୁ ୧୬ଥର ମିଡଲ ଇଷ୍ଟ ରାଲି ଚାମ୍ପିୟନଶିପ ହାସଲ କରିଥିଲେ। ପିଲାଟି ବେଳୁ ସେ ଏହି ସାହସିକ ରାଲି ରେସ୍‌ରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ୫୧ ବର୍ଷରେ ପଦାର୍ପଣ କରିଛନ୍ତି ନାସିର। ତେଣୁ ଫିଟ୍‌ନେସ ବଜାୟ ରହିଲେ ସେ ଆଉ କେତେଥର ମଧ୍ୟ ଏହି ରାଲିରେ ଟାଇଟଲ ହାସଲ କରିବେ ବୋଲି ଆଶା କରାଯାଇପାରେ।

### ୪୪ତମ ସଂସ୍କରଣ

ଆୟୋଜକ ଦେଶ: ସାଉଦି ଆରବ
ତାରିଖ: ୧ରୁ ୧୪ ଜାନୁୟାରୀ
ଆରମ୍ଭ: ହେଲ୍
ଶେଷ: ଜେଦା
ଷ୍ଟେଜ: ୧୨
ଷ୍ଟେଜ୍ ସର୍ଫେସ: ସାଣ୍ଡ, ରକ୍ସ, ଡର୍ଟ, ଟର୍ମାକ୍

**ବିଜେତା**

କାର: ନାସିର ଅଲ-ଆତିହା
ବାଇକ୍: ସାମ୍ ସନ୍ଦରଲାଣ୍ଡ
କ୍ୱାଡ: ଆଲେକ୍‌ଜାଣ୍ଡର ଗିରୋଡ୍
ଲାଇଟ୍ ପ୍ରୋଟୋ ଟାଇପ୍ସ: ଫ୍ରାନ୍ସିସ୍କୋ ଲୋପେଜ କଣ୍ଟାର୍ଡୋ
ଏଏସ୍‌ଭି: ଅଷ୍ଟିନ ଜୋନ୍ସ
ଟ୍ରକ୍ସ: ଡିମିଟ୍ରି ସୋଟନିକୋଭ୍
କ୍ଲାସିକ୍ସ: ସର୍ଜ ମୋଗ୍‌ନୋ



ନାସିର ଅଲ-ଆତିହା

### କାର୍ (ଶ୍ରେଷ୍ଠ- ୫)

| ର୍‍ୟାଙ୍କ | ଡ୍ରାଇଭର | କୋ- ଡ୍ରାଇଭର | କାର |
|---|---|---|---|
| ୧. | ନାସିର ଅଲ- ଅତିହା | ମାଥ୍ୟୁ ବାଉମେଲ | ଟୋୟୋଟା |
| ୨. | ସେବାଷ୍ଟିଆନ ଲୋଏବ | ଫାବିଆନ ଲୁର୍କିନ | ବିଆରଏକ୍ସ ହଣ୍ଟର |
| ୩. | ୟାଜିଦ ଅଲ-ରାଝି | ମାଇକେଲ ଓର | ଟୋୟୋଟା |
| ୪. | ଓର୍ଲାଣ୍ଡୋ ଟେରାନୋଭା | ଡାନିଏଲ ଓଲିଭେରାସ୍ | ବିଆରଏକ୍ସ ହଣ୍ଟର |
| ୫. | ଜିନିଏଲ ଡିଭେଲର୍ସ | ଡେନିସ ମର୍ଫି | ଟୋୟୋଟା |

### ବାଇକ୍ (ଶ୍ରେଷ୍ଠ- ୫)

| ର୍‍ୟାଙ୍କ | ରାଇଡର | ବାଇକ୍ |
|---|---|---|
| ୧. | ସାମ ସଦରଲାଣ୍ଡ | ଗ୍ୟାସ ଗ୍ୟାସ ୪୫୦ |
| ୨. | ପାବ୍ଲୋ କ୍ୱିଷ୍ଟାନିଲା | ହୋଣ୍ଡା ସିଆରଏଫ୍ ୪୫୦ଆର |
| ୩. | ମାଥିଆସ୍ ୱାକନର | କେଟିଏମ୍ ୪୫୦ |
| ୪. | ଆଡ୍ରିଏନ ଭାନ ବେଭେରେନ | ୟାମା ଡବ୍ଲ୍ୟୁଆର୪୫ ୦ଏଫ୍ |
| ୫. | ଜୋନ୍ ବାରେଡା | ହୋଣ୍ଡା ସିଆରଏଫ୍୪୫୦ଆର |

### କ୍ୱାଡ୍ସ (ଶ୍ରେଷ୍ଠ-୫)

| ର୍‍ୟାଙ୍କ | ରାଇଡର | ବାଇକ୍ |
|---|---|---|
| ୧. | ଆଲେକଜାଣ୍ଡର ଗିରୋଡ | ୟାମା ୱାଇଏଫ୍‌ଜେଡ |
| ୨. | ଫ୍ରାନ୍ସିସ୍କୋ ମୋରେନୋ | ୟାମା ରାଫଟର |
| ୩. | କାମିଲ ୱିସ୍‌ନିଏୱିସ୍କି | ୟାମା ରାଫଟର |
| ୪. | ଜେଡ୍‌ଡେନେକ ଟୁମା | ୟାମା ଆରଆର |
| ୫. | କାର୍ଲୋସ୍ ଆଲେଜାଣ୍ଡ୍ରୋ ଭେର୍ଜା | ୟାମା ୱାଇଏଫ୍ଏମ୍ |

### ଟ୍ରକ୍ (ଶ୍ରେଷ୍ଠ- ୫)

| ର୍‍ୟାଙ୍କ | ଡ୍ରାଇଭର | କୋ ଡ୍ରାଇଭର | ଟ୍ରକ |
|---|---|---|---|
| ୧. | ଡିମିଟ୍ରି ସୋଟ୍‌ନିକୋଭ | ରୁଷଲାନ ଅଖମାଡିଭ | କାମାଜ କେ୫ |
| ୨. | ଏଡୁଆର୍ଡୋ ନିକୋଲାଏଭ | ଏଭ୍‌ଗନିଲ ଲାକୋଭଲେଭ | କାମାଜ କେ୫ |
| ୩. | ଅଣ୍ଟୋନ ସିବାଲୋଭ | ଡିମିଟ୍ରିଭ ନିକିଟିନ | କାମାଜ ୪୩୫୦୯ |
| ୪. | ଆନ୍ଦ୍ରେ କାର୍ଗିନୋଭ | ଆନ୍ଦ୍ରେ ମୋକିଭ | କାମାଜ ୪୩୫୦୯ |
| ୫. | ଜାନୁସ ଭାନ କାଷ୍ଟିରିନ | ମାର୍ସେଲ ସ୍ନିଜଡେର୍ସ | ଆଇଭେକୋ ପାୱାରଷ୍ଟାର |

# ବେଜିଂ ୱିଣ୍ଟର ଅଲିମ୍ପିକ୍ସ

**ୱିଣ୍ଟର ଅଲିମ୍ପିକ୍ସର ୨୪ତମ ସଂସ୍କରଣ ଏଥର ଚାଇନା ରାଜଧାନୀ ବେଜିଂରେ ଆୟୋଜନ ହେବ। ପ୍ରଥମ ସହର ଭାବେ ବେଜିଂ ଉଭୟ ୱିଣ୍ଟର ଓ ସମର ଅଲିମ୍ପିକ୍ସର ହଷ୍ଟ ସିଟିର ମାନ୍ୟତା ପାଇବ। ଏହି ମେଗା ଇଭେଣ୍ଟ ଫେବୃୟାରୀ ୪ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବ। ୯୧ଟି ଦେଶରୁ ୨,୮୬୧ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ଭାରତ ପାଇଁ ପୁରୁଷ ଅଲପାଇନ ସ୍କିରେ ଆରିଫ ଖାଁ ପ୍ରତିନିଧିତ୍ୱ କରିବେ...**



ନିର୍ମଳ କୁମାର ମିଶ୍ର

୨୦୨୨ ୱିଣ୍ଟର ଅଲିମ୍ପିକ୍ସ ଚାଇନାର ବେଜିଂଠାରେ ଅନୁଷ୍ଠିତ ହେବ। ଏଥିପାଇଁ ବେଜିଂ ନଗରୀ ପ୍ରସ୍ତୁତ ରହିଛି। ମାତ୍ର ଓମିକ୍ରନ ଭାଇରସର ପ୍ରକୋପ ବଢି ଚାଲିଥିବାରୁ ଏହାର ସଫଳ ଆୟୋଜନକୁ ନେଇ ଚାଇନା ସରକାର ବେଶ୍ ଚିନ୍ତିତ ଅଛନ୍ତି। ସମସ୍ତ କଟକଣା ସତ୍ତ୍ୱେ ଏହାକୁ ସଫଳତାର ସହ ଆୟୋଜନ କରିବା ଏକ ବଡ ଚ୍ୟାଲେଞ୍ଜ ହେବ। ୱିଣ୍ଟର ଅଲିମ୍ପିକ୍ସର ୨୪ତମ ସଂସ୍କରଣ ଫେବୃୟାରୀ ୪ରୁ ଆରମ୍ଭ ହୋଇ ୨୦ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ୯୦ ଦେଶରୁ ପ୍ରାୟ ତିନି ହଜାର ପ୍ରତିଯୋଗୀ ଏହି ମେଗା ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଭାଗ ନେବେ। ୧୦୯ ଇଭେଣ୍ଟର ୧୫ଟି ଶୃଙ୍ଖଳାରେ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। କୁଆଲାଲମ୍ପୁରଠାରେ ଜୁଲାଇ ୨୦୧୫ ଆଇଓସି (ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି)ର ୧୨୮ତମ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରଥମ ଥର ପାଇଁ ଚାଇନାରେ ୱିଣ୍ଟର ଅଲିମ୍ପିକ୍ସ ଅନୁଷ୍ଠିତ ହେବ। ପୂର୍ବରୁ ଚାଇନା ୨୦୦୮ରେ ସଫଳତାର ସହ ସମର ଅଲିମ୍ପିକ୍ସ ଆୟୋଜନ କରିସାରିଛି। ୨ୟ ଥର ପାଇଁ ଏପରି ମେଗା ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ବେଜିଂର ନ୍ୟାଶନାଲ ଷ୍ଟାଡିୟମ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ୨୦୧୪ରେ ବିଡିଂ ପ୍ରକ୍ରିୟାରେ ନରୱେ, କାଜାଖସ୍ତାନ ଏବଂ ଚାଇନା ରହିଥିଲା। ଭୋଟିଂ ପ୍ରକ୍ରିୟାରେ ଚାଇନା ୪୪ ଭୋଟ ପାଇଥିବା ବେଳେ କାଜାଖସ୍ତାନ ୪୦ଟି ଭୋଟ ପାଇ ପଛରେ ରହିଥିଲା। ଅକ୍ଟୋବର ୨୦୨୧ରେ ଚାଇନାର କଳା ଓ ସ୍ଥାପତ୍ୟକୁ ନେଇ ପଦକଗୁଡିକ ପ୍ରସ୍ତୁତ କରାଯାଇଥିଲା। ସେହି ଅକ୍ଟୋବରରେ ଏହି ମେଗା ଇଭେଣ୍ଟ ପାଇଁ ଟର୍ଚ୍ଚ ରିଲେ ଗ୍ରୀସ୍‌ରୁ ଆରମ୍ଭ ହୋଇଥିଲା।

କୋଭିଡ୍ ମହାମାରୀ ଯୋଗୁ ୨୦୨୦ରେ ଟୋକିଓରେ ହେବାକୁ ଥିବା ସମର ଅଲିମ୍ପିକ୍ସକୁ ଆଇଓସି ଏବଂ ଟୋକିଓ ଅଲିମ୍ପିକ୍ସ କମିଟି ୨୦୨୧କୁ ଘୁଞ୍ଚାଇଦେଇଥିଲେ। ପ୍ରବଳ ଚାପ ଏବଂ ବାଦବିବାଦ ସତ୍ତ୍ୱେ ଜାପାନ ସରକାର ଏହାକୁ ସଫଳତାର ସହିତ ଆୟୋଜନ କରିବାକୁ ସକ୍ଷମ ହେବା ସହ ଅନେକ କ୍ଷତି ଭରଣା କରିଥିଲେ। ଶେଷ ମୁହୂର୍ତ୍ତରେ ଅନେକ ଦେଶ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗୀ କୋଭିଡ୍ ପାଇଁ ଏହି ମେଗା ପ୍ରତିଯୋଗିତାରୁ ଓହରି ଯାଇଥିଲେ। ମେଡାଲ ଟାଲିରେ ଭାରତ ଅଲିମ୍ପିକ୍ସ ଇତିହାସରେ ସର୍ବଶ୍ରେଷ୍ଠ ୪୮ତମ ସ୍ଥାନ ହାସଲ କରିବା ସହିତ ସର୍ବାଧିକ ୭ଟି ପଦକ ପାଇଥିଲା। ବର୍ତ୍ତମାନ ଓମିକ୍ରନ ଭାରିଆଣ୍ଟ ବୃଦ୍ଧି ଯୋଗୁ ୱିଣ୍ଟର ଅଲିମ୍ପିକ୍ସ ଅନୁଷ୍ଠିତ ହେବାକୁ ଥିବା ସହରଗୁଡ଼ିକରେ ଲକ୍‌ଡାଉନ୍ ପରିସ୍ଥିତି ସୃଷ୍ଟି ହୋଇଛି। ସାଧାରଣ ଜନତାଙ୍କ ପାଇଁ ଟିକେଟ ବିକ୍ରି ବନ୍ଦ କରାଯିବା ସହିତ ଅଳ୍ପ ନିମନ୍ତ୍ରିତ ଅତିଥିଙ୍କୁ ନେଇ ଷ୍ଟାଡିୟମ୍‌ଗୁଡିକରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।

ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଚାଇନା ସରକାର ପ୍ରାୟ ୩.୯ ବିଲିୟମ ୟୁଏସ୍ ଡଲାର ଖର୍ଚ୍ଚର ଅଟକଳ କରିଛନ୍ତି। ତେବେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଖର୍ଚ୍ଚ ହୋଇଥିବା ୪୩ବିଲିୟନ ୟୁଏସ୍ ଡଲାର ତୁଳନାରେ ୧୦ଭାଗରୁ ୧ଭାଗ ଅଟେ। ଏହି ପ୍ରତିଯୋଗିତାରେ କେତେଗୁଡ଼ିଏ ନୂଆ ଇଭେଣ୍ଟ ସାମିଲ ହୋଇଛି। ସେଗୁଡିକ ମଧ୍ୟରେ ରହିଛି ସ୍କାଇଜମ୍ପିଂ, ଆଇସ୍ ହକି, ସ୍ପିଡ ସ୍କେଟିଂ ପରି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ।

ୱାର୍ଲ୍ଡ ଆଣ୍ଟିଡୋପିଂ ଏଜେନ୍ସି (ୱାଡା) ଦ୍ୱାରା ରୁଷିଆର ପ୍ରତିଯୋଗୀଙ୍କ ଉପରେ ୨୦୧୯ରେ ଲାଗିଥିବା ୪ବର୍ଷର ବାସନ୍ଦ ଦଣ୍ଡ ଉପରେ କୋର୍ଟ ଅଫ୍ ଆର୍ବିଟ୍ରେଶନ୍ ଫର୍ ସ୍ପୋର୍ଟ (କାସ) କିଛି ମାତ୍ରାରେ କୋହଳ କରିଛି। ଏ ନେଇ ରୁଷିଆ ଆପତ୍ତି ଉଠାଇଥିଲା। ଯାହାଫଳରେ ରୁଷିଆର ଖେଳାଳିମାନେ ଅଲିମ୍ପିକ୍ସ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଇପାରିବେ। ପ୍ରଥମ ଥର ପାଇଁ ୱିଣ୍ଟର ଅଲିମ୍ପିକ୍ସରେ ହାଇତି ଓ ସାଉଦି ଆରବ ଭାଗ ନେବେ। କେନିଆ ପ୍ରତିଯୋଗୀ ଶେଷ ମୁହୂର୍ତ୍ତରେ ଓହରିଯିବାରୁ ୯୦ଟି ଦେଶ ଏଥିରେ ଭାଗ ନେବା ନିଶ୍ଚିତ ହୋଇଛି।

ଟୋଙ୍ଗା, ଟୋଗୋ, ଦକ୍ଷିଣ ଆଫ୍ରିକା, ସିଙ୍ଗାପୁର, ନର୍ଥକୋରିଆ, ବରମୁଡା ଓ କେନିଆ ୨୦୨୨ ବେଜିଂ ଅଲିମ୍ପିକ୍ସରେ ଭାଗ ନେଉ ନ ଥିବା ବେଳେ ତ୍ରିନିଦାଦ ଆଣ୍ଡ ଟଗାଗୋ, ପେରୁ ହାଇତି ଏବଂ ଆମେରିକାନ୍ ସାମୋଆ ଭାଗ ନେବେ। ୧୮ଟି ଦେଶରୁ ଜଣେ ଲେଖାଏ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଭାରତରୁ ମଧ୍ୟ ଜଣେ ମାତ୍ର ଖେଳାଳି ଯୋଗଦେବେ। ସର୍ବାଧିକ ୨୨୨ ପ୍ରତିଯୋଗୀ ଆମେରିକାରୁ ଅଂଶଗ୍ରହଣ କରିବେ।

ବିଡିଂ ପ୍ରକ୍ରିୟାରେ ଏହି ମେଗା ପ୍ରତିଯୋଗିତା ଆୟୋଜନ ପାଇଁ ଅନେକ ସମସ୍ୟା ରହିଥିଲା। ମାତ୍ର ସେସବୁ ସମସ୍ୟା ଦୂରେଇ ଯିବା ଫଳରେ ଚାଇନା ଆଶ୍ୱସ୍ତ ହୋଇଛି। ଅନେକଗୁଡିଏ ଦେଶ ସେମାନଙ୍କର ଅଫିସିଆଲମାନଙ୍କୁ ଏହି ପ୍ରତିଯୋଗିତା ପାଇଁ ପଠାଉ ନାହାନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଅଷ୍ଟ୍ରେଲିଆ, ବ୍ରିଟେନ୍, ଜାପାନ, ଆମେରିକା, କାନାଡା, ଡେନମାର୍କ, ଅଷ୍ଟ୍ରିଆ, ନ୍ୟୁଜିଲାଣ୍ଡ, ସ୍ୱିଡେନ, ନେଦରଲାଣ୍ଡ ଏବଂ ଭାରତ। 'ସାଇବର ସିକ୍ୟୁରିଟି' ସମସ୍ୟା ସହିତ ଏନର୍ଜି କ୍ରାଇସେସ୍ ପ୍ରତିଯୋଗିତାର ସଫଳ ଆୟୋଜନ ଉପରେ ପ୍ରଶ୍ନବାଚୀ ଲଗାଇଛି।

ଚଳିତ ବେଜିଂ ୱିଣ୍ଟର ଅଲିମ୍ପିକ୍ସରେ ଭାରତ ପକ୍ଷରୁ ଏକ ମାତ୍ର ପୁରୁଷ ଖେଳାଳି ଆରିଫ୍ ମହମ୍ମଦ ଖାନ୍ ଭାଗନେବେ। ୧୯୬୪ରୁ ଭାରତ ଏପର୍ଯ୍ୟନ୍ତ ୧୦ଟି ସଂସ୍କରଣ ପାଇଁ ୧୫ଜଣ ପ୍ରତିଯୋଗୀଙ୍କୁ ପଠାଇଛି। ଏହାର ମୁଖ୍ୟ କାରଣ ହେଉଛି ଭାରତରେ ୱିଣ୍ଟର ସ୍ପୋର୍ଟ୍ସ କମ୍ ଖେଳାଯାଏ। ତେଣୁ ସମର ଗେମ୍ସଗୁଡିକ ପାଇଁ ଯେପରି ଜ୍ଞାନ କୌଶଳ ପ୍ରୟୋଗ କରାଯାଇଛି ତାହା ୱିଣ୍ଟର ଗେମ୍‌ସ ପାଇଁ ଆଦୌ ଦେଖାଯାଏ ନାହିଁ। ୱିଣ୍ଟର ଗେମ୍ସରେ ଭାରତର ପଦକ ସଂଖ୍ୟା ଶୂନ। ୧୯୬୪ରେ ଜେର୍ମି ବୁଡାକୋସ୍କି ପ୍ରଥମ ଭାରତୀୟ ରୂପେ ଆଲପାଇନ୍ ସ୍କି ଇଭେଣ୍ଟରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୈଲଜାକୁମାରୀ ନେହା ଆହୁଜା, ଗୁଲ ଦେଭ୍ କିଶୋର ରନ୍ ରାୟ, ଶିଭା କେଶଭନ୍, ହିମାଂଶୁ ଠାକୁର, ଜଗଦୀଶ ସିଂଙ୍କ ପରି ଖେଳାଳି ବିଭିନ୍ନ ସଂସ୍କରଣରେ ଭାଗ ନେଇଥିଲେ। ୨୦୦୬ରେ ଭାରତ ପକ୍ଷରୁ ୪ଜଣ ପ୍ରତିଯୋଗୀ ଯାହାକି ୱିଣ୍ଟର ଅଲିମ୍ପିକ୍ସରେ ସର୍ବାଧିକ ସଂଖ୍ୟାରେ ଯୋଗଦେଇଥିଲେ।

ଆଗାମୀ ସଂସ୍କରଣରେ ଏକମାତ୍ର ଖେଳାଳି ରୂପେ ମହମ୍ମଦ ଆରିଫ ଖାନ୍ ସାଉଥ ଏସିଆନ୍ ସାଲୋମ ଚାମ୍ପିୟନ ଯିଏକି ଆଲପାଇନ୍ ସ୍କିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୨୦୧୮ ୱିଣ୍ଟର ଅଲିମ୍ପିକ୍ସ (ପେଙ୍ଗଚାଙ୍ଗ)ରେ ନରୱେ ୧୪ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୧୧ ବ୍ରୋଞ୍ଜ ସହ ମୋଟ ୩୯ଟି ପଦକ ପାଇ ଟେବୁଲ ଶୀର୍ଷରେ ରହିଥିଲା। ସେହିପରି ଜର୍ମାନୀ ୩୧, କାନାଡା ୨୯ ଏବଂ ଆମେରିକା ୨୩ ପଦକ ସହ ଟପ୍-୪ ଫିନିଶ୍ କରିଥିଲେ।

### ସଂସ୍କରଣ: ୨୪

ହଷ୍ଟ ସିଟି: ବେଜିଂ
ଦେଶ: ୯୧
ଆଥଲେଟ୍: ୨,୮୬୧
ଇଭେଣ୍ଟ: ୭ କ୍ରୀଡ଼ା (୧୫ ବର୍ଗ)ର ୧୦୯
ଆରମ୍ଭ: ଫେବୃୟାରୀ ୪
ଶେଷ: ୨୦ ଫେବୃୟାରୀ
ଷ୍ଟାଡିୟମ: ବେଜିଂ ନ୍ୟାଶନାଲ ଷ୍ଟାଡିୟମ






ବେଜିଂ ନ୍ୟାଶନାଲ ଷ୍ଟାଡିୟମ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶୁକ୍ରବାର, ଜାନୁୟାରୀ ୨୮/୨୦୨୨ Rayagada, Friday, January 28/ 2022


## ସେମିଫାଇନାଲରୁ ବିଦାୟ ନେଲା ଭାରତ

**ମସ୍କାଟ, ୨୭ା୧ (ପି.ଟି.):** ଭାରତୀୟ ମହିଳା ହକି ଦଳ ଏସିଆ କପ୍ ହକି ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇପାରି ନାହିଁ। ଦଳ ବୁଧବାର ଅନୁଷ୍ଠିତ ସେମିଫାଇନାଲରେ କୋରିଆଠାରୁ ୨-୩ ଗୋଲରେ ହାରିଯାଇଛି। ଏହି ମ୍ୟାଚରେ ଖେଳର ୨୮ତମ ମିନିଟ୍‌ରେ ବନ୍ଦନା କାଟାରିଆ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ହେଲେ ପରେ ଅଧିନାୟିକା ଏନୁବି ଚେଅନ୍ (୩୧ତମ ମିନିଟ), ସେଅଙ୍ଗ ଜୁ ଲି (୪୫ତମ) ଓ ହାଇଜିନ୍ ଚୋ (୪୭ତମ) ଗୋଲ ସ୍କୋର କରି ମ୍ୟାଚକୁ କୋରିଆ ସପକ୍ଷରେ ନେଇ ଆସିଥିଲେ। ଶୁକ୍ରବାର ତୃତୀୟ-ଚତୁର୍ଥ ସ୍ଥାନ ପାଇଁ ଖେଳାଯିବାକୁ ଥିବା ମ୍ୟାଚରେ ଭାରତ ଚାଇନା ସହ ମୁକାବିଲା କରିବ। ଜାପାନ ୨-୧ ଗୋଲରେ ଚାଇନାକୁ ପରାସ୍ତ କରି ଅନ୍ୟତମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ଦଳ ଫାଇନାଲରେ କୋରିଆକୁ ଭେଟିବ।




## ଶ୍ୱେତପର୍ଣ୍ଣା କ୍ୱାର୍ଟର ଫାଇନାଲରେ



**ଭୁବନେଶ୍ୱର, ୨୭ା୧ (କ୍ରୀଡ଼ା ପ୍ରତିନିଧି):** କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡା ପ୍ରବେଶ କରିଛନ୍ତି। ସେ ଏହି ଇଭେଣ୍ଟରେ ବି. ଯାଦବଙ୍କୁ ସାଥିକରି ଖେଳୁଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଣସିଡେଡ ମିଥୁନ ମଞ୍ଜୁନାଥ ୭ମ ସିଡ୍ ମାଲେସିଆର ଜୁନ୍ ୱେଇ ଚିମ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ମଞ୍ଜୁନାଥ ମାତ୍ର ୪୦ ମିନିଟ ନେଇ ଚେମ୍‌ଙ୍କୁ ୨୧-୧୧, ୨୧-୧୮ରେ ପରାସ୍ତ କରିଥିଲେ। ବୁଧବାର ୬ଷ୍ଠ ସିଡ୍ କାନାଡ଼ାର ଜିଆଓଡଙ୍ଗ ଶେଙ୍ଗ୍‌ଙ୍କୁ ହରାଇଥିବା ତୃତୀୟ ସିଡ୍ ଭାରତର ଶୁଭଙ୍କର ଦେଗୁରୁବାର ୮ମ ସିଡ୍ ରାହୁଲ ଯାଦବ ଚିତାବୋନିଆଙ୍କୁ ୨୧-୧୬, ୨୧-୧୪ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କିରନ ଜର୍ଜ

**ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ**

ମଧ ନିଜ ଦେଶର ଚିରାଗ ସେନ୍‌ଙ୍କୁ ୨୧-୧୨, ୨୧-୧୩ରେ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଶୁଭଙ୍କର ଓ ଜର୍ଜଙ୍କ ମଧ୍ୟରେ ମୁକାବିଲା ହେବ। ମହିଳା ସିଙ୍ଗଲ୍ସରେ ଭାରତୀୟ ଯୁବ ବ୍ୟାଡ୍‌ମିଣ୍ଟନ ପ୍ରତିଭା ମାଳବିକା ବନସୋଦ ନିଜ ଦେଶର ଜୁନିୟର ନମ୍ବର ୱାନ୍ ତନସିମ ମୀରଙ୍କୁ ସିଧାସଳଖ ୨୧-୧୩, ୨୧-୧୫ଗେମ୍‌ରେ ହରାଇଛନ୍ତି। ୫ମ ସିଡ୍ ଅସ୍ମିତା ଚାଲିହା ସାଥି ଖେଳାଳି ଅନୁପମା ଉପାଧ୍ୟାୟଙ୍କୁ ୨୧-୧୭, ୨୧-୧୬ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚାଲିହା କ୍ୱାର୍ଟରରେ ରୁଚା ସାୱନ୍ତଙ୍କୁ ଭେଟିବେ। କ୍ୱାଲିଫାୟର ଉନ୍ନତି ହୁଡା ୮ମ ସିଡ୍ ଆମେରିକାର ଦିଶା ଗୁପ୍ତାଙ୍କୁ ୨୧-୬, ୨୧-୯ରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସରେ ଭାରତୀୟ ଯୋଡ଼ି ଧ୍ରୁବ ରାୱତ ଓ ଶିଖା ଗୌତମ ୧୧-୨୧, ୧୪-୨୧ରେ ଶ୍ରୀଲଙ୍କା ଯୋଡ଼ି ସଚିନ ଡିଆସ ଓ ଥିଲିନି ହେଣ୍ଡାହେୱାଙ୍କଠାରୁ ହାରି ଯାଇଛନ୍ତି।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ